୬ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ଆରମ୍ଭ ହେବ ହକି ଇଣ୍ଡିଆ ଲିଗ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00
● ବର୍ଷ-୩୧ ● ସଂଖ୍ୟା-୩୨୨ ● ୨୧ ଡିସେମ୍ବର ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-322 ● 21st December 2024, Saturday ● Bhubaneswar | Licensed to post without pre-payment of postage No- BN-60/25-27

## ଶାସକ-ବିରୋଧୀଙ୍କ ମଧ୍ୟରେ ମାରପିଟ୍

# ସଂସଦର ଶୀତ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ଯାଏଁ ମୁଲତବୀ

**ନୂଆଦିଲ୍ଲୀ, ୨୦।୧୨**

ଡିସେମ୍ବର ୧୯ରେ ସଂସଦ ଭବନ ପରିସରରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏହାକୁ ନେଇ ଶୁକ୍ରବାର ଉଭୟ ପକ୍ଷ ବିକ୍ଷୋଭ ପ୍ରଦର୍ଶନ କରିବାରୁ ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବୀ ଘୋଷଣା କରାଯାଇଛି।

ସରିଛି ସଂସଦର ଶୀତ ଅଧିବେଶନ। ଶୁକ୍ରବାର ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ତେବେ ଶୀତ ଅଧିବେଶନରେ ଲୋକସଭାର ପରିବେଶ ବେଶ ଗରମ ରହିଥିଲା। ସ୍ଥିତି ଏପରି ହୋଇଥିଲା ଯେ ଗୃହ କାର୍ଯ୍ୟ ସ୍ୱାଭାବିକ ବାତାବରଣ ମଧ୍ୟରେ ଚାଲିପାରିନଥିଲା।



ଶୀତ ଅଧିବେଶନର ତୃତୀୟ ପର୍ଯ୍ୟାୟରେ ମୁଲତବୀ ଓ ହଟ୍ଟଗୋଳ ଯୋଗୁ ଲୋକସଭାର ୬୫ ଘଣ୍ଟାର ମୂଲ୍ୟବାନ ସମୟ ଅପଚୟ ହୋଇଯାଇଛି। ସେହିପରି ୩ଟି ଯାକ ଅଧିବେଶନରେ ଲୋକସଭା ୭୧ ଘଣ୍ଟାରୁ ଅଧିକ ସମୟ କୌଣସି କାମ କରିନାହିଁ । ଶୀତ ଅଧିବେଶନର ତୃତୀୟ ପର୍ଯ୍ୟାୟ ନଭେମ୍ବର ୨୫ରେ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଶେଷ ହୋଇଛି।

ସରକାରୀ ତଥ୍ୟ ଅନୁସାରେ, ଶୀତ ଅଧିବେଶନରେ ଲୋକସଭାରେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି। ଏଥିଯୋଗୁ ଶୀତ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଲୋକସଭାର ୫ ଘଣ୍ଟା ୩୭ ମିନିଟ, ଦ୍ୱିତୀୟ ପର୍ଯ୍ୟାୟରେ ୧ ଘଣ୍ଟା ୫୩ ମିନିଟ ଓ ତୃତୀୟ ପର୍ଯ୍ୟାୟରେ ୬୫ ଘଣ୍ଟା ୧୫ ମିନିଟ ସମୟ ନଷ୍ଟ ହୋଇଛି।

ଲୋକସଭାରେ ବିତର୍କ ସମୟକୁ ବିଚାରକୁ ନେଲେ ପ୍ରଥମ ପର୍ଯ୍ୟାୟରେ ୩୪.୧୬ ଘଣ୍ଟା, ଦ୍ୱିତୀୟ ପର୍ଯ୍ୟାୟରେ ୧୧୫.୨୧ ଘଣ୍ଟା ବିଭିନ୍ନ ପ୍ରସଙ୍ଗରେ ବିତର୍କ ହୋଇଥିଲା। କିନ୍ତୁ ତୃତୀୟ ପର୍ଯ୍ୟାୟରେ ଗୃହ ଆଦୌ ଠିକ ଭାବେ ଚାଲି ପାରିନଥିଲା । ଏହି *(ପୃଷ୍ଠା ୭ରେ)*

# ଉପମୁଖ୍ୟମନ୍ତ୍ରୀ ଦେଲେ ପ୍ରତିଶ୍ରୁତି : ବିକଶିତ ହୋଇ ହସିବ ବଣ୍ଡାଘାଟି

**ମାଲକାନଗିରି, ୨୦।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ମାଲକାନଗିରି ଜିଲ୍ଲାର ବଣ୍ଡାଘାଟିକୁ ବିକଶିତ କରିବେ। ଏଠାରେ ବସବାସ କରୁଥିବା ଆଦିମ ଜନଜାତିଙ୍କୁ ମୌଳିକ ସୁବିଧା ମିଳିବ। ସରକାରୀ ଯୋଜନାରୁ ବଣ୍ଡା ଜନଜାତିର ଲୋକେ ବଞ୍ଚିତ ହେବେ ନାହିଁ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶୁକ୍ରବାର ବଣ୍ଡାଘାଟିକୁ ଗସ୍ତ କରିବା ଅବସରରେ ଏହି ପ୍ରତିଶ୍ରୁତି ଦେଇଛନ୍ତି । ସୁଭଦ୍ରା ଯୋଜନାରୁ ଏଠାକାର କେହି ମହିଳା ବଞ୍ଚିତ ହେବେ ନାହିଁ ଏବଂ ବଣ୍ଡାଘାଟି ଅଞ୍ଚଳରେ ଆବାସ ଯୋଜନା ପହଞ୍ଚାଇବା ଦିଗରେ ସରକାରଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ପହଞ୍ଚିବା ପରେ ଶ୍ରୀମତୀ ପରିଡା ସ୍ଥାନୀୟ ଜନତାଙ୍କର ଦାବି ପୂରଣ ହେବ ବୋଲି କହିଛନ୍ତି। ସେ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁସାରେ ଆଗାମୀ ଦିନରେ ବଣ୍ଡାଘାଟିରେ ଆବାସ ଯୋଜନା ପାଇଁ ଅଧିକ ୫୦ ହଜାର ଟଙ୍କା ଯୋଗାଇ ଦିଆଯିବ। ସେହିପରି ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଥିବା ୨୯୩୨



ହିତାଧିକାରୀଙ୍କ ଘରକୁ ପ୍ରଶାସନ ପହଞ୍ଚି ସର୍ଭେ କରାଯିବ ବୋଲି ସେ କହିଛନ୍ତି।

ବଣ୍ଡା ଜନଜାତିଙ୍କ ସହ ଆଲୋଚନା ବେଳେ ଘାଟିରେ ପାନୀୟ ଜଳ, ଯୋଗାଯୋଗ, ମୋବାଇଲ ଟାୱାର ସମସ୍ୟା ସହିତ ଲକ୍ଷ୍ମୀ ବସ୍ ସୁବିଧା ପରି ଅନେକ ସମସ୍ୟାକୁ ନେଇ ବଣ୍ଡା ଜନଜାତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ଜଣାଇଥିଲେ। ଖୁବଶୀଘ୍ର ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଏହା ସହ ଅମାକୁଣ୍ଡ ଓ ସୀତାକୁଣ୍ଡ ପର୍ଯ୍ୟଟନର ବିକାଶ ସହ ଭୁବନେଶ୍ୱରରେ ବଣ୍ଡା ଜନଜାତିଙ୍କ ପାରମ୍ପରିକ ବେଶଭୁଷା ବିକ୍ରି ପାଇଁ ବଜାରରେ ଏକ ଗୃହର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଶୁକ୍ରବାର ଦିନ ୧୨ଟା ସମୟରେ କୋରାପୁଟ ଠାରୁ ବଣ୍ଡାଘାଟିକୁ ସଡ଼କ ପଥରେ ପହଞ୍ଚିଥିଲେ। ବର୍ଷା ସତ୍ତ୍ୱେ□ ସେ କାର ଯୋଗେ ବଣ୍ଡାଘାଟିରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ। ପ୍ରଥମେ ବଣ୍ଡା ଉନ୍ନୟନ କକ୍ଷରେ ବଣ୍ଡା ମହିଳାଙ୍କ ସହ ଆଲୋଚନା କରିଥିଲେ। ବଣ୍ଡା ମହିଳାମାନେ ସେମାନଙ୍କର ପାରମ୍ପରିକ ମାଳି ଉପମୁଖ୍ୟମନ୍ତ୍ରୀଙ୍କୁ ପିନ୍ଧାଇ ସ୍ୱାଗତ ଜଣାଇଥିଲେ। *(ପୃଷ୍ଠା ୭ରେ)*

# +୨ ପରୀକ୍ଷା ପ୍ରସ୍ତୁତି ଆରମ୍ଭ



**ଭୁବନେଶ୍ୱର, ୨୦।୧୨**
**ନ୍ୟୁଜ୍ ବ୍ୟୁରୋ**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ତାରିଖ ଘୋଷଣା ସହ ପରୀକ୍ଷା କେନ୍ଦ୍ର ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ୧୨୭୬ କେନ୍ଦ୍ରରେ ଥିଓରି ପରୀକ୍ଷା ଅନୁଷ୍ଠିତ ହେବ। ତାପୂର୍ବରୁ ଜାନୁଆରୀ ୨ରୁ ୧୨ ତାରିଖ ମଧ୍ୟରେ ପ୍ରାକ୍ଟିକାଲ୍ ପରୀକ୍ଷା କରାଯିବ। ତାହାକୁ ଦୃଷ୍ଟିରେ ରଖି ଆସନ୍ତା ୨୩ ତାରିଖଠାରୁ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଉତ୍ତର ଖାତା ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ କାଗଜପତ୍ର ପଠାଇବାକୁ ନିଷ୍ପତ୍ତି ନିଆଯାଇଛି। ଉଭୟ ଥିଓରି ଓ ପ୍ରାକ୍ଟିକାଲ୍ ପରୀକ୍ଷା ପାଇଁ ଆବଶ୍ୟକୀୟ ଫର୍ମ, ସାଧା ଉତ୍ତର ଖାତା ଏବଂ ପ୍ରାକ୍ଟିକାଲ ପରୀକ୍ଷାର ପ୍ରଶ୍ନପତ୍ର ଓ ମାର୍କ ଫୁଏଲ୍ ସିଏଚ୍ଏସ୍ଇ ମୁଖ୍ୟାଳୟରୁ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପଠାଯିବ ବୋଲି ପରିଷଦର ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

ଡିସେମ୍ବର ୨୩ରୁ ୩୧ ମଧ୍ୟରେ ପରୀକ୍ଷା *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ନୂଆବର୍ଷରୁ ଚାଷୀଙ୍କ ପଞ୍ଜିକରଣ ଆରମ୍ଭ, ମିଳିବ ୟୁନିକ୍ ନମ୍ବର

**ଭୁବନେଶ୍ୱର, ୨୦।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ମୋହନ ଚରଣ ମାଝୀ ସରକାର ପ୍ରକୃତ ଚାଷୀ ଚିହ୍ନଟ ସହ ସରକାରୀ ପାଣ୍ଠିର ଅନିୟମିତତାକୁ ରୋକିବା ପାଇଁ ରାଜ୍ୟରେ ଚାଷୀ ପଞ୍ଜିକରଣ ଡାଟାବେସ ପ୍ରସ୍ତୁତ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି ।

ରାଜ୍ୟର ସମସ୍ତ ଚାଷୀଙ୍କ କୁଣ୍ଡଳୀ(ବ୍ୟକ୍ତିଗତ ତଥ୍ୟ) ସରକାରଙ୍କ ପାଖରେ ରହିବ । ଏଥିପାଇଁ ସମସ୍ତ ଚାଷୀଙ୍କ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ଏହି ଚାଷୀ ପଞ୍ଜିକରଣ ପ୍ରସ୍ତୁତ ନିମନ୍ତେ ଜାନୁୟାରୀ ପହିଲାରୁ ପ୍ରତି ପଞ୍ଚାୟତରେ ଶିବିର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ପ୍ରତ୍ୟେକ ଚାଷୀଙ୍କୁ ୧୪ଟିକିଆ ନମ୍ବର ବିଶିଷ୍ଟ ସ୍ୱତନ୍ତ୍ର ଆଇଡି ନମ୍ବର ଓ କାର୍ଡ ମିଳିବ। ଯାହାମାଧ୍ୟମରେ ଚାଷୀଙ୍କ ଚିହ୍ନଟ ହେବା ସହ



ତାଙ୍କୁ ସିଧାସଳଖ ସରକାରଙ୍କ ସବୁ ସୁବିଧା ଓ ଯୋଜନାର ଲାଭ ମିଳିପାରିବ । ଚାଷୀ ସହାୟତାର ବାଟମାରଣାରେ ପୂର୍ଣ୍ଣଚ୍ଛେଦ ପକାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପିଏମକିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, ସିଏମ-କିଷାନ, ଫସଲ ଋଣ, ଅନ୍ୟାନ୍ୟ ସମସ୍ତ କୃଷି ସବସିଡିକୁ ପାରଦର୍ଶିତାର ସହ ପ୍ରଦାନ ନିମନ୍ତେ ଏହି ଡିଜିଟାଲ ଡାଟାବେସ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି ।

ରାଜ୍ୟରେ ମୋହନ ଚରଣ ମାଝୀ ସରକାର ପ୍ରକୃତ ଚାଷୀ ଚିହ୍ନଟ ସହ ସରକାରୀ ପାଣ୍ଠିର ଅନିୟମିତତାକୁ ରୋକିବା ପାଇଁ ରାଜ୍ୟରେ ଚାଷୀ *(ପୃଷ୍ଠା ୭ରେ)*

# ବଦଳିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଡିଜାଇନ୍

**ଭୁବନେଶ୍ୱର, ୨୦।୧୨**
**ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଡିଜାଇନ ଖୁବ ଶୀଘ୍ର ପରିବର୍ତ୍ତନ ହେବ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏନେଇ ସୂଚନା ଦେଇଛନ୍ତି। ପୁରୁଣା ଡିଜାଇନର ଆଉ କିଛି ନବୀକରଣ କରାଯାଇ ଏକ ନୂତନ ଡିଜାଇନ ହେବ। ବିଶେଷ କରି ବିଭିନ୍ନ ପ୍ରକାରର ଯଜ୍ଞ ମଣ୍ଡପ ପାଇଁ ବ୍ୟବସ୍ଥା କରାଯିବ। ଯେହେତୁ ଲୋକମାନଙ୍କର ଧାର୍ମିକ ଭାବନା ଏହି ପ୍ରକଳ୍ପ ସହିତ ଜଡିତ, ଏହି ବିଷୟରେ ଆଲୋଚନା ଚାଲିଛି । ଆଇନ ମନ୍ତ୍ରୀ କହିଛନ୍ତି ଯେ ଦୁଇରୁ ତିନି ମାସ ମଧ୍ୟରେ କାମ ଆରମ୍ଭ ହେବ।

ସେହିଭଳି ମନ୍ଦିରରେ ନୂତନ ବର୍ଷ ପାଇଁ ସ୍ୱତନ୍ତ୍ର ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି । ପ୍ରଭୁ ଜଗନ୍ନାଥଙ୍କୁ ନାଟ ମଣ୍ଡପରୁ ଗରୁଡ ସ୍ତମ୍ଭ ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବରେ ଦର୍ଶନ ବ୍ୟବସ୍ଥା କରାଯାଇଛି । ସାଧାରଣ ଲୋକଙ୍କ ସହିତ ଏବଂ ବୟସ୍କ ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ।




ସୂଚନା ଅନୁଯାୟୀ ପରିକ୍ରମା ପ୍ରକଳ୍ପ ବ୍ୟତୀତ ଏହା ଉଲ୍ଲେଖଯୋଗ୍ୟ ଯେ ଓବିସିସି ଦ୍ୱାରା ହୋଇଥିବା ଆଲୋଚନା ଅନୁଯାୟୀ ର‌୍ୟାମ୍ପ ସିଷ୍ଟମ ନୂଆ ବର୍ଷ ସୁଦ୍ଧା ଶେଷ ହେବ। ସୂଚନା ଅନୁଯାୟୀ ଯଦିଓ ନୂତନ ଦର୍ଶନଲାଗୁ ହେବାକୁ ଥିବା ନୂତନ ଦର୍ଶନ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଚିତ୍ର ପ୍ରକାଶ କରାଯାଇ ନାହିଁ, ସୂଚନା ଅନୁଯାୟୀ ଏକ ୬ ଲେନ ବିଶିଷ୍ଟ ବ୍ୟାରିକେଡ ନିର୍ମାଣ କରାଯିବ। ବ୍ୟାରିକେଡ ଏବଂ ର‌୍ୟାମ୍ପ କାଠରେ ତିଆରି ହେବ। ପ୍ରଥମ ଧାଡି ଭିନ୍ନକ୍ଷମଙ୍କ ଦ୍ୱାରା ବ୍ୟବହୃତ ହେବ। ଦ୍ୱିତୀୟ ଧାଡି ଶିଶୁ ଏବଂ ମହିଳାମାନଙ୍କ ଦ୍ୱାରା ବ୍ୟବହୃତ ହେବ। ପରବର୍ତ୍ତୀ ଧାଡି ବୟସ୍କ ନାଗରିକଙ୍କ ଦ୍ୱାରା ବ୍ୟବହୃତ ହେବ ଅବଶିଷ୍ଟ ଧାଡି ପୁରୁଷମାନଙ୍କ ଦ୍ୱାରା ବ୍ୟବହୃତ ହେବ।

ଅନ୍ୟପକ୍ଷରେ ଯେଉଁମାନେ ଦର୍ଶନ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଗରୁଡ଼ ସ୍ତମ୍ଭ ପଛରେ ଏକ ସ୍ୱତନ୍ତ୍ର ର‌୍ୟାମ୍ପ ନିର୍ମାଣ କରାଯାଉଛି। ଅନ୍ୟପକ୍ଷରେ ପୂର୍ବତନ ପରିଚାଳନା କମିଟି ସଦସ୍ୟ କହିଛନ୍ତି ଯେ ର‌୍ୟାମ୍ପ ଏବଂ ବ୍ୟାରିକେଡ ବ୍ୟବସ୍ଥାର ଆକାର କଣ ହେବ, କେତେ ଉଚ୍ଚ ହେବ ଏବଂ କିପରି ଏକ ଭୋଗ ମଣ୍ଡପ ନିର୍ମାଣ ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ଆବଶ୍ୟକ।

# ବାଂଲାଦେଶ ଓ ପାକିସ୍ତାନରେ ବଢ଼ି ଚାଲିଛି ହିନ୍ଦୁ ବିରୋଧୀ ହିଂସା

**ନୂଆଦିଲ୍ଲୀ, ୨୦।୧୨**

୨୦୨୪ ବର୍ଷରେ ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସାର ସଂଖ୍ୟା ୨୨୦୦ ରହିଛି। ବିଶେଷ କରି ଶେଖ ହସିନାଙ୍କ ଆବାମୀ ଲିଗ ସରକାର ଭୁଶୁଡ଼ିବା ପରେ ହିନ୍ଦୁଙ୍କ ବିରୋଧରେ ଅତ୍ୟାଚାର ବଢ଼ିଛି।

ଭାରତର ଦୁଇ ପଡ଼ୋଶୀ ବାଂଲାଦେଶ ଓ ପାକିସ୍ତାନରେ ହିନ୍ଦୁ ବିରୋଧୀ ହିଂସା ବଢ଼ିବାରେ ଲାଗିଛି । ବାଂଲାଦେଶ ତୁଳନାରେ ପାକିସ୍ତାନରେ ହିନ୍ଦୁ ବିରୋଧୀ ହିଂସା କମ ରହିଥିଲେ ହେଁ ଗତବର୍ଷ ତୁଳନାରେ ଏହା ସାମାନ୍ୟ ବଢ଼ିଛି।

୨୦୨୪ ବର୍ଷରେ ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସାର ସଂଖ୍ୟା ୨୨୦୦ ରହିଛି। ବିଶେଷ କରି ଶେଖ ହସିନାଙ୍କ ଆବାମୀ ଲିଗ ସରକାର ଭୁଶୁଡ଼ିବା ପରେ ହିନ୍ଦୁଙ୍କ ବିରୋଧରେ ଅତ୍ୟାଚାର ବଢ଼ିଛି । ସେହିପରି ପାକିସ୍ତାନରେ ଚଳିତ ବର୍ଷ ୧୧୨ଟି ହିନ୍ଦୁ ବିରୋଧୀ ହିଂସା କାଣ୍ଡ ଘଟିଥିବା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟସଭାରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏପରି ତଥ୍ୟ ଉପସ୍ଥାପନ କରାଯାଇଛି। ଏଥିସହ ଉଭୟ ବାଂଲାଦେଶ ଓ ପାକିସ୍ତାନକୁ ଭାରତ ସରକାର ଚିଠି ଲେଖି ସେମାନଙ୍କ ଦେଶରେ ରହୁଥିବା ହିନ୍ଦୁମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବାକୁ କହିଛନ୍ତି।

ମନ୍ତ୍ରଣାଳୟର ବିବୃତିରେ କୁହାଯାଇଛି ଯେ ସରକାର ଘଟୁଥିବା ଘଟଣାକୁ ବେଶ ଗୁରୁତର ସହ ନେଇଛନ୍ତି । ଏଥିସହ ନିଜର ଚିନ୍ତାକୁ ବାଂଲାଦେଶ ସରକାରଙ୍କୁ ଜଣାଇଛନ୍ତି। ଭାରତ ସରକାର ଆଶା ରଖିଛନ୍ତି ଯେ, ବାଂଲାଦେଶର *(ପୃଷ୍ଠା ୭ରେ)*

# ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଲଗାଣ ବର୍ଷା ଜାରି

**ଭୁବନେଶ୍ୱର, ୨୦।୧୨**
**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୧୨ ଘଣ୍ଟାରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଅବପାତରେ ପରିଣତ ହେବା ପରେ ଏହା ଉତ୍ତର-ଉତ୍ତରପୂର୍ବ ଦିଗକୁ ଗତି କରିବ ଏବଂ ତାପରବର୍ତ୍ତୀ ୨୪ ଘଣ୍ଟା ଯାଏ ସେହି ଅବପାତ ହୋଇ ରହିବ। ଏହାର ପ୍ରଭାବରେ ରାଜ୍ୟର ଉପକୂଳ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଶୁକ୍ରବାର ବର୍ଷା ଲାଗି ରହିଥିବା ବେଳେ ଶନିବାର ମଧ୍ୟ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଆଗାମୀ ୩ ଦିନରେ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ତାପରେ ରାଜ୍ୟର ବିଭିନ୍ନ



ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରାରେ ୨-୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି।

ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଶନିବାର ସକାଳ ସାଢେ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଅନେକ ସ୍ଥାନରେ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର *(ପୃଷ୍ଠା ୭ରେ)*

# ଡିସେମ୍ବର ୨୩ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି




**ଭୁବନେଶ୍ୱର, ୨୦।୧୨**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ୨୩ ତାରିଖ ସୋମବାରରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ସରକାରୀ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଡିସେମ୍ବର ୨୩ରେ ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଶୁଣାଣି ବନ୍ଦ ରହିବ ଏବଂ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଜରିଆରେ ଜଣାଇ *(ପୃଷ୍ଠା ୭ରେ)*

## ଏକାଳ ସକାଳ



ପରିବାପତର ଆଳୁ ଦରରେ
ଜୀବନଟା ଛଟପଟ
ଇଲେକ୍ଟ୍ରି ବିଲ୍ ବଢିବା ଆଶଙ୍କା
ହୃଦୟରେ କରେ ଫାଟ
ଯିବାକୁ ରହିବେନି କେହି ତୁଠ
ବିଜୁଳି ଦର ସତରେ ବଢିଲେ
ପ୍ରାଣ ଛାଡିବାକୁ ନାହିଁ ମଠ।

# ନୂଆବର୍ଷ ପାଳନ ବେଳେ ଅବକାରୀ ନିୟମ ଉଲଂଘନ କଲେ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର, ୨୦।୧୨**
**ନ୍ୟୁଜ୍ ବ୍ୟୁରୋ**

କ୍ୟାଲେଣ୍ଡର ବର୍ଷ-୨୦୨୪ ସରିସରି ଆସୁଛି । ବର୍ଷ ଶେଷ ହେଉଥିବାରୁ ଯୁବପିଢ଼ି ଏକ ପ୍ରକାର ଉତ୍ସାହିତ ଲୟରେ ଦେଖାଯାଉଛନ୍ତି । ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଲାଣି। ବର୍ଷର ଅନ୍ତିମ ସପ୍ତାହରେ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଅଧିକ ଭିଡ଼ ରହିପାରେ । ମନ୍ଦିର, ପାହାଡ଼ ନିକଟରେ ଥିବା ଜଳପ୍ରପାତ, ବେଳାଭୂମି ନିକଟ ଝାଉଁବଣ, ନଦୀ-ନାଳକୂଳରେ ଭୋଜିର ଆସର ଅଧିକ ଜମିବ। ସବୁଠାରୁ ବର୍ଷର ଶେଷ ରାତିରେ ଓ ନୂଆବର୍ଷର ପ୍ରଥମ ରାତିରେ ଜୋରଦାର ଉତ୍ସବ ପାଳନ ହେବ। ଜିରୋ ନାଇଟ୍ ଭାବେ ଅଧିକ ଜଣାଶୁଣା ଏହି ମୁହୂର୍ତ୍ତ ତଥା ୨୦୨୫ ଜାନୁଆରୀ ୧ ତାରିଖ ରାତି ୧୨ଟା ପରଠାରୁ ବିଳମ୍ବିତ ସମୟ ଯାଏଁ ଯୁବପିଢି ଅଧିକ ଉତ୍ସାହିତ ହେବେ। ଗ୍ରାମାଞ୍ଚଳ ତୁଳନାରେ ସହରିଆ ଲୋକେ ଅଧିକ ମଜାମସ୍ତି କରିବେ।

ଆସନ୍ତା ଡିସେମ୍ବର ୩୧ ତାରିଖରେ ଜିରୋ ନାଇଟ ଆୟୋଜନ ପାଇଁ ଅବକାରୀ ବିଭାଗର ଅନୁମତି ଦରକାର ବୋଲି କୁହାଯାଇଛି। ଅବକାରୀ ବିଭାଗର ଅନୁମତି ନଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅବକାରୀ କମିଶନର *(ପୃଷ୍ଠା ୭ରେ)*

# ପଞ୍ଚସଖା ଶିକ୍ଷା ସେତୁ ଯୋଜନା: ଗଠନ ହେବ ରାଜ୍ୟ, ଜିଲ୍ଲାସ୍ତରୀୟ କମିଟି



**ଭୁବନେଶ୍ୱର, ୨୦।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପଞ୍ଚସଖା ଶିକ୍ଷା ସେତୁ ଯୋଜନା ଲାଗୁ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଏନେଇ ବିଜ୍ଞପ୍ତି ଜାରି ହୋଇଛି । ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନକୁ ବଦଳାଇ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ନାମରେ ନାମିତ କରାଯାଇଛି । ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନର ସମସ୍ତ ଅଧିକାର ଏବଂ ପାଣ୍ଠି ଓ କର୍ମଚାରୀଙ୍କୁ ପଞ୍ଚସଖା ଶିକ୍ଷା ସେତୁ ସଂଗଠନକୁ ଆଇନଗତ ଭାବେ ହସ୍ତାନ୍ତର କରାଯିବ। ଏହି ସଂଗଠନର ମୁଖ୍ୟ ରହିବେ ମୁଖ୍ୟ ଶାସନ ସଚିବ । କମିଟିର *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଡିସେମ୍ବର ୨୦୨୪ ଶନିବାର





# ସରକାରୀ ଯୋଜନା ଆଳରେ ହୁଡ଼ି ଖୋଳିଲେ, ପଥର ବିକିଲେ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ମଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ଘୁଟୁରୁ ହୁଡ଼ିକୁ ସରକାରଙ୍କ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ କରାଇବା ନାଁରେ ଘୁଟୁରୁ ଜେନା ସାହି ମୁକ୍ତାପୁର ହୁଡ଼ିକୁ ଖୋଳି ଏକ ବର୍ଷା ଜଳ ସଂରକ୍ଷଣ ଯୋଜନା କାର୍ଯ୍ୟ ଏବେ ଚର୍ଚ୍ଚାର ପରିସରକୁ ଆସିଛି । ଏହି ଯୋଜନା ମାଧ୍ୟମରେ ଘୁଟୁରୁ ହୁଡ଼ିକୁ ଖୋଳାଯାଇ ଚାରି ଲକ୍ଷ ଟଙ୍କା ହଡପ କରାଯାଇଥିବା ଜଣାପଡିଛି । ଏଠାରେ ହୋଇଥିବା କାର୍ଯ୍ୟ ଯୋଗୁ ବର୍ଷା ଜଳ ସଂରକ୍ଷଣ ଆଳରେ ଟଙ୍କାକୁ ହରିଲୁଟ୍ କରିବା ପାଇଁ କରାଯାଇଥିବା ଲୋକେ କହିଛନ୍ତି । ଏଠାରେ ଲାଗିଥିବା କାର୍ଯ୍ୟାଦେଶ ସୂଚନା ଫଳକ ଜାଣିଶୁଣି ଅସମ୍ପୂର୍ଣ୍ଣ ରଖାଯାଇଛି । ଏହି କାର୍ଯ୍ୟ ଲୋକଙ୍କ ସୁବିଧା ପାଇଁ କିମ୍ବା ଜଳ ସଂରକ୍ଷଣ ପାଇଁ ନୁହେଁ ବରଂ ଏହି କାର୍ଯ୍ୟାଦେଶ ମାଧ୍ୟମରେ ହୁଡ଼ିକୁ ବେଆଇନ୍ ଭାବେ ଖୋଳାଯାଇ ସେଠାରୁ ପଥର ସବୁକୁ ଚୋରାରେ ବିକ୍ରି କରାଯାଇଛି ବୋଲି ଶୁଣିବାକୁ ମିଳୁଛି । ଏହି ହୁଡ଼ିରେ ରହିଥିବା ପଥର ସବୁ ପରିବେଶ ସୁରକ୍ଷା ସହିତ ମୃତ୍ତିକା କ୍ଷୟକୁ ଦୀର୍ଘଦିନ ହେବ ରକ୍ଷା କରୁଥିଲା । ଏ ସ୍ୱଜ ପଥର ଚୋରା ଚାଲାଣ କରିବା ପାଇଁ ହୋଇଥିବା କାର୍ଯ୍ୟ ଯୋଗ୍ୟ ଏବେ ଜଳ ସଂରକ୍ଷଣ ଦୂରର କଥା ବରଂ ବହୁ ପରିମାଣରେ ମୃତ୍ତିକା କ୍ଷୟ ଘଟି ପାଖ ଚାଷଜମି କ୍ଷତିଗ୍ରସ୍ତ ହେବ ବୋଲି ସ୍ଥାନୀୟ ଚାଷୀ କହିଛନ୍ତି । ଲୋକଙ୍କ ଦୃଷ୍ଟି ଆଢୁଆଳରେ କାହିଁକି ଓ କାହା ସ୍ୱାର୍ଥରେ ଏହି କାର୍ଯ୍ୟ କରାଯାଇଛି ତଥା ଆବଶ୍ୟକୀୟ ପ୍ରଶାସନିକ ମଞ୍ଜୁରୀ ନିଆଯାଇଛି କି ନାହିଁ ତାହା ତଦନ୍ତ ସାପେକ୍ଷ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଗଲେ ହୋଇଥିବା ପ୍ରକୃତ ଦୁର୍ନୀତିର ପର୍ଦ୍ଦାଫାସ ହୋଇପାରନ୍ତା ।



## ଇଞ୍ଚାରେ ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

କାରଖାନା ମଧ୍ୟରେ ଆପାତକାଳୀନ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଚୌଦ୍ୱାର ସ୍ଥିତ ଇଞ୍ଚା ଶିଳ୍ପ ଗୋଷ୍ଠୀ ଦ୍ୱାରା ଏକ ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କମ୍ପାନୀରେ ଦୈନନ୍ଦିନ କାର୍ଯ୍ୟକ୍ରମ ଚାଲୁରହଥିବା ସମୟରେ କୌଣସି ପ୍ରକାର ଆପାତକାଳୀନ ପରିସ୍ଥିତି ସୃଷ୍ଟି ହେଲେ ତାହାକୁ ରୋକିବା ପାଇଁ କେଉଁ ପ୍ରକାରର କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ସେଥିନିମନ୍ତେ କାରଖାନା ପରିସରରେ ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ କଟକ ଶାଖାର ସହ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ଅତିରିକ୍ତ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ, ଜିଲ୍ଲା ଅଗ୍ନିଶମ ଅଧିକାରୀ ସଂଜୀବ କୁମାର ବେହେରା, ଚୌଦ୍ୱାର ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ବିଷ୍ଣୁ ପ୍ରସାଦ ସାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଳ୍ପାନୁଷ୍ଠାନ ଓ କାରଖାନାରେ ସୁରକ୍ଷା ଅବଲମ୍ବନ ଉପରେ ଗୁରୁତ୍ୱାରୋପ କରିଥିଲେ । ଇଞ୍ଚାର ମାନବସମ୍ବଳ ଅଧିକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ଆରତୀ ଷ୍ଟିଲ୍, ଜେକେ ଲକ୍ଷ୍ମୀ ସିମେଣ୍ଟ ଏବଂ ଭାରତ ସିମେଣ୍ଟରୁ ଆସିଥିବା ଅଧିକାରୀଗଣ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

# ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ଲାଗି ପ୍ରସ୍ତାବ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ଚମ୍ପୁଆ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର କରଞ୍ଜିଆ ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ କରିବା ପାଇଁ ଏକ ପ୍ରସ୍ତାବିତ ସଭା ଅନୁଷ୍ଠିତ ହୋଇଯାଇଛି । ୧୯୫୭ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟକୁ ଯୁକ୍ତ ଦୁଇ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରିବା ପାଇଁ ଶନିବାର କରଞ୍ଜିଆ ବି.କେ. ହାଇସ୍କୁଲ୍ ପରିସରରେ ପ୍ରଥମ ଅଧିବେଶନ ସଭା ଅନୁଷ୍ଠିତ ହୋଇଛି । କରଞ୍ଜିଆ ଗ୍ରାମର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ପ୍ରଧାନ ପୁରାତନ ଛାତ୍ର ମଧୁସୂଦନ ରୋହରଙ୍କୁ ପ୍ରାରମ୍ଭିକ ଆନୁଷଙ୍ଗିକ ନଥିପତ୍ର ପ୍ରସ୍ତୁତ କରିବାପାଇଁ କହିବା ମୁତାବକ ପ୍ରସ୍ତୁତ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହେଲା । ଏହି ସଭାରେ ସଭା କାର୍ଯ୍ୟ ପରିଚାଳନା ନିମନ୍ତେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ପ୍ରଧାନଙ୍କୁ ସଭାପତି ରୂପେ ମଧୁସୂଦନ ଲୋହାର ପ୍ରସ୍ତାବ ଦେଲେ ଏବଂ ଉକ୍ତ ପ୍ରସ୍ତାବକୁ ଉଦ୍ଧବ ଚରଣ ଗିରି ସମର୍ଥନ କଲେ । ଅନୁଷ୍ଠିତ ସଭାରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ ଓ ବିଭିନ୍ନ ବର୍ଗର ଲୋକମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ସଭାପତିଙ୍କ ଦ୍ୱାରା ପ୍ରସ୍ତାବିତ ସମସ୍ତ ପ୍ରସ୍ତାବକୁ ବିସ୍ତୃତ ଭାବେ ଆଲୋଚନା ହେଲା । ବ୍ରହ୍ମପୁର କରଞ୍ଜିଆର ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ କୌଣସି ଯୁକ୍ତ ଦୁଇ ମାଧ୍ୟମିକ ବିଦ୍ୟାଳୟ ନଥିବା ଯୋଗୁ ୧୦ଟି ପଞ୍ଚାୟତ ଯଥା:- କରଞ୍ଜିଆ, ବଡନର, ସରେଇ, ଚନ୍ଦ୍ରଶେଖରପୁର, ଅସନପାଟ, କାଶିପାଳ, ପଡୁଆ, ଭଣ୍ଡା, ଉଚ୍ଚବାଲି, ରଙ୍ଗାମାଟିଆ ପ୍ରଭୃତିର ଛାତ୍ରଛାତ୍ରୀ ମାନେ ଚମ୍ପୁଆ, ବୁରୁମୁଙ୍ଗ କଲେଜକୁ ଉଚ୍ଚ ଶିକ୍ଷା ପାଇଁ ଯାଉଛନ୍ତି । ଏହି କଲେଜ ଗୁଡିକ ପ୍ରାୟ ୧୫ ରୁ ୩୦ କିଲୋମିଟର ଦୂରରେ ଥିବା ହେତୁ, ସେଠାରେ ପଢିବା ପାଇଁ ଯାଇଥିବା ଛାତ୍ରଛାତ୍ରୀ ଓ ତାଙ୍କ ପରିବାର ଆର୍ଥିକ ଭାବେ ପ୍ରଭାବିତ ହେଉଛନ୍ତି । ବ୍ରହ୍ମପୁର କରଞ୍ଜିଆ ଉଚ୍ଚ ବିଦ୍ୟାଳୟ ଠାରେ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି । ବିଦ୍ୟାଳୟ ନାମରେ ପାଚେରି ବେଷ୍ଟିତ ୮ ଏକର ପରିମିତି ବିଶିଷ୍ଟ ଏକ ଖେଳ ପଡିଆ ଥିବା ସହିତ ବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ ଲାଗି ଆବଶ୍ୟକ ଶ୍ରେଣୀ ଗୃହ, ପାନୀୟ ଜଳ, ଶୌଚଳୟ ଇତ୍ୟାଦି ଅଛି । ବ୍ରହ୍ମପୁର କରଞ୍ଜିଆ ଠାରେ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ମଞ୍ଜୁରୀ ପ୍ରଦାନ ନିମନ୍ତେ ପ୍ରସ୍ତାବିତ ଦାବି ଗୁଡିକ ତଥା ଅଞ୍ଚଳର ସମସ୍ତ ପଞ୍ଚାୟତର ସ୍ୱାକ୍ଷରିତ ଦାବି ନେଇ ରାଜ୍ୟର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ଜିଲ୍ଲାପାଳ କେନ୍ଦୁଝର, ଜିଲ୍ଲା ଶିକ୍ଷାଧିକାରୀ କେନ୍ଦୁଝର, ଉପଜିଲ୍ଲାପାଳ ଚମ୍ପୁଆ, ବ୍ଲକ ଶିକ୍ଷାଧିକାରୀ ଚମ୍ପୁଆ, ତହସିଲଦାର ଚମ୍ପୁଆଙ୍କୁ ଦେବାପାଇଁ ପ୍ରସ୍ତାବ ରଖାଯାଇଥିଲା । ଏଥିସହ ଆସନ୍ତା ୧୯ ତାରିଖରେ ଚମ୍ପୁଆ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ସଭାପତି ଜନାର୍ଦ୍ଦନ ପ୍ରଧାନଙ୍କ ଦ୍ୱାରା ସମାଜ ସେବୀ ବିଜୟ କୁମାର ବେହେରା, ପ୍ରଣବ କୁମାର ବଡପଣ୍ଡା, ଉଦ୍ଧବ ଚରଣ ଗିରି, ଚନ୍ଦ୍ର ମୋହନ ନାୟକ, ନୀଳାମ୍ବର ମହାନ୍ତଙ୍କୁ ଦାୟିତ୍ୱ ଦିଆଗଲା । ସଭାକୁ ବରିଷ୍ଠ ଆଇନଜୀବୀ ଉଦ୍ଧବ ଚରଣ ଗିରି, କରଞ୍ଜିଆ ପଞ୍ଚାୟତର ସମିତି ସଭ୍ୟ ଚନ୍ଦ୍ର ମୋହନ ନାୟକ, ମଧୁସୂଦନ ଲୋହାର ପରିଚାଳନା କରିଥିଲେ । ସ୍ଥାନୀୟ ବ୍ୟକ୍ତି ଉତ୍ତମ କୁମାର ସାହୁ, ରକ୍ଷାକର ଗିରି, ପ୍ରଭାତ ରଞ୍ଜନ ପ୍ରଧାନ, ଭଗବାନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ ୨୦୨୪-୨୫

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ସ୍କୁଲ୍ ଠାରେ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀ ତନୟା ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଆଇଟିଆଇ ଚାନ୍ଦିପୁରର ବୈଜ୍ଞାନିକ ପ୍ରିୟନାଥ ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସଦର ରାସମଣୀ ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମାରାଣୀ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ଜିଲ୍ଲା ସ୍କୁଲ୍ ସୂର୍ଯ୍ୟଶିଖା ମହାନ୍ତି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ ପ୍ରଦର୍ଶନୀରେ ଜିଲ୍ଲାର ୧୨ ଗୋଟି ବ୍ଲକରୁ ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା, ପରିବହନ ଏବଂ ଯୋଗାଯୋଗ, ପ୍ରାକୃତିକ ଚାଷ, ବିପର୍ଯ୍ୟୟ ପରିଚାଳନା, ଗଣିତ, ବର୍ଜ୍ୟବସ୍ତୁ ପରିଚାଳନା ଓ ଉତ୍ସ ପରିଚାଳନା ଭଳି ୭ଟି ବିଷୟବସ୍ତୁ ଉପରେ ମୋଟ୍ ୮୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିମଧ୍ୟରୁ ୭ ଗୋଟି ପ୍ରକଳ୍ପ ରାଜ୍ୟ ସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ଉନ୍ନୀତ ହୋଇଛନ୍ତି । ସଭା ଶେଷରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଉତ୍କଳ ସେବକ ସମାଜ ପକ୍ଷରୁ ମାଗଣା ଚିକିତ୍ସା ସେବା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ଅନ୍ତର୍ଗତ ନୁଆସାହି ସ୍ଥିତ ଲକ୍ଷ୍ମୀ ନାରାୟଣ ପୂଜା ମଣ୍ଡପରେ ଏକ ଦାତବ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ସେବକ ସମାଜ ଓ ନୁଆସାହି ଲକ୍ଷ୍ମୀ ପୂଜା କମିଟି ମିଳିତ ଆନୁକୂଲ୍ୟରେ ତଥା ସ୍ଥାନୀୟ କାଉନ୍‌ସିଲର ଆଶୁତୋଷ ଦାସଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ଡା. ସରୋଜକାନ୍ତ ବେଉରା, ଡା. ଦେବେନ୍ଦ୍ର ନାଥ ସେଠୀ, ଡା. ଆଶୁତୋଷ ପଣ୍ଡା ପ୍ରମୁଖ ଚକ୍ଷୁ, ରକ୍ତଚାପ, ମଧୁମେହ, ଯକ୍ଷ୍ମା, ଟିବି, ଜ୍ୱର, ଥଣ୍ଡା ଆଦି ରୋଗରେ ପୀଡ଼ିତ ୧୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିଥିଲେ । ରୋଗୀ ମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା । ମନୋଜକାନ୍ତ ମଙ୍ଗରାଜ, ବିନାୟକ ବେହେରା, ଭାରତୀ ମୁଦୁଲୀ, ସମ୍ବୀତ କୁମାର ଦାଶ ଓ ଅନୋୟା ଅଭିନବ ପ୍ରମୁଖ ରୋଗୀ ପରୀକ୍ଷା ଓ ଚିକିତ୍ସାରେ ସହଯୋଗ କରିଥିଲେ । ଭାସ୍କର ପ୍ରଧାନ, ପ୍ରଦୀପ କୁମାର ଗୋଚ୍ଛାୟତ, ଅଜୟ କୁମାର ରାଉତରାୟ, ଜଗବନ୍ଧୁ ସାହୁ, ବିଭୁ କଲ୍ୟାଣ ମହାନ୍ତିଙ୍କ ସମେତ କମିଟିର କର୍ମକର୍ତ୍ତାମାନେ ଶିବିର ପରିଚାଳନା କରିଥିଲେ ।

## ସମାଜ ସଂସ୍କାରକ ବୈରାଗୀ ମିଶ୍ରଙ୍କ ୧୪୦ ତମ ଜୟନ୍ତୀ

**ମାହାଙ୍ଗା, ନ୍ୟୁଜ୍**

ମାହାଙ୍ଗା ମାଟିର କୀର୍ତ୍ତିବାନ ପୁରୁଷ, ବିଖ୍ୟାତ ସମାଜ ସଂସ୍କାରକ ବୈରାଗୀ ମିଶ୍ରଙ୍କ ୧୪୦ ତମ ଜନ୍ମ ଜୟନ୍ତୀ ବରୁଣେଇ ପୀଠ ଗୁଣୁପୁର ଠାରେ ସାହିତ୍ୟିକ ଅଳେଶ ପଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ପ୍ରାଧ୍ୟାପକ ଡକ୍ଟର ଭୁବନାନନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଓଡ଼ିଆ ଜାତିକୁ ନୈତିକତାର ଅଧୋଗତି ଏବଂ ସାମାଜିକ ଅବକ୍ଷୟ ଏବଂ କୁସଂସ୍କାର ତଥା ଅନ୍ଧ ବିଶ୍ୱାସରୁ ମୁକ୍ତି ଦେବାପାଇଁ ସଂସ୍କାରକ ବୈରାଗୀ ମିଶ୍ରଙ୍କ ଜୀବନବ୍ୟାପୀ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡକ୍ଟର ଭାବଗ୍ରାହୀ ରାଉତ ଯୋଗଦେଇ ଓଡ଼ିଆ ଅସ୍ମିତା ପାଇଁ ବୈରାଗୀ ମିଶ୍ରଙ୍କ କ୍ରାନ୍ତିକାରୀ ଭୂମିକା ଅବର୍ଣ୍ଣନୀୟ ବୋଲି କହିଥିଲେ । ପ୍ରାଧ୍ୟାପକ ଡକ୍ଟର ମନୋରଞ୍ଜନ ବେହୁରା ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ମୃତି କମିଟିର ସଭାପତି ଉପେନ୍ଦ୍ର ନାଥ ରଣା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ପୂଜ୍ୟପୂଜା ପ୍ରତି ଉତ୍ସର୍ଗୀକୃତ ଭାବନା ଆମ ସଂସ୍କୃତିର ମହନୀୟତା ବୋଲି କହିଥିଲେ । ବିଶିଷ୍ଟ ଅତିଥି ଭାବେ ସୁସାହିତ୍ୟିକ କବି ପ୍ରଶାନ୍ତ କୁମାର କର ବୈରାଗୀ ମିଶ୍ରଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ କ୍ଷଣପ୍ରଭା ସାମଲ, ଯୁବ ସଂଗଠକ ଜିତେନ୍ଦ୍ର ସାହୁ, ସମାଜସେବୀ ଭୂପେନ ଚଟାର୍ଜି, ପୂର୍ବତନ ସରପଞ୍ଚ ଅଭିନ୍ନ ଜେନା, ସାହିତ୍ୟ ସଂଗଠକ ତାରାକାନ୍ତ ମହାପାତ୍ର, ଯୁବ ସଂଗଠକ ଶୁଭେନ୍ଦୁ ସାମଲ, ସଂଗଠକ ରାକେଶ ସାହୁ ପ୍ରମୁଖ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସ୍ଥାନୀୟ ଅଞ୍ଚଳର ପ୍ରମୋଦ ବାରିକ, ସୁନାକର ପାତ୍ର, କାର୍ତ୍ତିକ ସାମଲ, ରବୀନ୍ଦ୍ର ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଉମେଶ ସାହୁ, ଅଞ୍ଜନ ସାହୁ, ଅରୁଣ ଲେଙ୍କା, ସଚିନ୍ଦ୍ର ସାହୁ, ଅଜୟ ରାଉତ, ସତ୍ୟବ୍ରତ ସାମଲ ପ୍ରମୁଖ ପରିଚାଳନା କରିଥିଲେ । ଅତିଥିମାନେ ସ୍ୱର୍ଗତ ମିଶ୍ରଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ବେଳେ ସ୍ମୃତି ସଂସଦ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା । ଉତ୍ସବରେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଓ ବିଦ୍ୟାର୍ଥୀ ମାନେ ଉପସ୍ଥିତ ଥିଲେ ।

# ପ୍ରେମିକାଙ୍କ ଘର ଜାଳି ଦେଲା ହତାଶ ପ୍ରେମିକ



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଭଲ ପାଇ ପୁଣି ପ୍ରତାରଣା ହୁଏ ଶେଷରେ ନିଆଁ ଲାଗେ । ପ୍ରଥମେ ବିବାହର ଧମକ ପରେ ମୃତ୍ୟୁର ଧମକ । ଶେଷରେ ପ୍ରେମିକାର ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ନେଇ ଥାନାରେ ପ୍ରେମିକା ଦ୍ୱାରସ୍ଥ ହୋଇଛନ୍ତି । ଏମିତି ଏକ ଘଟଣା ଘଟିଛି ଧାମନଗର ଅଞ୍ଚଳରେ । ଧାମନଗର ଥାନା ଚୁଡାକୁଟି ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ରମେଶ ଦାସଙ୍କ ପୁଅ ଜ୍ୟୋତି ରଞ୍ଜନ ଦାସ (୨୮) ସେହି ଥାନା ଅଧିନ ଆନନ୍ଦପୁର ପଞ୍ଚାୟତ ଗୋପାଳ ସାହିର ଜୈନିକା ଯୁବତୀଙ୍କୁ ଭଲପାଇ ଆସୁଥିଲା । ପ୍ରେମିକ ଜ୍ୟୋତି ରଞ୍ଜନ ଯୁବତୀଙ୍କୁ ବାରମ୍ବାର ଦେଖା କରିବା ପାଇଁ ବାଧ କରିବା ସହ ବିବାହ ପାଇଁ ଜିଦି ଧରି ବସିଥିଲା । ପ୍ରେମିକା ବିବାହ ପାଇଁ ରାଜି ନହେବାରୁ ଉଭୟଙ୍କ ଅନ୍ତରଂଗ ମୁହୂର୍ତ୍ତର ଫଟୋ ଭାଇରାଲ୍ କରିବା ସହ ଜଣ ଜଣଙ୍କୁ ହରେଇବାର ଧମକ ଦେଇଥିବା ଅଭିଯୋଗ କରିଛନ୍ତି ଯୁବତୀ ଜଣଙ୍କ । କେବଳ ସେତିକି ନୁହେଁ ଦୁଇ ଦୁଇ ଥର ଉକ୍ତ ପ୍ରେମିକ ଯୁବତୀଙ୍କ ଘରେ ନିଆଁ ଲଗାଇ ଦେଇଛି । ଫଳରେ ୫ ବଖରା ଘର ଜଳି ଯିବା ସହ ସମସ୍ତ ସୁନା ଗହଣା, ଆସବାବପତ୍ର, ଚାଉଳ ଓ ସମସ୍ତ ଦରକାରୀ କାଗଜପତ୍ର ପୋଡି ପାଉଁଶ ହୋଇଯାଇଛି । ଯୁବତୀ ଜଣକ ଏନେଇ ଥାନାରେ ଅଭିଯୋଗ କରିବା ପରେ ଧାମନଗର ପୋଲିସ ଘଟଣାର ତଦନ୍ତ କରୁଛନ୍ତି । ସେପଟେ ଯୁବତୀଙ୍କ ଅଭିଯୋଗ ପରେ ପ୍ରେମିକ ଫେରାର୍ ହୋଯାଇଛି । ତୁରନ୍ତ ପୋଲିସ ଉକ୍ତ ଯୁବକକୁ ଗିରଫ ପାଇଁ ଯୁବତୀ ଓ ପରିବାର ଲୋକେ ଦାବି କରିଛନ୍ତି । ନଚେତ୍ ପରବର୍ତ୍ତୀ ସମୟରେ ସେ କିଛିବି ଅଘଟଣ ଘଟାଇପାରେ ବୋଲି ଯୁବତୀ କହିଛନ୍ତି । ତେବେ ଧାମନଗର ପୋଲିସ କେସ୍ ନମ୍ବର ୫୪୩/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ପୋଲିସ ।

## ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ (ଜିଲ୍ଲା ସଂସ୍କୃତି ପରିଷଦ), ନେହେରୁ ଯୁବ କେନ୍ଦ୍ର ତଥା ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଓ ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥିଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ଗୋଲି ତିରୁପତି ରେଡ୍ଡୀ, ଡିପିଓଏନ୍ଏସ୍ଏସ୍ ପଦ୍ମଜା କବି ଶତପଥୀ ପ୍ରମୁଖ ଯୋଗଦାନ କରି ଯୁବଶକ୍ତିର ପ୍ରଶଂସା କରିବା ସହ କଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଯୁବକ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟ ରଖିଥିଲେ । ପ୍ରାୟତଃ ୧୦ଟି ମହାବିଦ୍ୟାଳୟରୁ ଅନ୍ୟୁନ ୩୦୦ ଛାତ୍ରଛାତ୍ରୀଙ୍କୁ ନେଇ ହିନ୍ଦୀ, ଇଂରାଜୀ ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଫଟୋ ୱାର୍କସପ୍, ଦଳଗତ ତଥା ଏକକ ଲୋକନୃତ୍ୟ, ଦଳଗତ ତଥା ଏକକ ଲୋକସଙ୍ଗୀତ, କବିତା ଓ ଗଳ୍ପ ଲିଖନ ଓ ବିଜ୍ଞାନ ପ୍ରଦର୍ଶନୀ ଆଦି ଆୟୋଜନ କରାଯାଇଥିଲା । ଅପରାହ୍ନ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।

## ଡିଜିଟାଲ୍‌ର ଖରାପ ପ୍ରଭାବକୁ ନେଇ ସଚେତନ କାର୍ଯ୍ୟକ୍ରମ

**କଟକ, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର କଟକ ଷ୍ଟିୱାର୍ଟ ସ୍କୁଲ୍ ପକ୍ଷରୁ ଅହେତୁକ ଡିଜିଟାଲ୍ ଆକର୍ଷଣ ଓ ସ୍ୱଚ୍ଛତା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଛି । ଚଣ୍ଡି ଛକ ଓ ରେଭେନ୍ସା ଛକରେ ଷ୍ଟିୱାର୍ଟ ସ୍କୁଲର ଏନ୍‌ସିସି, ସ୍କାଉଟ୍ ଗାଇଡ ଛାତ୍ରଛାତ୍ରୀମାନେ ରୋଟାରୀ କ୍ଲବ ସହାୟତାରେ ଏହି ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଛନ୍ତି । ଏହି ପଥପ୍ରାନ୍ତ ନାଟକ ଜରିଆରେ ଘଣ୍ଟା ଘଣ୍ଟା ଧରି ମୋବାଇଲ୍‌ରେ ଅଯଥାରେ ମଜ୍ଜି ରହିବା, ସୋସିଆଲ୍ ମିଡିଆରେ ଅଧିକ ସମୟ ବିତାଇବା ମନ, ଶରୀର ଓ କର୍ମକୁଶଳତାକୁ କିଭଳି ପ୍ରଭାବିତ କରୁଛି ସେ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରିଥିଲେ । ସେହିପରି ସହରର ସ୍ୱଚ୍ଛତା ପ୍ରତି କିଭଳି ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ରହିଛି ଓ ସମସ୍ତେ ସଚେତନ ହେଲେ ଆମ ସହର କିଭଳି ସ୍ୱଚ୍ଛ, ସୁନ୍ଦର ହୋଇପାରି ସେ ନେଇ ପଥପ୍ରାନ୍ତ ନାଟକ ଜରିଆରେ ଛାତ୍ରଛାତ୍ରୀ ମାନେ ପ୍ରୟାସ କରିଥିଲେ ।

## ମହିୟସୀ ମହିଳାଙ୍କ ପରଲୋକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋମବାର ବିଳମ୍ବିତ ରାତିରେ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜରେ ଚିକିତ୍ସିତ ଅବସ୍ଥାରେ ସୋନପୁରର ମହିୟସୀ ମହିଳା କୌଶଲ୍ୟା ବାରିକଙ୍କ ପରଲୋକ ହୋଇଛି । ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ନାଟ୍ୟ ଗଦାଧର ବାରିକଙ୍କ ମା' କୌଶଲ୍ୟା ବାରିକ (୯୫) ତମାମ ଜୀବନ ଏକ ଅମୂଲ୍ୟ ପୁସ୍ତକର ନିଚ୍ଛକ ପୃଷ୍ଠାର ସମାହାରଥିଲେ । ସେ ଜଣେ ମିଷ୍ଟଭାଷୀ, ଆମାୟୀକ, ଶାନ୍ତ, ନମ୍ର, କର୍ତ୍ତବ୍ୟ ନିଷ୍ଠାର ମହିୟସୀ ମହିଳା । ଆଜିର ସମାଜ ପାଇଁ ଏକ ଦୃଷ୍ଟାନ୍ତ ବୋଲି ସୁବର୍ଣ୍ଣପୁର ଓ ତାଙ୍କ ନିଜ ଜନ୍ମ ମାଟି ଜିଲ୍ଲା ବୌଦ୍ଧର ଅନେକ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ତାଙ୍କର ପରଲୋକ ଖବରରେ ଉଭୟ ଜିଲ୍ଲାରେ ଶୋକ ପ୍ରକାଶ ପାଇଛି । ତାଙ୍କର ଅନ୍ତ୍ୟେଷ୍ଟି କ୍ରୀୟା ନିଜ ଗାଁ ବୌଦ୍ଧ ବୁରବୁରା ସ୍ଥିତ ଶ୍ମଶାନରେ କରାଯାଇଥିବା ବେଳେ ବଡ଼ପୁଅ ରସାନନ୍ଦ ମା'ଙ୍କୁ ମୁଖାଗ୍ନୀ ଦେଇଥିଲେ । ସହରର ଅଗ୍ରଣୀ ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ, ବ୍ଲକଛକ ଦୁର୍ଗାପୂଜା କମିଟି, ପର୍ଯ୍ୟଁରି ଓ ସ୍ୱଚ୍ଛଭାରତ ସଙ୍ଗଠନ, ସୁବର୍ଣ୍ଣପୁର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସ୍ୱର୍ଗୀୟ ଆତ୍ମାଙ୍କ ଶାନ୍ତି ଓ ସଦ୍‌ଗତି ପାଇଁ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରିଥିବା ବେଳେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି ।

# ବିନିକାରେ ଯୁଗ୍ମ ଅଭିଯୋଗ ଶୁଣାଣି: ୯୭ ମାମଲା ପଞ୍ଜିକୃତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୯୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୮୯ ଗୋଟି ଗ୍ରହଣ କରାଯାଇଥିବା ବେଳେ ୦୮ ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି । ୨ ଗୋଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଛି । ଅନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ମଣ୍ଟୁ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ସୌମ୍ୟାରୂପା ରଥ, ଜିଲ୍ଲା ଜନ ସ୍ୱାସ୍ଥ୍ୟାଧିକାରୀ ଡା. ପ୍ରଦୀପ କୁମାର ଗୁରୁ, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ୍ତ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ରେବତୀ ସିଂ, ଆରଡବ୍ଲୁଏସ୍ଏସ୍ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜ୍ଜୁନ ଚରଣ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡେପୁଟି କଲେକ୍ଟର ଜରୁରୀ ଶାଖା କୃଷ୍ଣ ମୋହନ ସିଂ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ଶ୍ରମ ଅଧିକାରୀ, ତହସିଲଦାର ବିନିକା ସୀତାରାମ ଭୋଇ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

## ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ବାରିପଦା ବେଲଗଡିଆ ସ୍ଥିତ ରାଜପ୍ରାସାଦରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ଆନୁକୂଲ୍ୟରେ ୧୫୪ତମ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଫୋରମ୍‌ର ସଭାପତି ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏଥିରେ ପୌରୋହିତ୍ୟ କରିଥିଲେ । ଫୋରମର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପ୍ରାରମ୍ଭରେ ମହାରାଜା ଜାତି ପାଇଁ ସ୍ମୃତିର ଯବକାଚରେ ସର୍ବୋଚ୍ଚ ସିରିପା ପିନ୍ଧି ଯୁଗାନ୍ତକାରୀ ପୁରୁଷାର୍ଥ ବୋଲି ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଭଞ୍ଜ ଗୌରବ ପ୍ରଫେସର ମୋହିତ କୁମାର ଷଡ଼ଙ୍ଗୀ ମହାରାଜା ଅବଦାନ କ୍ଷେତ୍ରରେ ଦେବୋପମ ଚରିତ୍ରର କିନ୍ତୁ ମୟୂରଭଞ୍ଜ ମାଟି ଓଡ଼ିଶାକୁ ଦେଇଛି କେତେ ଏବଂ ପାଇଛି କେତେ ତାହାର ତର୍ଜମା ହେବା ଆବଶ୍ୟକ ବୋଲି ମନ୍ତବ୍ୟ ରଖିଥିଲେ । ଏହି ସଭାରେ ଫୋରମ୍‌ର ପେଟ୍ରୋନ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଫୋରମ୍‌ର ଉପସଭାପତି ଅବସରପ୍ରାପ୍ତ ବିଚାରପତି ନରେନ୍ଦ୍ର ପ୍ରଧାନ, ରାକେଶ ସିଂ, ଡ. ଅକ୍ଷୟ ଅଗରୱାଲା, ସୌମ୍ୟ ରୂପଦାସ, ଜୈମୁନୀ ମହାନ୍ତ, ରାଜକିଶୋର ଆର୍ଯ୍ୟ ଓ ଅନୀଲ ସିଂ ପ୍ରମୁଖ ମଧ ବକ୍ତବ୍ୟ ରଖିଥିଲେ । ସଭା ଶେଷରେ ଫୋରମ୍ ବାର୍ଷିକ ଉତ୍ସବ ଆସନ୍ତା ନବବର୍ଷ ପହିଲାରେ ୭୬ତମ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ସେହି ଉତ୍ସବରେ ଚଳିତ ବର୍ଷ ଠାରୁ ଜିଲ୍ଲାର ଦୁଇ ପ୍ରମୁଖ ପ୍ରତିଭାଙ୍କୁ ମୟୂରଭଞ୍ଜ ସିଟିଜେନ୍ ଆୱାର୍ଡ ପ୍ରଦାନ କରାଯିବ ବୋଲି ଫୋରମ୍‌ର ସମ୍ପାଦକ ବିଭୁଦତ୍ତ ଦାସ ସୂଚନା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଞ୍ଜାମ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ ଓ ସାମ୍ବିଧାନିକ ସମ୍ମିଳନୀ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଲଙ୍ଗଳେଶ୍ୱର ଉଚ୍ଚ ବିଦ୍ୟାଳୟ ବୁରୁଡି ଶିକ୍ଷାନୁଷ୍ଠାନ ପରିସରରେ ଗଞ୍ଜାମ ବ୍ଲକ ସ୍ତରୀୟ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା)ରେ ୪୧ ତମ ଗଞ୍ଜାମ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ ସମ୍ବିଧାନିକ ସମ୍ମିଳନୀ ପ୍ରଧାନ ଶିକ୍ଷକ ସୁଜିତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସୂଚୀ ପ୍ରକାରେ ଅନୁଷ୍ଠିତ ହେବା ସହ ତ୍ରିସ୍ତରୀୟ ଶିଶୁ ଉତ୍ସବରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା, ରଚନା, ଏକକ ଅଭିନୟ, ସାଧାରଣ ଜ୍ଞାନ, ବୁଦ୍ଧି ପରୀକ୍ଷା ଓ ନୃତ୍ୟ ପ୍ରମୁଖ ପ୍ରତିଯୋଗିତା ସ୍ଥିରୀକୃତ ହୋଇଥିଲା । ଉପରୋକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକର ୧୧ଗୋଟି ହାଇସ୍କୁଲ୍‌ର ସତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ବି.ଡି.ଓ ଅଚ୍ୟୁତ କୁମାର ଜାନି, ଓଷ୍ଟାର ସଭାପତି ଅକ୍ଷୟ କୁମାର ମହାଳିକ, ବିଜୟ କୁମାର ବେହେରା (ଓଷ୍ଟା ସମ୍ପାଦକ ), ରାଜ୍ୟପାଳ ପୁରସ୍କୃତ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଉପଦେଷ୍ଟା ବିଜୟକୁମାର ବିଶ୍ୱାଳ, ରାମଚନ୍ଦ୍ର ପଲେଇ, ନାରାୟଣ ନାହାକ (ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ), ଶେଷଦେବ ପ୍ରଧାନ, ଶୁଭଲକ୍ଷ୍ମୀ ମହାନ୍ତି, ଭିକାରି ଗୌଡ଼ (ଓଷ୍ଟାର ଉପଦେଷ୍ଟା), ସୁଶାନ୍ତ କୁମାର ତରେଇ ସିଆର୍‌ସିସି, ଶେଷଦେବ ଛଟେଇ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ବିଡିଓ ଶ୍ରୀ ଜାନି ଉପସ୍ଥିତ ତଥା ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ଅଭିଭାଷଣ ମାଧ୍ୟମରେ ଶିଶୁ ଉତ୍ସବ ପ୍ରାଚୀନ ଓ ବୃହତମ ଅଟେ । ଶିକ୍ଷାର ଅନ୍ତର୍ନିହିତ ଗୁଣାବଳୀ, ଶିକ୍ଷା ଶୈକ୍ଷିକ, ବିଫଳତା ପ୍ରମାଣ କରିଦିଏ । ସଫଳତା ପ୍ରତିଯୋଗୀଙ୍କ ସହ ପ୍ରତିଯୋଗିତା କରୁଛନ୍ତି ନ ଭାବି ନିଜେ ପ୍ରତିଯୋଗୀ ହେଉଛନ୍ତି ବୋଲି ଧରିନେବାକୁ ହେବ । ଶେଷରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମଞ୍ଚାସିନ ବ୍ୟକ୍ତିମାନେ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ । ତତ୍ ସହିତ ନିକଟରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଚଳିତ ମାସରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ସୂଚାଇଥିଲେ । ଶିବିରକୁ ପରିଚାଳନାରେ ଶିକ୍ଷାନୁଷ୍ଠାନର ବରିଷ୍ଠ ଶିକ୍ଷକ ବିକ୍ରମ କୁମାର ନାହାକ, ପ୍ରମୋଦ କୁମାର ମହାରଣା, ପ୍ରଭାତ କୁମାର ନାହାକ (ବରିଷ୍ଠ କିରାନି), ଶିବ ପ୍ରସାଦ ଦାସ, ରୂପକ କୁମାର ସାହୁ, ନିତ୍ୟାନନ୍ଦ ପଣ୍ଡିତ, ରାଧାକୃଷ୍ଣ ଦଳେଇ, ସୁରେଶ ଚନ୍ଦ୍ର ଦଳାଇ ପ୍ରମୁଖ ସହଯୋଗ କରିଥିଲେ ।

# ଜଗତସିଂହପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ: ୧୭୧୫ ମାମଲା ଫଇସଲା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ଜଗତସିଂହପୁର ଜିଲ୍ଲା ଅଦାଲତ ଓ ସ୍ଥାନୀୟ ପୌରପରିଷଦ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀନିବାସ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଶ୍ରୀନିବାସ ପ୍ରତିହାରୀଙ୍କ ସହ ପରିବାର ଅଦାଲତ ଜଜ୍ ଭଗବାନ ପ୍ରଧାନ, ବିଚାର ବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍ ନୀଳିମା ପଣ୍ଡା, ସବ୍ ଜଜ୍ ରାକେଶ କୁମାର ମୁଦୁଲି, ମହିଳା ଅଦାଲତ ବିଚାରପତି ସ୍ୱପ୍ନାଶ୍ରୀ ନାୟକ, ପ୍ରାଧିକରଣର ସଚିବ ବି.ଡି.ଡି ଚନ୍ଦନା, ରେଜିଷ୍ଟ୍ରାର ସିଭିଲ୍ କୋର୍ଟସ୍ ବିଶ୍ୱକଳ୍ପିତା ମହାନ୍ତି, ସବ୍ ଜଜ୍ ଶର୍ମିଷ୍ଠା ଶୁଭଦର୍ଶନୀ ମହାନ୍ତି, ଏସ୍.ଡି.ଜେ.ଏମ୍ ନିରଞ୍ଜନ ଦାସ, ମୁନ୍‌ଶିଫ୍ ଅନନ୍ୟା ଦାସ, ଜେ.ଏମ୍.ଏଫ୍.ସି ସଦକ କାଟଜେ ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ପରିଚାଳନା କରିଥିଲେ । ସେହିପରି କୁଜଙ୍ଗ ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ ଅଦାଲତରେ ଏବଂ ତିର୍ତ୍ତୋଲ ଆଇନ୍ ସେବା କମିଟି ପକ୍ଷରୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପାରସ ପାଢୀଙ୍କ ଅଧ୍ୟକ୍ଷତାରେ ତିର୍ତ୍ତୋଲ ଅଦାଲତରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଦୁର୍ଘଟଣା ଜନିତ ମୋକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ସ୍ୱେଚ୍ଛାସେବୀ ସୁଷମା ପ୍ରଧାନ, ଆଇନ୍‌ଜୀବୀ ପ୍ରମୋଦ କୁମାର ଷଡଙ୍ଗୀ ଏବଂ ବରିଷ୍ଠ ଆଇନ୍‌ଜୀବୀ ମାନେ ସଭ୍ୟ ଭାବେ ମୋକଦ୍ଦମା ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ୍ ମୋକଦ୍ଦମା ଆଦି ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଇସଲା ହୋଇଛି । ଜିଲ୍ଲାରୁ ମୋଟ୍ ୨୯୪୬ ମାମଲାରୁ ୧୭୧୫ଟି ସଫଳତାର ସହ ଫଇସଲା ହେବା ସହିତ ୩ କୋଟି ୫୨ ଲକ୍ଷ ୩୨ ହଜାର ୯୫୯ ଟଙ୍କା ଆଦାୟ କରାଯାଇଛି । ସେହିପରି ବ୍ୟାଙ୍କ ଓ ଭାରତ ସଞ୍ଚାର ନିଗମ ଲିମିଟେଡ୍‌ର ମାମଲା ସମ୍ବନ୍ଧୀୟ ପ୍ରାକ୍ ମୋକଦ୍ଦମାରେ ୪୩୯୧ଟି ମାମଲାରୁ ୮୬ଟି ସଫଳତାର ସହ ଫଇସଲା ହେବା ସହିତ ୧୧ ଲକ୍ଷ ୨୨ ହଜାର ୯୪୭ ଟଙ୍କା ଋଣ ଆଦାୟ କରାଯାଇଛି । ଜଗତସିଂହପୁର ଜିଲ୍ଲା ଅଦାଲତ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଏବଂ ଏରସମା ଅଦାଲତରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏବଂ ବିଚାରପତିମାନଙ୍କ ଦ୍ୱାରା ମୋକଦ୍ଦମା ଗୁଡିକର ଫଇସଲା କରାଯିବା ସହ ଜରିମାନା ଆଦାୟ କରାଯାଇଛି ।

## ଗୀତା ଜୟନ୍ତୀ ଅବସରରେ ଗୀତା ଆବୃତ୍ତି ପ୍ରତିଯୋଗିତା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଗୀତା ପରିବାର ତରଫରୁ ଶ୍ରୀଚନ୍ଦ୍ରଚୁଡ ମନ୍ଦିର ଓ ମହାନଦୀ ଆଳତିଘାଟ ପରିସରରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦାନ କରି ଦ୍ୱାଦଶ ଅଧ୍ୟାୟ ଗୀତା ଆବୃତ୍ତି କରିଥିଲେ । ପ୍ରତିଯୋଗିତାରେ ବିଚାରକ ଭାବେ ସ୍ନେହଲତା ପୁରୋହିତ, ସୁଶାନ୍ତ କୁମାର ମହାପାତ୍ର, ନଟବର ଅଗ୍ରୱାଲା ଯୋଗ ଦେଇଥିଲେ । ସିନିୟର୍ ବିଭାଗରେ ପ୍ରଥମ ସ୍ଥାନ ଦିବ୍ୟଜ୍ୟୋତି ମହାରଣା, ଦ୍ୱିତୀୟ ସ୍ଥାନ ସୁମନ ମେହେର, ତୃତୀୟ ସ୍ଥାନ ମାଧବ ପ୍ରତୀକ ସାହୁ ଏବଂ ଜୁନିଅର ବିଭାଗରେ ପ୍ରଥମ ସ୍ଥାନ ଅଧାତ୍ରି ପୁରୋହିତ, ଦ୍ୱିତୀୟ ସ୍ଥାନ ରତ୍ନପ୍ରଭା ଅଗ୍ରୱାଲା, ତୃତୀୟ ସ୍ଥାନ ରିତେନ୍ ବରର୍ତ୍ତ ଅଧିକାର କରିଥିଲେ । ସମସ୍ତ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଭାରତ ସ୍ୱାଭିମାନ ଟ୍ରଷ୍ଟ ଓ ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସୂର୍ଯ୍ୟ ନାରାୟଣ ପଣ୍ଡା, ସୌମ୍ୟା ସୁମନ ପୁରୋହିତ, ଗୋପାଳ ବାରିକ ପରିଚାଳନା କରିଥିଲେ । ଶେଷରେ ଗୀତା ପରିବାର ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆସନ୍ତୁ ଗୀତା ଶିଖିବା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ ବୋଲି ସଂଯୋଜକ ଦେବାଶିଷ ପୁରୋହିତ ପ୍ରକାଶ କରିଥିଲେ ।

# ଅବହେଳିତ ଶିଶୁଙ୍କ ସାମଗ୍ରିକ ବିକାଶ ହିଁ ଜାଗୋର ମୁଖ୍ୟ ଉଦ୍ଦେଶ୍ୟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜାଗୋ ଏକ ଆହ୍ୱାନ । ଏହା ଆରମ୍ଭ ହେବା ସମୟରୁ ହିଁ ସମାଜର ଅବହେଳିତ ଶିଶୁମାନଙ୍କର ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରିଆସୁଛି । ଏହି ଶିଶୁମାନଙ୍କର ସାମଗ୍ରିକ ବିକାଶ ହିଁ ଜାଗୋର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତୀ ଦାସ । ସୋଆରେ ନାମ ଲେଖାଇଥିବା ନୂତନ ଛାତ୍ରଛାତ୍ରୀମାନଙ୍କୁ ଜାଗୋକୁ ନେଇ ଦିଗ୍‌ଦର୍ଶନ ଦେବାର କାର୍ଯ୍ୟକ୍ରମ ଅବସରରେ ସୋମବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ବାଂଶୁରୀଗୁରୁ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ଦାସ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବର୍ତ୍ତମାନ ପାଠ ପଢୁଥିବା ଛାତ୍ରଛାତ୍ରୀ ଏବଂ ପୂର୍ବତନ ଛାତ୍ରଛାତ୍ରୀମାନଙ୍କୁ ଜାଗୋରେ ସାମିଲ୍ ହୋଇ ଅନେକ ଜନହିତକର କାର୍ଯ୍ୟ ହାତକୁ ନେଇଥିବାରୁ ସାଧୁବାଦ୍ ଜଣାଇଥିଲେ । ସୋଆ ନିଜର ଉତ୍କର୍ଷତାର ୩୦ ବର୍ଷର ଯାତ୍ରାରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଅଗ୍ରସର ହେଉଥିବା ବେଳେ ଏଥି ନିମନ୍ତେ ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କର ଅବଦାନ ବିଷୟରେ ଶ୍ରୀମତି ଦାସ ଉଲ୍ଲେଖ କରିଥିଲେ । ଅନେକ ସମୟରେ ଦାରିଦ୍ର୍ୟତା ଯୋଗୁଁ ଅନେକ ପ୍ରତିଭା ଲୁକ୍କାୟିତ ହୋଇ ରହିଯାଇଥାଆନ୍ତି ଏବଂ ଏହା ଦ୍ୱାରା ସମାଜର ହିତସାଧନ ହୋଇପାରିନଥାଏ । ଏଭଳି ଲୁକ୍କାୟିତ ପ୍ରତିଭାଙ୍କୁ ବାହାରକୁ ଆଣିବା ପଙ୍କରେ ପଦ୍ମ ଫୁଟାଇବା ସହ ସମାନ । ଏହା ହିଁ ଟିମ୍ ଜାଗୋର ଲକ୍ଷ୍ୟ । ଉପଯୁକ୍ତ ଶିକ୍ଷା, ସାମଗ୍ରିକ ବିକାଶ ଜରିଆରେ ସେମାନଙ୍କର ବ୍ୟକ୍ତିତ୍ୱ ନିର୍ମାଣ ପାଇଁ ଟିମ୍ ଜାଗୋ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ସୋଆକୁ ଡିମ୍ଡ ବିଶ୍ୱବିଦ୍ୟାଳୟର ମାନ୍ୟତା ୨୦୦୭ ଜୁଲାଇ ୧୭ ତାରିଖରେ ମିଳିଥିବା ବେଳେ ଏହାର କିଛି ମାସ ମଧ୍ୟରେ ଜାଗୋ ଟିମ୍ ପ୍ରତିଷ୍ଠା ହୋଇଥିଲା । ତେଣୁ ଟିମ୍ ଜାଗୋର ୧୭ ବର୍ଷର ଯାତ୍ରା ବେଶ୍ ସଫଳ ବୋଲି କୁଳପତି କହିଥିଲେ । ଏଭଳି କାର୍ଯ୍ୟ ଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ସହ ନିଜକୁ ଉତ୍ତମ ମଣିଷ ଭାବେ ଗଢ଼ିପାରିବେ ବୋଲି ପ୍ରଫେସର ନନ୍ଦ କହିଥିଲେ । କାର୍ଯ୍ୟକ୍ରମରେ ଆଡିସନାଲ୍ ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ), ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ (ଆଇଡିଏସ୍)ର ଡିନ୍ ପ୍ରଫେସର (ଡାକ୍ତର) ନୀତା ମହାନ୍ତି ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଜାଗୋ ମେଣ୍ଟର ପ୍ରଫେସର ଅନିତା ପଣ୍ଡା କହିଥିଲେ ଜାଗୋର ପ୍ରତ୍ୟେକ ପିଲାଙ୍କ ମଧ୍ୟରେ ପ୍ରତିଭା ରହିଛି । ସେମାନଙ୍କୁ ପାଠପଢ଼ା ସହ କଳା, ସଂସ୍କୃତି ବିଷୟରେ ଶିକ୍ଷା ଦିଆଯାଇ ଦକ୍ଷ କରାଯାଉଛି ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଉଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଶିଶୁମାନଙ୍କ ଦ୍ୱାରା ଏବଂ ଟିମ୍ ଜାଗୋର ସଦସ୍ୟ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଇଟିଇଆର୍ ଡିନ୍ ପ୍ରଫେସର ପି.କେ. ସାହୁ , ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଏବଂ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପ୍ରଫେସର ଡାକ୍ତର ବସନ୍ତ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଡିସେମ୍ବର ୨୦୨୪ ଶନିବାର





## ଚାକିରି ବିକ୍ରି ରାକେଟର ପର୍ଦ୍ଦାଫାଶ:ଅଭିଯୁକ୍ତ ଡାନିଏଲ୍ ଗିରଫ

**କଟକ, ନ୍ୟୁଜ୍ ବ୍ୟୁରୋ**

ଚାକିରି ଦେବାକୁ କହି ଠକେଇ । ରେଲୱେର ବିଭିନ୍ନ ପଦବୀରେ ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କାର ଠକେଇ ହୋଇଥିବାର ଅଭିଯୋଗ ଆସିଛି । କଟକ ବିଡାନାସୀ ଥାନାରେ ଠକେଇର ଶିକାର ହୋଇଥିବା ଚିରଞ୍ଜିବୀ ରାଉତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଡାନିଏଲ୍ ରାଜକୁ ରେଳବାଇର ମିଛ ଆଇ କାର୍ଡ, ଜଏନିଂ ଲେଟର ମଧ୍ୟ ଦେଉଥିଲେ ଏହି ଗ୍ୟାଙ୍ଗ । ଏପିରିକି ଟଙ୍କା ଫେରସ୍ତ ମାଗିବାରୁ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ । ଅଭିଯୁକ୍ତ ରେଲୱେରେ ବିଭିନ୍ନ ଜିଲ୍ଲାର ଯୁବକ-ଯୁବତୀଙ୍କ ଠାରୁ ପ୍ରାୟ ୨ କୋଟିରୁ ଅଧିକ ଟଙ୍କାର ଠକେଇ ହୋଇଥିବା ଅଭିଯୋଗ ହୋଇଥିଲା । ଏହି ଠକେଇ ଆଧାରରେ ଅଭିଯୁକ୍ତ ଡାନିଏଲ୍ ରାଜ୍‌କୁ ଗିରଫ



ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସମର୍ପିତା ଚୌଧୁରୀ ଫେରାର୍ ଥିବା ଜଣାପଡିଛି । ଖବର ଅନୁଯାୟୀ, ବାଲେଶ୍ୱର ଜିଲ୍ଲାର ଯୁବକ-ଯୁବତୀଙ୍କ ଠାରୁ ରେଳବାଇରେ ଚାକିରୀ କରାଇଦେବାକୁ କହି ୩୦ ଲକ୍ଷରୁ ଅଧିକ ଟଙ୍କାର ଠକେଇ ହୋଇଥିବା ଅଭିଯୋଗ ଆସିଛି । ଗିରଫ ଅଭିଯୁକ୍ତ ଓ ତାଙ୍କ ମା' ଏହି ଠକେଇରେ ସାମିଲ୍ ଥିଲେ । ୨୦୨୨ ମସିହାରେ ଟଙ୍କା ନେଇ ଯୁବକ-ଯୁବତୀ ମାନଙ୍କୁ କରାଯାଇଛି । ବାକି ଅନ୍ୟ ସମସ୍ତ ଅଭିଯୁକ୍ତ ଫେରାର୍ ଅଛନ୍ତି । ସେପଟେ ଏହି ଘଟଣାକୁ ନେଇ ଅତିରିକ୍ତ ଡିସିପି କହିଛନ୍ତି ଯେ, ଗିରଫ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ପ୍ରମାଣ ମିଳିଛି । ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରାଯିବା ସହ ଠକେଇ ଘଟଣାରେ ଆଉ କାହାର ସଂପୃକ୍ତି ରହିଛି ତାର ମଧ୍ୟ ତଦନ୍ତ ଜାରି ରହିଛି । ଯଦି ଆଉ କୌଣସି ବ୍ୟକ୍ତି ଠକେଇର ଶିକାର ହୋଇଛନ୍ତି ତେବେ ଥାନାରେ ଅଭିଯୋଗ କରିବାକୁ କହିଛନ୍ତି ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ।

### କେନ୍ଦୁଝର-ଗୋନାସିକା ମହୋତ୍ସବ ଉଦଘାଟନୀ ସମାରୋହ

# କେନ୍ଦୁଝର ଆଦିବାସୀ ସଂସ୍କୃତିର କେନ୍ଦ୍ରସ୍ଥଳ:ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ/ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାର ଲୋକକଳା, ସଂସ୍କୃତି, ସାହିତ୍ୟ ରାଜ୍ୟ ତଥା ଦେଶବାସୀଙ୍କୁ ଦିଗ୍‌ଦର୍ଶନ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟକ୍ତ କରିଛନ୍ତି । ଆମ ଆଦିବାସୀଙ୍କ କଳା, ଐତିହ୍ୟ ଅନନ୍ୟ ବୋଲି ସେ ପ୍ରକାଶ କରିବା ସହିତ କେନ୍ଦୁଝରର ପରମ୍ପରା ଓ ସଂସ୍କୃତି ଅନନ୍ୟ । ଆଦବାସୀ ସଂସ୍କୃତି, ଚଳନ, ପୂଜା ପାର୍ବଣ ସବୁ ନିଆରା ଓ ସ୍ୱତନ୍ତ୍ର ବୋଲି ଗୋନାସିକା-କେନ୍ଦୁଝର ମହୋତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି । ଏହା ସହିତ ୧୦ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଆଞ୍ଚଳିକ ସରସ ମେଳାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ବୁଧବାର ରାତି ୮.୦୦ରେ କାଳି ପଡିଆ କେନ୍ଦୁଝର ଷ୍ଟାଡିଅମ୍ ଠାରେ ଗୋନାସିକା-କେନ୍ଦୁଝର ମହୋତ୍ସବ ଆରମ୍ଭ ହୋଇଛି । ଏଥିରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ, ଡିଆଇଜି ବ୍ରିଜେଶ କୁମାର, ଏସ୍‌ପି ନିତିନ କୁଶଲକର, ଡ଼ିଏଫ୍‌ଓ ଧନରାଜ ଏଚ୍‌ଡି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ମହୋତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, କେନ୍ଦୁଝରର ସଂସ୍କୃତି ଏଠାକାର ଆଦିବାସୀ ସଂସ୍କୃତି ବିନାକଳ୍ପନା କରିବା ଅସମ୍ଭବ । କାରଣ ଜିଲ୍ଲାର ୪୫ ପ୍ରତିଶତରୁ ବି ଅଧିକ ଅଧିବାସୀ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର । ଜୁଆଙ୍ଗ, କୋଲ୍ହ, ଭୂୟାଁ, ଗୋଣ୍ଡ, ସାନ୍ତାଳ, ବାଥୁଡି, ଲୋଧା, ଭୂମିଜ, ସଉଁଟି ଇତ୍ୟାଦି ସଂପ୍ରଦାୟ ଏ ଜିଲ୍ଲାକୁ ସମୃଦ୍ଧ କରିଛନ୍ତି । ଆମ ମାଟିର ପରମ୍ପରା ଅନନ୍ୟ, ଏଠି ଆମେ ବର୍ଷା ପାଇଁ ଇନ୍ଦ୍ର ଦେବତାଙ୍କ ଆରାଧନା ନିମନ୍ତେ ବେଙ୍ଗ ବେଙ୍ଗୁଲୀ ବିଭାଘର କରୁ, ଯାହାକୁ ଆମ ସାନ୍ତାଳୀ ଭାଷାରେ ରୋଟେବୋପଲା କୁହାଯାଇଥାଏ । ଆମ ଘରେ ଛୋଟବେଳୁ ମୁଁ କରମା ପୂଜା କରି ଆସୁଛି, କୃଷି ଭିତ୍ତିକ ଏହି ପର୍ବ ଆମ ସାନ୍ତାଳମାନଙ୍କ ପ୍ରମୁଖ ପର୍ବ । ସେହିପରି ଭୂୟାଁମାନଙ୍କ ଚାଳ ଜମ୍ପାର ନୃତ୍ୟ, ଭଣ୍ଡ ପର୍ବ କି ବାଥୁଡ଼ି ମାନଙ୍କ ବଡାମ ବଡାମଣି, ମୁଣ୍ଡା ଓ କୋହ୍ଲମାନଙ୍କ ମାଘେ ପରବ, କୁଡୁମୀମାନଙ୍କ ଗୋ-ବନ୍ଦନା, ଏମିତି ଆହୁରି ଅନେକ ପର୍ବ ଆମ ସଂସ୍କୃତି ଓ ପରମ୍ପରାକୁ ସ୍ୱତନ୍ତ୍ରତା ପ୍ରଦାନ କରୁଛି । ଏଭଳି ମହୋତ୍ସବ ଦ୍ୱାରା ସ୍ଥାନୀୟ ଅଞ୍ଚଳର ସଂସ୍କୃତି ଓ ପରମ୍ପରାକୁ ଅନ୍ୟ ଆଗରେ ପ୍ରଦର୍ଶିତ କରିବାକୁ ସୁଯୋଗ ମିଳେ ବୋଲି ସେ କହିଥିଲେ । ସେ କହିଥିଲେ,



ଗୋନସିକା ମହୋତ୍ସବ, କଳା, ସଂସ୍କୃତି, ପରମ୍ପରା ଏବଂ ମାନବବାଦର ଏକ ଅପୂର୍ବ ସଙ୍ଗମ । ଗୋନାସିକା ମହୋତ୍ସବର ସ୍ଥାପନା ଦିନୁ ମୁଁ ଏହାର ଅଂଶବିଶେଷ ଭାବେ ରହି ଆସିଅଛି । କେତେବେଳେ ଦର୍ଶକ ଭାବେ ତ କେତେବେଳେ ଅତିଥି ଭାବେ । ଗତବର୍ଷ ବିଧାୟକ ଭାବେ ମୁଁ ଅତିଥି ହୋଇ ଆସିଥିଲି । କିନ୍ତୁ, ଆଜି ଆପଣମାନଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା ଯୋଗୁଁ ମୁଁ ରାଜ୍ୟର ମୁଖ୍ୟମନ୍ତ୍ରୀ ହିସାବରେ ଆପଣଙ୍କ ଗହଣରେ ଉପସ୍ଥିତ । କେନ୍ଦୁଝରର ଜଣେ ସାଧାରଣବାସୀ ଭାବେ ମୁଁ ସଦାସର୍ବଦା ଏହି ମହୋତ୍ସବର ଅଂଶ ହୋଇ ରହିବି । ପଦ ପଦବୀ ଆସିବ, ଯିବ କିନ୍ତୁ ଏ ଦେଶର ସଂସ୍କୃତି, ପରମ୍ପରା ଅମର, ଚିରନ୍ତନ । ଏହାକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ । ସେ କହିଥିଲେ, ଦୀର୍ଘ ପାଞ୍ଚ ଦିନ ବ୍ୟାପୀ ଗୋନାସିକା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜିଲ୍ଲାର କଳାକାର ଓ ଶିଳ୍ପୀ-ରାଜ୍ୟର ବିଭିନ୍ନ ଜିଲ୍ଲାରୁ ତଥା ଭାରତର ବିଭିନ୍ନ ରାଜ୍ୟରୁ ଆସୁଥିବା କଳାକାର, ଶିଳ୍ପୀ, କାରିଗରମାନଙ୍କ ସହ ମିଶି ଭାବର ଆଦାନ ପ୍ରଦାନ କରିବେ । ନିଶ୍ଚିତ ଭାବେ ଏହା ଜିଲ୍ଲାର କଳାକାର, ଶିଳ୍ପୀ, କାରିଗରମାନଙ୍କ କଳା ନୈପୁଣ୍ୟତାର ଅଭିବୃଦ୍ଧିରେ ସହାୟକ ହେବ । ଏହା କେବଳ ସାଂସ୍କୃତିକ କାର୍ଯ୍ୟକ୍ରମର ଅବସର ନୁହେଁ । ଆମ ମାଟିର କଥା, ନିଜ ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଜାଣିବାର ଅବସର ଆସିଛି । ଲୋପ ପାଇଯାଉଥିବା ଲୋକକଳା ଏବଂ ଐତିହ୍ୟ, ପରମ୍ପରାକୁ ଜାଗରଣ କରିବାର ଅବସର ଆଣିଛି । ସର୍ବୋପରି ଏହି ମହୋତ୍ସବ ବିଭିନ୍ନ କଲ୍ୟାଣ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଂପର୍କରେ ଜନସଚେତନତା ସୃଷ୍ଟି କରିବ । କୋଣାର୍କ ମନ୍ଦିର ଗାତ୍ରରେ ବ୍ୟବହୃତ ହୋଇଥିବା ବିଶାଳକାୟ ଲୌହ ଦଣ୍ଡ ବ୍ରାହ୍ମଣୀପାଳ ଗ୍ରାମର ଲହୁରା ନାମକ ଜାତି ଦେିତାରୀ- ଟମକା ପର୍ବତରୁ ଲୁହାପଥର ସଂଗ୍ରହ କରି ଗ୍ରାମ୍ୟଭାଟି ପ୍ରଣାଳୀରେ ତରଳାଇ ନିର୍ମାଣ କରିଥିଲେ । ଆଜି ଆମ ପାଖରେ ପର୍ଯ୍ୟାପ୍ତ ସୁଯୋଗ ଅଛି ଆମ ଜିଲ୍ଲାର ବିକାଶ ପାଇଁ ଥିବା ସମସ୍ତ ସମ୍ଭାବନାକୁ ଉଚିତ୍ ଦିଗ୍‌ଦର୍ଶନ ଦେଖାଇ ସ୍ୱପ୍ନ ପୂରଣ କରିବା ପାଇଁ । ଏଥିନିମନ୍ତେ ମୁଁ ଅହୋରାତ୍ର କାର୍ଯ୍ୟ କରିବି । ମୁଁ ଜାଣିଛି କେନ୍ଦୁଝରର ମାଟିର ସନ୍ତାନ ଭାବେ ଆପଣଙ୍କ ସହଯୋଗ ଓ ଆଶୀର୍ବାଦ ସବୁବେଳେ ମୋ ପୁଞ୍ଜି ହୋଇ ରହିବ । ସେ କହିଥିଲେ, ପ୍ରକୃତିର ଅପୂର୍ବ ଶୋଭାରାଜିରେ ବିଭୂଷିତ ଆମ ଏଇ ମାଟିରେ ଥିବା ବିଭିନ୍ନ ଜଳପ୍ରପାତ ଯଥା ସାନଘାଗରା, ବଡ଼ଘାଗରା, ଖଣ୍ଡାଧାର, ଗୁଣ୍ଡିଚାଘାଇ ପରି ମନଲୋଭା ଦୃଶ୍ୟ ପର୍ଯ୍ୟଟକଙ୍କୁ ଅମୋଦିତ କରିଆସୁଛି । ଏସବୁ ପର୍ଯ୍ୟଟନସ୍ଥଳୀର ଆହୁରି ଉନ୍ନତି କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । କେନ୍ଦୁଝରକୁ ଗମନାଗମନ ବ୍ୟବସ୍ଥାକୁ ଆହୁରି ସୁଗମ କରିବା ପାଇଁ ବାଦାମପାହାଡ଼ରୁ କେନ୍ଦୁଝର ପର୍ଯ୍ୟନ୍ତ ଏକ ଟ୍ରେନ୍ ଚଳାଚଳ କରିବ ଏବଂ ବଡ଼ବିଲରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତିକରଣ କରାଯାଇ ୬ ଲେନ୍ ବିଶିଷ୍ଟ କରାଯିବ । ଏହାଦ୍ୱାରା ଗମନାଗମନ ସୁଗମ ହେବା ସହ ପର୍ଯ୍ୟଟନ ଓ ବ୍ୟବସାୟ ପାଇଁ ବିରାଟ ପଥ ଉନ୍ମୁକ୍ତ ହେବ । ଏହି ଗୋନାସିକା ମହୋତ୍ସବ ତାର ମୂଳ ଲକ୍ଷ୍ୟ ହାସଲ କରିବା ଦିଗରେ ସଫଳ ହେଉ, ମନୋରଂଜନ ସହିତ ଏହି ଉତ୍ସବ ଆମ ଓଡ଼ିଆ ଅସ୍ମିତାର ଜୟଗାନ କରିବାର ଏକ ଉତ୍କୃଷ୍ଟ ମଞ୍ଚ ରୂପେ ଉଭା ହେଉ । କଳା ଓ କଳାକାରଙ୍କ ସୀମା ସରହଦ ନଥାଏ ତଥାପି ବି ଏହି ମଞ୍ଚ ବାହାରୁ ଆସିଥିବା କଳାକାରଙ୍କ ସମେତ ଆମ ଓଡ଼ିଆ କଳାକାରମାନଙ୍କୁ ମଧ୍ୟ ପର୍ଯ୍ୟାପ୍ତ ସୁଯୋଗ ଓ ସମ୍ମାନ ପ୍ରଦାନ କରାଯିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସଂସ୍କୃତି ଅଧିକାରୀ ରମେଶ ନାଏକ, ସୂଚନା ଲୋକ ସଂପର୍କ ଅଧିକାରୀ ସାର୍ଥକ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ସୁର ନିକେତନର କଳାକାରମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିବାବେଳେ ବେଦ ବିଦ୍ୟାଳୟର ଛାତ୍ରମାନେ ଶ୍ଳୋକ ଆବୃତ୍ତି କରିଥିଲେ । ଏହି ଗୋନାସିକା ମହୋତ୍ସବ ଅବସରରେ ଆଞ୍ଚଳିକ ସରସ ମେଳା ପଡ଼ିଥିବା ବେଳେ ଏଥପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୩୦୦ ଷ୍ଟଲ୍ ପଡିଛି । ସେହିପରି ରାଜ୍ୟ ତଥା ରାଜ୍ୟ ବାହାରୁ ସାଂସ୍କୃତିକ ଟିମ୍ ଦ୍ୱାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି ।

## ଉଠାଦୋକାନ ଉଚ୍ଛେଦ ବେଳେ ଡୋଜର ଆଗରେ ଶୋଇଲେ ଶହ ଶହ ଉଠାଦୋକାନୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଗତ କିଛିଦିନ ହେବ ବିଏମ୍‌ସି ଓ ବିଡ଼ିଏର ମିଳିତ ଉଚ୍ଛେଦକାରୀ ଦଳ ଉଠାଦୋକାନୀ ଆଇନ୍ ନମାନି ଭୁବନେଶ୍ୱରର ତିନୋଟି ଜୋନ୍‌ରେ ଉଚ୍ଛେଦ କରୁଥିବା ସମୟରେ ଆଇନ୍ ରକ୍ଷାକାରୀ ଉଠାଦୋକାନୀମାନେ ଏହାକୁ ବିରୋଧ କରିଥିଲେ । ପୁନର୍ବାର ଗୁରୁବାର ବିଏମ୍‌ସି, ବିଡ଼ିଏର ମିଳିତ ଉଚ୍ଛେଦକାରୀ ଦଳ ଭୁବନେଶ୍ୱରର ପଟାସ ଛକ, ଗୋପବନ୍ଧୁ ଛକ, ଲିଙ୍ଗରାଜ ଅଞ୍ଚଳ, କଳିଙ୍ଗ ଷ୍ଟୁଡିଓ ଅଞ୍ଚଳ ଉଚ୍ଛେଦ କରିବା ପାଇଁ ଯୋଜନା କରୁଥିବା ବେଳେ ଉତ୍ତର ଜୋନ୍‌ର କିମ୍ବ ଛକ ଠାରେ ଉଠାଦୋକାନ ଉଚ୍ଛେଦ କରିବା ପାଇଁ ଉଚ୍ଛେଦକାରୀ ଦଳ ପହଞ୍ଚିଥିଲେ । ଏହି ସମୟରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ମହାସଂଘର କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ବିପିନ ବିହାରୀ ଜେନା, ଲଲାଟ ଓଝା, ଶୁଭଲକ୍ଷ୍ମୀ ମହାନ୍ତି, ସସ୍ମିତା ସାହୁ, ବିଜୟ କୁମାର ସେନାପତି,



ମଙ୍ଗୁଳି ସାହୁ, ସୁମନ ପୃଷ୍ଟି ପ୍ରମୁଖ ବିଏମ୍‌ସିର ଉପଯୁକ୍ତ ନିର୍ଦ୍ଦେଶକଙ୍କୁ ଉଠାଦୋକାନୀ ଆଇନ୍ ନମାନି ଆପଣମାନେ କାହିଁକି ଉଚ୍ଛେଦ କରିବାକୁ ଆସିଛନ୍ତି ବୋଲି ପ୍ରଶ୍ନ କରିଥିଲେ । ମାତ୍ର ସେମାନଙ୍କ କଥା ନଶୁଣି ଉପଯୁକ୍ତ ନିର୍ଦ୍ଦେଶକ ଉଚ୍ଛେଦ କରିବାକୁ ଡ୍ରୋଜର ଆଗକୁ ନେଉଥିବା ବେଳେ ସେଠାରେ ଉପସ୍ଥିତ ଥିବା ହଜାର ହଜାର ଉଠାଦୋକାନୀ ଡ୍ରୋଜର ଆଗରେ ଶୋଇ ପ୍ରବାସୀ ଓଡ଼ିଆ ସମ୍ମିଳନୀ ନୁହେଁ, ରୋଟି ରହୁଁ, ବିଏମ୍‌ସି ତୁମେ ଫେରିଯାଅ, ଉଠାଦୋକାନୀ ଆଇନକୁ କାର୍ଯ୍ୟକାରୀ କରିବା ଆମର ଦାବି, ସମ୍ବିଧାନର ଧାରା ୧୯ (୧)(ଛ)କୁ ମାନିନେବା ଆଦି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇଥିଲେ । ଏହାପରେ ବାଧ୍ୟ ହୋଇ ବିଏମ୍‌ସି ଉଚ୍ଛେଦକାରୀ ଦଳ ଉଚ୍ଛେଦ ନକରି ସେଠାରୁ ଫେରିଯାଇଥିଲେ । ସେହିପର ମଧ୍ୟ ଜୋନ୍ ଏବଂ ଏକାମ୍ର ଜୋନ୍‌ରେ ଉପସଭାପତି ସୂର୍ଯ୍ୟମଣି ସାହୁଙ୍କ ନେତୃତ୍ୱରେ ଉଚ୍ଛେଦକାରୀ ଦଳକୁ ଜୋର୍‌ଦାର୍ ବିରୋଧ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ, ବିଧାନସଭାରେ ସରକାରୀ କର୍ମଚାରୀମାନେ ବିଧାୟକଙ୍କ ଦାବିକୁ ସମ୍ମାନ ଦେବା ପାଇଁ କୁହାଯାଉଥିବା ବେଳେ ଦୁଇ ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ କୁମାର ରାଉତଙ୍କ ଦାବିକୁ ବିଏମ୍‌ସି କର୍ମଚାରୀମାନେ କାହିଁକି ମାନୁନାହାଁନ୍ତି ତାହା ବୁଝା ପଡୁନାହିଁ । ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି ଯେ, ଉଠାଦୋକାନୀ ଆଇନ୍ ମାନିବା ସମସ୍ତ ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟ । କିନ୍ତୁ ଭୁବନେଶ୍ୱର ମହାନଗର ନିଗମ କାହିଁକି ଆଇନ୍ ନମାନି ମନଇଚ୍ଛା ୮ ହଜାରରୁ ଅଧିକ ଉଠାଦୋକାନୀଙ୍କୁ ଉଚ୍ଛେଦ କରି ସେମାନଙ୍କ ପରିବାରକୁ ରାଜରାସ୍ତାକୁ ଠେଲି ଦେଉଛନ୍ତି ତାହା ଚିନ୍ତାର କାରଣ ପାଲଟିଛି । ଯଦି ରାଜ୍ୟ ସରକାର ଆଇନ୍ ମାନୁନଥିବା ବିଏମ୍‌ସି କମିଶନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ବାଧ ହୋଇ ମହାସଂଘର ୩୦ ହଜାର ଉଠାଦୋକାନୀ ପରିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ କରିବେ ବୋଲି ଶ୍ରୀ ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ବି.ଜେ.ବି-୭୩ର ୩୪ତମ ବନ୍ଧୁମିଳନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଗତକାଲି ବି.ଜେ.ବି-୭୩ର ୩୪ତମ ବନ୍ଧୁମିଳନ ସତ୍ୟନଗର ସ୍ଥିତ ବ୍ଲାଇଣ୍ଡ ଆସୋସିଏସନ୍ ସଭାଗୃହରେ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ବରିଷ୍ଠ ଆଡ଼ଭୋକେଟ ମାନସ ମହାପାତ୍ରଙ୍କ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ସର୍ବପ୍ରଥମେ ଦିବଂଗତ ସଭ୍ୟ ସମୀର କୁମାର ସୋମ, ଜାନକୀ ଚମ୍ପତି, ଅଜିତ କୁମାର ଦାସ ଓ ପ୍ରମୋଦ ମିଶ୍ରଙ୍କ ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ନୂତନ ଭାବେ ଯୋଗ ଦେଇଥିବା ସଭ୍ୟ ମନୋଜ ମିଶ୍ର, ଆଡ଼ଭୋକେଟ୍ ଦିଲ୍ଲିପ କୁମାର ମହାନ୍ତି, ଶକୁନ୍ତଳା ମହାପାତ୍ର ଏବଂ ବିଜୟଲକ୍ଷ୍ମୀ ସ୍ୱାଇଁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ସହିତ ସ୍ୱାଗତ କରାଯାଇଥିଲା । ମଞ୍ଚାସୀନ ପଦାଧିକାରୀ ସଭାପତି ମାନସ ମହାପାତ୍ର, ସାଧାରଣ ସମ୍ପାଦକ ବୁଦ୍ଧରାମ ସାହୁ, ଉପସଭାପତି ଜୟନାରାୟଣ ସାମନ୍ତରାୟ ଓ ପୁରୁଷୋତ୍ତମ



ସାହୁ, ସମ୍ପାଦକ ବିଦ୍ୟାଧର ଜେନା ଏବଂ କୋଷାଧ୍ୟକ୍ଷ ଜଗଦୀଶ ସାହୁ ପ୍ରମୁଖଙ୍କୁ ମାନପତ୍ର ସହିତ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯିବା ସହିତ ସେମାନଙ୍କୁ ପୁନଃ ଦାୟିତ୍ୱଗ୍ରହଣ କରାଯିବାର ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ କରାଗଲା । ଏଥିସହିତ ନୂତନ ଭାବେ ମିହିର ପଟ୍ଟନାୟକ ଓ ଜୟଶ୍ରୀ ପଟ୍ଟନାୟକଙ୍କୁ ସମ୍ପାଦକ ଭାବେ ମନୋନୀତ କରାଗଲା । ଏହି ବନ୍ଧୁମିଳନରେ ପ୍ରଫେସର ନିରଞ୍ଜନ ବାରିକ, ମିହିର କୁମାର ପଟ୍ଟନାୟକ ଓ ପ୍ରସନ୍ନ କୁମାର ସାହୁଙ୍କୁ ତାଙ୍କ ଲେଖନୀ ପାଇଁ ସାରସ୍ୱତ ସମ୍ମାନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଗଲା । ଏତଦ୍‌ବ୍ୟତୀତ ଡଃ ମମତା ବ୍ରହ୍ମଙ୍କ କବିତା ପାଠ ସହିତ ସର୍ବଶ୍ରୀ ଡଃ ବିଜୟ ମହାପାତ୍ର, ଡଃ ନିରଞ୍ଜନ ବାରିକ, ପ୍ରଫେସର ନିର୍ମଳ ଚନ୍ଦ୍ର ଦାଶ, କ୍ୟାପ୍‌ଟେନ୍ ବିନୟ ଭୂଷଣ ମହାନ୍ତି, ଡଃ ସତ୍ୟେନ୍ଦ୍ର ପଟ୍ଟନାୟକ ଓ ଭୁବନାନନ୍ଦ ତ୍ରିପାଠୀ ପ୍ରମୁଖ ନିଜର ସ୍ମୃତି ଓ ଅନୁଭୂତି ବର୍ଣ୍ଣନା କରିବା ସହିତ ସଂଗଠନକୁ ସାମାଜିକ କାର୍ଯ୍ୟକ୍ରମରେ ସାମିଲ୍ କରାଯିବା ପାଇଁ ମତବ୍ୟକ୍ତ କରିଥିଲେ । ସଭାପତି ମାନସ ମହାପାତ୍ରଙ୍କ ବି.ଜେ.ବି-୭୩ ସ୍ମରଣିକାର ଚତୁର୍ଥ ସଂସ୍କରଣ ପ୍ରକାଶ କରାଯିବା ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା । ଏହି ବନ୍ଧୁ ମିଳନରେ ସଭାମଞ୍ଚ ପରିଚଳନା କରିଥିଲେ ପ୍ରଧାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ । ଉପସଭାପତି ପଦ୍ମନାଭ ରଣସିଂହଙ୍କ ଧନ୍ୟବାଦ ପ୍ରସ୍ତାବ ପରେ ସଭା ସାଙ୍ଗ ହୋଇଥିଲା ।

## ଗ୍ୟାସ୍ ସିଲିଣ୍ଡର ଫାଟି ଚିକେନ୍ ଦୋକାନୀ ଗୁରୁତର

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଚିକେନ୍ ଦୋକାନ ଭିତରେ ଗ୍ୟାସ୍ ହାଣ୍ଡି ଫାଟି ଜଣେ ଗୁରୁତର । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାଟାଗୁଡ଼ା ଗ୍ରାମରେ । ସୂଚନା ମୁତାବକ ପ୍ରତ୍ୟେକ ଦିନ ଭଳି ଗୁରୁବାର ଦିନ ମଧ୍ୟ ଚିକେନ୍ ଦୋକାନୀ ରତନ ଦିଗାଲ୍ ଚିକେନ୍ କରିବା ପାଇଁ ପାଣି ଗରମ କରୁଥିବା ବେଳେ ହଠାତ୍ ଗ୍ୟାସ୍ ହାଣ୍ଡି ଫାଟି ଯାଇଥିଲା । କିଛି ବୁଝିବା ଆଗରୁ ଏତେ ବଡ଼ ଦୁର୍ଘଟଣା ଘଟିଛି । ଦୋକାନୀ ଜଣକ ଯଦି ଓ ଗୁରୁତର ଆହତ ହୋଇଛନ୍ତି, କିନ୍ତୁ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଦୋକାନୀ ଜଣକ ବାଟାଗୁଡା ପଞ୍ଚାୟତ ପାଲୁମକିଆ ଗାଁର ରତନ ଦିଗାଲ୍ ବୋଲି ଜଣାପଡିଛି । ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଅଟୋ ଯୋଗେ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଭର୍ତ୍ତୀ କରାଇଥିଲେ । ବର୍ତ୍ତମାନ ସେ ଚିକିତ୍ସିତ ଅବସ୍ଥାରେ ଥିବା ଜଣାପଡିଛି । ଖବରପାଇ ବାଲିଗୁଡ଼ା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା । ବାଲିଗୁଡ଼ା ପୋଲିସ୍ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି କିଭଳି ପରିସ୍ଥିତିରେ ଏଭଳି ଘଟଣା ଘଟିଛି ସେ ନେଇ ତଦନ୍ତ କରୁଥିବା ଜଣାପଡିଛି । ବର୍ତ୍ତମାନ ଏଭଳି ଦୁର୍ଘଟଣା ହେବାପରେ ଅଞ୍ଚଳର ଭୟର ବାତାବରଣ ସୃଷ୍ଟି ହେଉଛି ।

## ଗଡ଼ିଲା ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ରଥ

**ବାଲେଶ୍ୱର, ନ୍ୟୁଜ୍**

ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଦ୍ୱାରା ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବିକାଶ ଉପସ୍ଥିତ ହୋଇ ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ସଚେତନତା ରଥ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ଜନସାଧାରଣଙ୍କୁ ସଚେତନ କରିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ପ୍ରକାଶ କରିଥିଲେ । ନିଶା ମୁକ୍ତ ଭାରତ ଅଭିଯାନ ଦ୍ୱାରା ନିଶାର ପ୍ରସାରକୁ ରୋକିବା ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରଚେଷ୍ଟା ଜାରି ରହିବ ବୋଲି ଶ୍ରୀମତୀ ବେହେରା ମତ ପ୍ରକାଶ କରିଥିଲେ ।

## ସେଞ୍ଚୁରିୟାନ୍ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ମିଳନୀ

**ପାରଳାଖେମୁଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟର ପାରଳାଖେମୁଣ୍ଡି କ୍ୟାମ୍ପସ୍‌ରେ ସଂକେତ ପ୍ରକ୍ରିୟାକରଣ, ଯୋଗାଯୋଗ, ଶକ୍ତି ଏବଂ ଏମ୍ବେଡେଡ ପ୍ରକ୍ରିୟା ଉପରେ ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ମିଳନୀ (SCOPES-2024) ଉଦ୍‌ଘାଟିତ ହୋଇଯାଇଛି । ଏହି ତିନି ଦିନିଆ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ, ଏକ ହାଇବ୍ରିଡ ମୋଡରେ ଆୟୋଜିତ, ଗବେଷକ, ଶିକ୍ଷାବିତ ଏବଂ ଶିଳ୍ପ ବୃତ୍ତିଗତ ମାନଙ୍କ ପାଇଁ ଜ୍ଞାନ ଆଦାନପ୍ରଦାନ ଏବଂ ସଂକେତ ପ୍ରକ୍ରିୟାକରଣ, ଯୋଗାଯୋଗ, ଶକ୍ତି ଏବଂ ଏମ୍ବେଡେଡ ପ୍ରକ୍ରିୟା, ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, ଯାନ୍ତ୍ରିକ ଶିକ୍ଷଣ ଏବଂ ଗଭୀର ଶିକ୍ଷା ଭଳି କ୍ଷେତ୍ରରେ ନବ ସୃଜନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ ମାଧ୍ୟମ ଭାବରେ କାର୍ଯ୍ୟ କରେ । ଉଦ୍ଘାଟନୀ ଅଧିବେଶନ ସକାଳ ୧୦:୩୦ରେ ଆରମ୍ଭ ହୋଇଥିଲା, ଯେଉଁଥିରେ ପ୍ରଦୀପ ପ୍ରଜ୍ୱଳନ ଏବଂ ଏକ ଆତ୍ମୀୟ ଗଣେଶ ଓ ଜଗନ୍ନାଥ ବନ୍ଦନା ଦ୍ୱାରା ଏକ ଶୁଭ ପରିବେଶ ସୃଷ୍ଟି ହୋଇଥିଲା । SCOPES-2024ର ସଂଯୋଜକ ପ୍ରଧାପକ ଡ.ଅଶୋକ ମିଶ୍ର ତାଙ୍କ ଭାଷଣରେ ବିଶିଷ୍ଟ ବ୍ୟକ୍ତି, ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ । ଏହା ପରେ, SCOPES-2024ର ଆୟୋଜକ ପ୍ରାଧ୍ୟାପକ ଡି.କେ. ସାହୁ ସମ୍ମିଳନୀର ଉଦ୍ଦେଶ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ଗବେଷଣା ସହଯୋଗ ପାଇଁ ଏକ ମାଧ୍ୟମ ଭାବରେ ଏହାର ଗୁରୁତ୍ୱ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଉଦ୍‌ଘାଟନୀ ଭାଷଣ ଯାନ୍ତ୍ରିକ ଏବଂ ବୈଷୟିକ ମହବିଦ୍ୟାଳୟର ଅଧକ୍ଷ ଏବଂ SCOPES-2024ର କାର୍ଯ୍ୟକ୍ରମ ମୁଖ୍ୟ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା ଦେଇଥିଲେ । ଯେଉଁମାନେ ବାସ୍ତବ-ବିଶ୍ୱ ଆହ୍ୱାନ ଗୁଡ଼ିକୁ ମୁକାବିଲା କରିବାରେ ସମ୍ମିଳନୀ ପ୍ରସଙ୍ଗର ପରିବର୍ତ୍ତନକାରୀ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ । ଅଧିବେଶନକୁ ସମ୍ବୋଧିତ କରିଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ବିଶ୍ୱ ବିଦ୍ୟାଳୟର କୁଳ ସଚିବ ତଥା SCOPES-2024ର ସାଧାରଣ ମୁଖ୍ୟା ପ୍ରାଧିପିକା ଡ. ଅନିତା ପାତ୍ର, ଯିଏ ଆନ୍ତବୈଷୟିକ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଧାପିକା ସୁପ୍ରିୟା ପଟ୍ଟନାୟକ, ବିଶ୍ୱସ୍ତରୀୟ ଗବେଷଣା ଏବଂ ନବସୃଜନ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଥିଲେ ।

## ମଦ୍ୟପ ହାଇୱା ଚାଳକର ଉନ୍ମତ୍ତ କାଣ୍ଡ:ରେଲୱେ ଓଭରବ୍ରିଜକୁ ପିଟି ଭାଙ୍ଗିଲା ଡିଭାଇଡର, ଜଣେ ଗୁରୁତର

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମାଲଗୋଦାମ ଥାନା ଅନ୍ତର୍ଗତ ରାଣୀହାଟରୁ ମଧୁପଟଣା ସର୍ଭିସ ରୋଡ଼ରେ ରେଲୱେ ଓଭରବ୍ରିଜ୍ ଡିଭାଇଡରକୁ ଏକ ଡ଼ାଲା ଟେକି ଆସୁଥିବା ହାଇୱା ଧକ୍କା ଦେବାଫଳରେ ରେଲୱେ ଡିଭାଇଡରଟି ଭାଙ୍ଗି ଯାଇଥିଲା । ପରେ ହାଇୱା ପଛପଟୁ ଆସୁଥିବା ଏକ ସ୍କୁଟି ହାଇୱାକୁ ଧକ୍କା ଦେଇଥିଲା । ଫଳରେ ସ୍କୁଟି ଚାଳକ ଗୁରୁତର ଭାବେ ଆହତ ହୋଇଥିଲେ । ଘଟଣାସ୍ଥଳରେ ହାଇୱା ଡ୍ରାଇଭର ଫେରାର୍ ହୋଇଯାଇଥିବା ବେଳେ ମାଲଗୋଦାମ ଥାନା ପିସିଆର ପହଞ୍ଚି ଆହତ ବ୍ୟକ୍ତିଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଏସସିବି ମେଡିକାଲକୁ ପଠାଇଥିଲେ । ସୂଚନାଯୋଗ୍ୟ ଯେ, ରାଣୀହାଟରୁ ମଧୁପଟଣା ସର୍ଭିସ ରୋଡ଼ରେ ଏକ ହାଇୱା ଡାଲା ଟେକି ଯାଉଥିବା ସମୟରେ ରେଲୱେ ଡ଼ିଭାଇଡରକୁ ଧକ୍କା ଦେଇଥିଲା । ଯାହାଫଳରେ ରେଲୱେ ଡ଼ିଭାଇଡରଟି ସମ୍ପୂର୍ଣ ରୂପେ ଭାଙ୍ଗି ଯାଇଥିଲା । ପରେ ହାଇୱା ପଛରେ ଆସୁଥିବା ଏକ ସ୍କୁଟି ତାର ଭାରସ୍ୟାମ ହରାଇ ହାଇୱା ପଛପଟୁ ଧକ୍କା ଦେଇଥିଲା । ଯାହାଫଳରେ ସ୍କୁଟି ଚାଳକ ଗୁରୁତର ଭାବେ ଆହତ ହୋଇଥିଲେ । ସ୍କୁଟି ଚାଳକ ହେଉଛନ୍ତି ଜଗତସିଂହପୁର ଜିଲ୍ଲା କତରାପୁରର ସୁଶାନ୍ତ କୁମାର ଦାସ (୩୪) । ସେହି ରୋଡ଼୍ ଦେଇ ଭାରୀଯାନ ଯିବାକୁ ନିଷେଧ ଥିବାବେଳେ କାହିଁକି ଏ ହାଇୱା ଏ ରାସ୍ତା ଦେଇ ଯାଉଥିଲା । ଯଦି ଗଲା ତାକୁ କିଏ ଅଟକାଇଲେ ନାହିଁ କାହିଁକି । ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ, ଘଟଣାସ୍ଥଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା । ମାଲଗୋଦାମ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିବା ଦେଖାଯାଇଥିଲା ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ଉତ୍ତରାଞ୍ଚଳ ଉପ-ନିର୍ଦ୍ଦେଶକଙ୍କ ବରଗଡ଼ ଗସ୍ତ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଉତ୍ତରାଞ୍ଚଳ ଉପ-ନିର୍ଦ୍ଦେଶକ କଲ୍ୟାଣୀ ଦାସ ଦିନିକିଆ ବରଗଡ଼ ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତଥା ସୂଚନା କେନ୍ଦ୍ର ଏବଂ ପାଠାଗାର ନିରୀକ୍ଷଣ କରିଛନ୍ତି । ନିରୀକ୍ଷଣ ସମୟରେ କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ପଚାରି ବୁଝିବା ସହିତ କାର୍ଯ୍ୟାଳୟ ସମସ୍ତ ଦସ୍ତବିଜ୍ ଯାଞ୍ଚ କରି କର୍ମଚାରୀ ମାନଙ୍କ ସହ ଆଗାମୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ । ଏହାପରେ ସଂସ୍କୃତି ଭବନରେ ଥିବା ପାଠାଗାର ପରିଭ୍ରମଣ କରି ପାଠକଙ୍କ ସହ ଆଲୋଚନା କରିଥିଲେ ଏବଂ ପାଠକଙ୍କ ସୁବିଧା ପାଇଁ ଯଥା ସମ୍ଭବ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଶ୍ରୀମତି ଦାସ । ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଚାଲିଥିବା ଅବଗତ ହୋଇ ସନ୍ତୋଷ ପ୍ରକାଶ କରିବା ସହ ଆହୁରି ଉନ୍ନତ ପ୍ରଣାଳୀରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ନିରୀକ୍ଷଣ କାର୍ଯ୍ୟ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ସହିତ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ପଡିଆରେ ୨ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ମେଳାର ଉଦ୍‌ଯାପନୀ ଦିବସରେ ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ଶଶାଙ୍କ ଶେଖର ସାହୁ ଅଧକ୍ଷତା କରିଥିଲେ । ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ରାମାଶିଷ ହାଜରା ସମ୍ମାନନୀୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ସାହୁ ୨୦୨୪ ମସିହା ପାଇଁ ଅନୁଷ୍ଠିତ ଏହି ମେଳାର ସଫଳତା ପାଇଁ ଉପସ୍ଥିତ ଥିବା ଚାଷୀ ମାନଙ୍କୁ ଧନ୍ୟବାଦ ଜଣାଇବା ସହ ଗ୍ରାମାଞ୍ଚଳର ବିକାଶ ପାଇଁ ଓ ଚାଷୀ ମାନଙ୍କ ଆର୍ଥିକ ବିକାଶ ପାଇଁ ମତ୍ସ୍ୟ ଓ ପ୍ରାଣି ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗ୍ରାମାଞ୍ଚଳର ଅର୍ଥନୀତି ଓ ସାମାଜିକ ସଶକ୍ତିକରଣ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗୋପାଳନ, କୁକୁଡା ଚାଷ, ମତ୍ସ୍ୟଚାଷ ପ୍ରଭୃତିଙ୍କୁ ଗୁରୁତ୍ୱ ପ୍ରଦାନ କରି ଗ୍ରାମାଞ୍ଚଳର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବା ପାଇଁ ଯୋଜନା କରିଛନ୍ତି । ଉତ୍ସବରେ ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ ୨ଜଣ ମତ୍ସ୍ୟଚାଷୀ ଓ ୨ଜଣ ପ୍ରାଣୀ ପାଳକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି । ବିଭିନ୍ନ ସ୍ୱୟଂ





ସହାୟିକା ଗୋଷ୍ଠୀ ପକ୍ଷରୁ ଖୋଲାଯାଇଥିବା ଷ୍ଟଲ୍‌ମାନଙ୍କରେ ଗ୍ରାହକ ମାନଙ୍କ ଭିଡ ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣି ସମ୍ପୋଦ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ତଥା ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ । ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସୁଧାଂଶୁ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ପ୍ରାଣି ଚିକିତ୍ସା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତିଙ୍କୁ ମଧ୍ୟ କାର୍ଯ୍ୟକ୍ରମ ସଫଳତା ନିମନ୍ତେ ପୁରସ୍କୃତ କରାଯାଇଥିଲା ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୧।୧୨।୨୦୨୪, ପୌଷ ଦି୬ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୧୭।୦୨** **ଚନ୍ଦ୍ରୋଦୟ- ରାଘ ୧୦।୪୯।୧୨**

**ଷଷ୍ଠୀ-** ଦିଘ ୧୨।୨୨ ପର୍ଯ୍ୟନ୍ତ । **ପୂର୍ବା ଫାଲ୍‌ଗୁନି ନକ୍ଷତ୍ର-** ନିଘ ୬।୧୪ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୧୨।୨୨ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୪୭ ଗତେ ଘ ୯।୨୪ ମଧ୍ୟେ । ଦିଘ ୧୨।୦୬ ଗତେ ଘ ୧।୦୫ ମଧ୍ୟେ ।



**ମେଷ:** ବ୍ୟବସାୟରେ କ୍ଷତି ଘଟିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହୋଇପାରେ । ମାନସିକ ଅଶାନ୍ତି ଦୂର ହେବ । ଅଧିକ ଭ୍ରମଣ କରି ଶାରୀରିକ ପୀଡ଼ା ଦେଖାଦେଇପାରେ । ଘରେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ବୃଷ:** ଭ୍ରମଣ ଯୋଗ ମଧ୍ୟ ରହିଛି । ଶତ୍ରୁ ନାଶ ହେବେ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ପରୋପକାରୀ ହେବେ । ମନ ଭଲ ରହିବ ।



**ମିଥୁନ:** କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ବିବାଦୀୟ କ୍ଷେତ୍ରରେ ବିଜୟ ହାସଲ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ମହିଳାମାନେ ଚିନ୍ତାର୍ଥୀ ହେବେ । ପରୋପକାରୀ ହେବେ ।



**କର୍କଟ:** ଶତ୍ରୁଙ୍କ ଠାରୁ ସତର୍କ ରହିବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଖର୍ଚ୍ଚର ପରିମାଣ ବଢ଼ିବ । ପିଲାଙ୍କ ପାଇଁ ଚିନ୍ତିତ ରହିବେ । ପାରିବାରିକ ଅସନ୍ତୋଷ ଦେଖାଦେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ ।



**ସିଂହ:** ଆଜି ଦିନଟି ଭଲରେ କଟିବ । ପରିଶ୍ରମ ଅଧିକ କରିବାକୁ ପଡ଼ିପାରେ । ନୂତନ ଯାନବାହାନ କ୍ରୟ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ । ଦେହ ଭଲ ରହିବ ।



**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ । ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ । ବ୍ୟୟ ଯୋଗ ମଧ୍ୟ ରହିଛି । ଦୂରଯାତ୍ରା ମଧ୍ୟ କରିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ସମ୍ମାନିତ ହେବାର ସୂଚନା ।



**ତୁଳା:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଧନ ଲାଭର ସୁଯୋଗ ମଧ୍ୟ ରହିଛି । ପାରିବାରିକ ଜୀବନ ସୁଖମୟ ହେବ । ଖୋଜୁଥିବା ଜିନିଷ ହଠାତ୍ ପାଇପାରନ୍ତି । ମହିଳାମାନେ ସୁଖୀ ହେବେ ।



**ବିଛା:** ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିପାରନ୍ତି । କଚେରି ମାମଲାରେ ବିଜୟ ହାସଲ କରିବେ । ଆର୍ଥିକ ପରିସ୍ଥିତି ଦୃଢ଼ ରହିବ । ଦୂରଯାତ୍ରା କରିପାରନ୍ତି । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**ଧନୁ:** ଶରୀର ସୁସ୍ଥ ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଭଲ । ଚାକିରୀକ୍ଷେତ୍ରରେ ଉନ୍ନତି ଦେଖାଦେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଦେଖାଦେବାର ସୂଚନା । ଦୟାଳୁ ହେବେ । ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି ।



**ମକର:** ଆଜି ଟିକେ ସାବଧାନ ସହକାରେ ଚଳିବେ । ଶତ୍ରୁଙ୍କ ଠାରୁ ଦୂରେଇ ରହିବା ଭଲ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ହେବ । ଧନ ଲାଭର ଯୋଗ ରହିଛି । ଘରେ ଆନନ୍ଦ ।



**କୁମ୍ଭ:** ଦେହ ଓ ମନ ଭଲ ରହିବ । ଚାକିରୀ କ୍ଷେତ୍ରରେ ଭ୍ରମଣ କରିବାର ସୁଯୋଗ ମଧ୍ୟ ଜୁଟିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଆୟ ଓ ବ୍ୟୟ ସମାନ ରହିବ । ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ ।



**ମୀନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ । ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି । ପରୋପକାରୀ ହେବେ । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ । ମନ ଭଲ ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୨।୧୨।୨୦୨୪, ପୌଷ ଦି୭ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୧୭।୩୦** **ଚନ୍ଦ୍ରୋଦୟ- ରାଘ ୧୧।୩୬।୫୩**

**ସପ୍ତମୀ-** ଦିଘ ୨।୩୨ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍‌ଗୁନି ନକ୍ଷତ୍ର-** ଅହୋରାତ୍ର । **ସିଂହ ଚନ୍ଦ୍ର-** ଦିଘ ୧୨।୫୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । ଦିଘ ୧୨।୫୬ ଗତେ ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । ଦିଘ ୧୨।୫୬ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୨।୩୨ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୦୪ ଗତେ ଘ ୯।୧୪ ମଧ୍ୟେ । ଦିଘ ୧।୦୬ ଗତେ ଘ ୨।୫୯ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ପେନ୍‌ସନରେ ଅଧିକ ଖର୍ଚ୍ଚ

କେନ୍ଦ୍ର ସରକାର ଏବଂ ତିନିଟି ରାଜ୍ୟ କର୍ମଚାରୀମାନଙ୍କ ବେତନ ଓ ପାଉଣାରେ ଯେତିକି ଟଙ୍କା ଖର୍ଚ୍ଚ କରୁନାହାନ୍ତି, ତାଠାରୁ ଅଧିକ ଟଙ୍କା ପେନସନ ପାଇଁ ବ୍ୟୟ କରୁଛନ୍ତି ସିଏଜି ରିପୋର୍ଟରୁ ଏହା ଜଣାପଡିଛି । ଗୁଜୁରାଟ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗରେ ଦରମାଠୁ ପେନସନ ଖର୍ଚ୍ଚ ଅଧିକ ରହିଛି । ସିଏଜି ରିପୋର୍ଟ ଅନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷରେ କେନ୍ଦ୍ରଙ୍କ ମୋଟ ବ୍ୟୟ ୯.୭୮ ଲକ୍ଷ କୋଟି ଟଙ୍କା ଥିଲା । ସେଥିରୁ ବେତନ ଓ ପାଉଣା ବାବଦରେ ୧.୩୯ ଲକ୍ଷ ଟଙ୍କା ଏବଂ ୧.୮୩ ଲକ୍ଷ କୋଟି ଟଙ୍କା ପେନସନ ଦେବାରେ ଖର୍ଚ୍ଚ ହୋଇଥିଲା । ଋଣ ପରିଶୋଧ ଓ ସୁଧ ପ୍ରଦାନରେ ସରକାର ୬.୫୫ ଲକ୍ଷ କୋଟି ଟଙ୍କା ବ୍ୟୟ କରିଥିଲେ । କେନ୍ଦ୍ର ସରକାରଙ୍କ ମୋଟ ଖର୍ଚ୍ଚରେ ପେନ୍‌ସନର ଭାଗ ୧୯ ପ୍ରତିଶତ ଓ ଦରମା ଭାଗ ୧୪ ପ୍ରତିଶତ ରହିଥିଲା । ୨୦୧୯-୨୦ରେ ଗୁଜୁରାଟ ୧୭,୬୩୩ କୋଟି ଟଙ୍କା ପେନ୍‌ସନରେ ଖର୍ଚ୍ଚ କରିଥିବା ବେଳେ ବେତନ ପାଇଁ ୧୧,୧୨୬ କୋଟି ଟଙ୍କା ବ୍ୟୟ କରିଥିଲା । ସେହିପରି କର୍ଣ୍ଣାଟକ ପକ୍ଷରୁ ପେନ୍‌ସନରେ ୧୮,୪୦୪ କୋଟି ଟଙ୍କା ଏବଂ ବେତନରେ ୧୪,୫୭୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ପଶ୍ଚିମବଙ୍ଗର ପେନସନ ଖର୍ଚ୍ଚ ୧୭,୪୬୨ କୋଟି ଟଙ୍କା ଏବଂ ବେତନ ଖର୍ଚ୍ଚ ୧୬,୯୧୫ କୋଟି ଟଙ୍କା ଥିଲା । ଓଡ଼ିଶା ସମେତ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଓ ତାମିଲନାଡୁରେ ବେତନ ଖର୍ଚ୍ଚର ଦୁଇ ତୃତୀୟାଂଶ ହେଉଛି ପେନସନ ଖର୍ଚ୍ଚ । ଗୁଜରାଟ ଓ ହିମାଚଳପ୍ରଦେଶ ନିର୍ବାଚନରେ ପୁରୁଣା ପେନସନ ସ୍କିମ ଏକ ପ୍ରମୁଖ ନିର୍ବାଚନ ପ୍ରତିଶ୍ରୁତି ଭାବେ ଉଭା ହୋଇଥିଲା । ଭୋଟ ହାତେଇବା ଲାଗି କିଛି ରାଜ୍ୟ ପୁରୁଣା ପେନସନ ସ୍କିମ୍‌କୁ ପୁଣି ଥରେ ଲାଗୁ କରିବା ବିଷୟରେ ବିଚାର କରୁଛନ୍ତି । କଂଗ୍ରେସ ଶାସିତ ରାଜସ୍ଥାନ ଓ ଛତିଶଗଡ଼ ସରକାର ଏହି ସ୍କିମ୍‌କୁ ପୁନର୍ବାର ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବେତନ, ପେନ୍‌ସନ, ଋଣ ପରିଶୋଧ ଓ ସୁଧ ଆଦିରେ ହେଉଥିବା ଖର୍ଚ୍ଚକୁ ପ୍ରତିବଦ୍ଧ ଖର୍ଚ୍ଚ କୁହାଯାଉଛି । ଏଥିରେ ଅଧିକ ଖର୍ଚ୍ଚ ହେଲେ ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶମୂଳକ ସ୍କିମ ବା ପ୍ରକଳ୍ପରେ ଖର୍ଚ୍ଚ ବଢାଇବା ଲାଗି ସରକାରଙ୍କ ପାଖରେ ସୁଯୋଗ ରହେନାହିଁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ମୁତେ ।'**


ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ଶ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ ୮

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୨୦-କଳିଙ୍ଗର ଗ୍ରାମ୍ୟ ସଂସ୍କୃତି ଦର୍ଶନ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପ୍ରାୟ ୩୦୦ ଯୋଜନ ଦୂର କଳିଙ୍ଗ ସାଗରରେ ଅତିକ୍ରମ କରି ଆମ୍ଭେ ଦକ୍ଷିଣ କଳିଙ୍ଗର ପାଲୁର ପୋତାଶ୍ରୟରେ ପହଞ୍ଚିଲା ପରେ ଆମ୍ଭ ତତ୍ତ୍ୱାବଧାରକ ଶ୍ରେଷ୍ଠୀ ପୁଣ୍ଡରିକଙ୍କ ଗୃହରେ ଅବସ୍ଥାନ କରିବାର ଦ୍ୱିତୀୟ ସଂଧ୍ୟା ଉପନୀତ ହେଲା। ଶ୍ରେଷ୍ଠୀଙ୍କ କନ୍ୟା ମଂଜୁଳିକା (ମଂଜୁଳା) ଆମ୍ଭ ପାଖକୁ ଆସି କହିଲା, "ହେ ସଖୀ, ମୋ ପିତାଙ୍କ ଆଦେଶ ଯେ ତୁମ୍ଭ ଦୁହିଁଙ୍କୁ ନେଇ ସଂଧ୍ୟାକାଳର ଗ୍ରାମ ଦର୍ଶନ କରାଇବାକୁ। ଶୀଘ୍ର ବାହାରି ଆସ, ଆମ୍ଭଙ୍କୁ ବୁଲାଇବାପାଇଁ ରକ୍ଷୀମାନେ ଅପେକ୍ଷାରତ।" ତେଣୁ ଆମ୍ଭେ ଦୁହେଁ ଗୁରୁଦେବଙ୍କୁ ସାଥିରେ ନେଇ ଗୃହରୁ ବାହାରିଗଲୁ। ସଖୀ ମଂଜୁଳା ଆମ୍ଭକୁ ଦାଣ୍ଡ ପିଣ୍ଢାରେ ଅଟକାଇ କହିଲା, "ଅପେକ୍ଷା କର, ଗୋଧୂଳି ସଂଧ୍ୟାର ଅବଲୋକନ କରିବ।" ପୁଣିକହିଲା, "ଦେଖ ଅନେକ ଗାଭୀବତ୍ସା ସମବେତ ହୋଇ ଚାରଣଭୂମିରୁ ଆଗମନ କରୁଛନ୍ତି ନିଜ ନିଜ ପ୍ରଭୁଙ୍କ ଗୋଶାଳାରେ ରାତ୍ରଯାପନ କରିବା ପାଇଁ। ସେମାନଙ୍କ ପଦ ସ୍ପର୍ଶରେ ଯେଉଁ ଧୂଳି ନିର୍ଗତ ହେଉଥାଏ ତାହାକୁ ଗୋଧୂଳି କୁହାଯାଏ। ଏହାର ଗନ୍ଧ ଏକ ସ୍ୱତନ୍ତ୍ର ଓ ଆମୋଦକର। ଦେଖ କେତେ ଭିନ୍ନ ଭିନ୍ନ ରଂଗର ଗୋମାତା ଓ ତାଙ୍କ ବତ୍ସା (ବାଛୁରୀ) ମାନଙ୍କୁ।" ଦେଖିଲୁ କଳା, ଧଳା, କସୁରିଆ ଆଦି ରଂଗର ସମସ୍ତ ଗାଭୀପଲଙ୍କୁ। ହମ୍ୱାରଡ଼ି ଛାଡି ସେମାନେ ସ୍ୱ ସ୍ୱ ଗୋଶାଳାକୁ ଯିବାକୁ ବ୍ୟଗ୍ର। ସେମାନଙ୍କ ଜଗୁଆଳି ସେମାନଙ୍କୁ ସକାଳରେ ବନ ଓ ଚାରଣ ଭୂମି ନେଇ କରି ଯାଇଥିଲା। ସମସ୍ତେ ପେଟଭରା ଘାଷ, ପତ୍ର ଆଦି ଦିନଭର ଭକ୍ଷଣ କରି ସନ୍ତୁଷ୍ଟି ଲାଭ କରି ଆସୁଥାଆନ୍ତି।

ଏ ସବୁ ଦେଖିଲା ସମୟକୁ ମଂଜୁଳା କହି ଉଠିଲା, "ଦେଖ, କିପରି ଏକ ଏକ ଘରର କନ୍ୟା ଓ ଗୃହିଣୀମାନେ ନିଜ ନିଜ ପିଣ୍ଢା ଉପରେ ଦୀପମାନ ରଖିକରି ପ୍ରଣାମ କରୁଛନ୍ତି। ଏ ସମୟ ହେଲା ଦେବଦେବୀମାନଙ୍କୁ ପ୍ରଣାମ କରି ସମ୍ମାନ ଦେବା ସମୟ। କେତେ ନାରୀ ଓ ପୁରୁଷ ଦୀପଦାନ ସମୟରେ 'ଦୀପମ୍ ଜ୍ୟୋତି ପରମବ୍ରହ୍ମ, ଦୀପମ୍ ଜ୍ୟୋତି ଜନାର୍ଦ୍ଦନମ୍' ଆଦି ଶ୍ଳୋକ ବୋଲି ଗ୍ରାମ ଦାଣ୍ଡକୁ ଏକ ମଧୁରମୟ ସ୍ୱନରେ ମୁଖରିତ କରୁଅଛନ୍ତି।" ବାସ୍ତବରେ ଏ ଦୃଶ୍ୟ ଓ ମଂଜୁଳାର ବ୍ୟାଖ୍ୟାନ ସେଠାର ପରିବେଶକୁ ଭାବପୂର୍ଣ୍ଣ କରି ଦେଉଥିଲା।

ତା'ପରେ ମଂଜୁଳା ଆମକୁ ସାରା ଗ୍ରାମଦାଣ୍ଡର ଅପରୂପ ଦୃଶ୍ୟ ଦେଖାଇଲା। ପରେ ଗ୍ରାମର ଶେଷଭାଗରେ ରହିଥିବା ମନ୍ଦିର ପରିସରକୁ ନେଇଗଲା। ଆମ୍ଭେମାନେ ମନ୍ଦିରରେ ଦେବଦର୍ଶନ କଲୁ। ଭଗବାନ ଜଗନ୍ନାଥ, ଶିବ, ଦୁର୍ଗା, ଗଣପତି ପ୍ରଭୃତି ଦେବଦେବୀଙ୍କୁ ଭକ୍ତିପୂତ ଚିତ୍ତରେ ନମସ୍କାର କଲୁ ଓ ପୂଜକଙ୍କଠାରୁ ସିନ୍ଦୁର, ପୁଷ୍ପ ଓ ପ୍ରସାଦ ଗ୍ରହଣ କଲୁ। ସଖୀ ମଂଜୁଳା କହିଲା ଅଳ୍ପ ସମୟ ମନ୍ଦିର ବେଢାରେ ଚଲାବୁଲା କରି ପୁରାଣଗାୟନ କାର୍ଯ୍ୟକ୍ରମକୁ ଅପେକ୍ଷା କର। ସେତେବେଳକୁ ଗ୍ରାମର ନରନାରୀମାନେ ମନ୍ଦିର ପରିସରକୁ ଆସି ସେଠାରେ ଥିବା ମଣ୍ଡପ ତଳର ସ୍ଥାନରେ ନିଜ ନିଜ ଆସନ ପକାଇ ବସୁଥାନ୍ତି। ପରେ ପରେ ପୁରାଣପଣ୍ଡା ଆସି ମନ୍ତ୍ର ଗାୟନ କରି ମଣ୍ଡପର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସିଲେ। ଆଣିଥିବା ପୁରାଣ ପୁସ୍ତକକୁ ନମସ୍କାର କରି ରଖିଲେ। ମର୍ଦ୍ଦଳ, ଗିନି, ଝାଞ୍ଜ ଆଦିର ବାଦକମାନେ ପୁରାଣପଣ୍ଡାଙ୍କ ପାଖରେ ବସିଲେ। ପୁରାଣ ଗାୟନ କାର୍ଯ୍ୟ ଆରମ୍ଭ ହେଲା। ସେ ସମୟରେ ପ୍ରତ୍ୟହ ସଂସ୍କୃତ ରାମାୟଣ ପଠନ ଚାଲିଥିଲା। ବହୁ ଚିତ୍ତାକର୍ଷକ ଥିଲା। ତା'ପରେ ଯେଉଁ ସ୍ୱଳ୍ପ ଦିନ ରହିଲୁ ଅବକାଶ ଥିଲେ, ଆସି ରାମାୟଣ ଶ୍ରବଣର ଆନନ୍ଦ ନେଉଥିଲୁ। ମଂଜୁଳା କହିଲା ଯେ ବର୍ଷତମାମ ଏଠାରେ ମହାଭାରତ, ବିଷ୍ଣୁପୁରାଣ, ଶିବପୁରାଣ, ନୃସିଂହ ପୁରାଣ ପ୍ରଭୃତି ଧର୍ମଗ୍ରନ୍ଥମାନ ଗ୍ରାମବାସୀଙ୍କ ପାଇଁ ପାଠ କରା ଯାଉଥାଏ।

ଏ ସବୁକୁ ଏକ ପଦ ଗୀତରେ କହୁଅଛି :-

ଗୋଗୋଷ୍ଠୁଁ ଜାତ ଗୋଧୂଳି ସାୟଂକାଳ ହମ୍ୱାରଡ଼ି
ଘଣ୍ଟିସ୍ୱନ ଦେବାଳୟ
ଉଚ୍ଚେ ମନ୍ତ୍ର ଉଚ୍ଚାରଣ ନାନା ପୁରାଣ ପଠନ
ଗ୍ରାମ ସଂଧ୍ୟା ସୁଖମୟ।

(ଲେଖକଙ୍କ କାବ୍ୟ କଲ୍ଲୋଳିନୀରୁ)

ଏତଦ୍‌ବ୍ୟତୀତ କିଛିଦିନ ମଧ୍ୟ ଆମ୍ଭେମାନେ ଗ୍ରାମ ବାହାର ତଥା ନିକଟସ୍ଥ ଗ୍ରାମମାନଙ୍କୁ ଯାଇଥିଲୁ। ସେଠାରେ ଯେଉଁସବୁ ମନୋରମ ପରିବେଶର ଦୃଶ୍ୟ ଅବଲୋକନ କଲୁ ତାକୁ ଦୁଇପଦ ପଦ୍ୟରେ ପରିପ୍ରକାଶ କରୁଛି।

ଗ୍ରାମ ଶ୍ୟାମ ଶସ୍ୟକ୍ଷେତ୍ର ସୁନୀଳ ଜଳ ଆକାଶ
ସବୁଜ ଘନ ବନାନୀ
ସୁଦୀର୍ଘ ତରଂଗାୟିତ ପର୍ବତାବଳୀ ଶୋଭିତ
ନେଲା ଆମ ମନ କିଣି ।।
କପୋତ କଜ୍ଜଳପାତି କାକ ପାରା ଘରଚଟି
କୋଚିଲାଖାଇ ସାରସ
ବକ ହଳଦୀବସନ୍ତ ଶୁକଶାରୀ ସମ ପକ୍ଷୀ
ଦର୍ଶନେ ଚିତ୍ତ ହରଷ।

(କାବ୍ୟ କଲ୍ଲୋଳିନୀରୁ)

ଆମ୍ଭର ବିଶ୍ରାମ ସମୟ ତ ଅଳ୍ପ। ପୁଣି ବହୁଦୂର ସ୍ଥଳ ପଥରେ ଗମନ କରିବାର ଥିଲା। ତେଣୁ ଅନେକ ନିକଟବର୍ତ୍ତୀ ଦର୍ଶନୀୟ ସ୍ଥାନ ଦର୍ଶନ କରିବାରୁ ନିବୃତ୍ତ ରହିଲୁ। ତଥାପି ଏକ ନିକଟବର୍ତ୍ତୀ ଗ୍ରାମକୁ ଏକଦିନ ପୁଣ୍ଡରିକ ମହାଶୟ ଆମକୁ ନେଇଗଲେ ଇକତ ବସ୍ତ୍ର ବୁଣିବା ଦେଖାଇବାପାଇଁ। 'ଇକତ' ନାମ ଶୁଣି ସୁହାସିନୀ ଆମ ସାଥିରେ ଥିବା ମଂଜୁଳାକୁ ପଚାରିଲା, " ଏ ଇକତ ଶାଢ଼ି ଆଦି ବସ୍ତ୍ର ଆମ ଯବଦ୍ୱୀପରେ ବହୁ ମାତ୍ରାରେ ପ୍ରସ୍ତୁତ ହେଉଛି। ତେଣୁ ଏ ଇକତ କଳା କ'ଣ ଯବଦେଶରୁ ଏଠାକୁ ଅଣାଯାଇଛି ?" ମଂଜୁଳା ଉତ୍ତର ଦେଲା ଯେ, "ଏ କଳା ଶହ ଶହ ବର୍ଷଧରି କଂଳିଗର ପଶ୍ଚିମ ଓ ଦକ୍ଷିଣ କ୍ଷେତ୍ରରେ ତିଷ୍ଠି ରହିଛି। ଏଠାକାର ପାଟ ଓ ଇକତ ବସ୍ତ୍ରାଦି ଆମେ ସାଧବମାନେ ବାଣିଜ୍ୟିକ ସାମଗ୍ରୀ ଭାବେ ଅନେକ ଦେଶରେ ବିକ୍ରୀ କରିଥାଉ। ଅଧିକ କିଛି ମୋ ପିତା ବ୍ୟାଖ୍ୟାନ କରିପାରିବେ।"

କିଛି ସମୟପରେ ଆମେ ବସ୍ତ୍ରବୟନ ଓ ପ୍ରସ୍ତୁତି ସ୍ଥଳରେ ପହଞ୍ଚି ସେଠାରେ ଆର୍ଯ୍ୟ ପୁଣ୍ଡରିକଙ୍କୁ ଏ ପ୍ରଶ୍ନ କଲୁ। ସେ କହିଲେ ଯେ, "ଇକତ ବସ୍ତ୍ର କେବଳ କଳିଂଗରେ ନୁହେଁ, ଭାରତର ପଶ୍ଚିମାଞ୍ଚଳରେ ମଧ୍ୟ ବ୍ୟାପକଭାବେ ମିଳିଥାଏ। ସ୍ଥଳ ବିଶେଷରେ ଏ ବସ୍ତ୍ରଟି ବାନ୍ଧ, ବାନ୍ଧେଜ, ବାନ୍ଧେଣି ଓ ବୋମକାଇ ବସ୍ତ୍ର ଭାବେ ମଧ୍ୟ ପରିଚିତ। ଯାହା ମୁଁ ଶୁଣିଛି, ଏ ସବୁ ବସ୍ତ୍ରମାନ କଳିଂଗର ସାଧବମାନଙ୍କ ଦ୍ୱାରା ଯବଦ୍ୱୀପ ତଥା ତା'ର ପାଖାପାଖି ଅଂଚଳରେ କଳିଂଗରୁ ଯାଇ ଏଠାରେ ବିକ୍ରୟ ହେଉଥିଲା। କ୍ରମଶଃ କଳିଂଗବାସୀମାନେ ଏ ଅଂଚଳରେ ବସବାସ କରିବା ପରେ ଏହି କଳାର ଉପଯୋଗ ସେଠାରେ କରିବା ସ୍ୱାଭାବିକ। ତେଣୁ ଯବଦେଶ ଆଦିରେ ତା'ର ବିଶେଷ ଆଦର ଥିବାରୁ ନ୍ୟୂନ ମୂଲ୍ୟରେ ସେଠାରେ ପ୍ରସ୍ତୁତି କରାଗଲା ଓ ଏଥିପାଇଁ ଯବଦେଶ ବିଶେଷ ଭାବରେ ଖ୍ୟାତିଲାଭ କରିଅଛି। ତୁମ୍ଭେମାନେ ମୋ ସାଥିରେ ଆସ। ତାହାର ପ୍ରସ୍ତୁତି ପ୍ରଣାଳୀ ଦେଖାଇଦେବି।"

ଭିତରକୁ ଯାଇ କପା ଓ ରେଶମ ସୂତାରେ ପ୍ରସ୍ତୁତ ବସ୍ତ୍ର କିପରି କାରଖାନାରେ ତିଆରି ହେଉଛି ତାହା ଆମକୁ ସେ ଦେଖାଇଲେ। ତନ୍ତରେ ବୟନ ହେବା ପରେ କନା କିପରି ଜୈବିକ ରଂଗରେ ରଂଗାୟିତ ହେଉଛି, ସେ ସବୁ ମଧ୍ୟ ଦେଖାଇଲେ। ଧଳା ଓ ରଂଗୀନ କନାକୁ କିପରି ସୂତାର ଦଉଡିରେ ବିଭିନ୍ନ ଢଂଗରେ ବାନ୍ଧି ବିଭିନ୍ନ ରଂଗରେ ବସ୍ତ୍ର ପରିଣତ କରାଯାଉଥାଏ ତାହା ଦେଖି ଆମ୍ଭେ ଆନଂଦିତ ହେଲୁ। ବାହାରର ରଂଗ ବନ୍ଧାଯାଇଥିବା ଅଂଶରେ ଲାଗି ନ ଥିବାରୁ ମୂଳ ରଂଗ ସେଠାରେ ରହିଥାଏ। ତେଣୁ କନାଟି ଦୁଇରଂଗର ହୋଇଯାଇଥାଏ। ପରବର୍ତ୍ତୀ ସମୟରେ ଏପରି ବାରମ୍ୱାର କଲେ କନା ଉପରେ ବିଭିନ୍ନ ରଂଗର ଅନେକ ପ୍ରକାର ପରିଧାନ ଓ ସୌନ୍ଦର୍ଯ୍ୟୀକରଣ ବସ୍ତ୍ରରେ ପରିଣତ କରାଯାଇଥାଏ।

ସେହିପରି ଏଣ୍ଡିରୁ ଜାତ ଟସର ସୂତାକୁ ନେଇ ରେଶମ ବସ୍ତ୍ରକୁ ତନ୍ତ ସାହାଯ୍ୟରେ ବୁଣାଯାଇ ଅନେକ ରଙ୍ଗର ଯେଉଁ ବସ୍ତ୍ର ସେଠାରେ ନିର୍ମାଣ କରାଯାଉଥିଲା ତାହାକୁ "ପାଟ" ବୋଲି କୁହାଯାଇଥାଏ। ଗଂଜାମ ଅଂଚଳ ଏ ପାଟ ବସ୍ତ୍ରପାଇଁ ଦେଶ ବିଦେଶରେ ବିଖ୍ୟାତ ଥିଲା। ଶ୍ରେଷ୍ଠୀ ମହାଶୟ ଇକତ ଓ ପାଟବସ୍ତ୍ର କେତେକ ଆଣି ମୋତେ, ସୁହାସୀକୁ ଓ ଆଚାର୍ଯ୍ୟଙ୍କୁ ଉପହାର ସ୍ୱରୂପ ଦେଲେ। ଆମ୍ଭେ ସନ୍ୟାସିନୀ ହେତୁ ଆମେ ତାକୁ ନେଇ କ'ଣ କରିବୁ ବୋଲି ନେବାକୁ ନାସ୍ତି କରିବାରୁ ଆର୍ଯ୍ୟ ପୁଣ୍ଡରିକ କହିଲେ, " ସଦାକାଳେ ତୁମ୍ଭେମାନେ ସନ୍ୟାସିନୀ ହୋଇ ରହିବ ନାହିଁ, କୌଣସି ଅବସର ସମୟରେ ଏ ସବୁ ନିଶ୍ଚୟ ପରିଧାନ କରିବ"। ଏପରି କହି ସେ ସବୁକୁ ଆମପାଇଁ ଆମ୍ଭର ଯାନରେ ରଖିଦେଲେ।

ଏହିପରି ସ୍ୱଳ୍ପ ସମୟ ମଧ୍ୟରେ ପଥ ନିକଟରେ ଆସୁଥିବା ଅନେକ ଗ୍ରାମ ଉଦ୍ୟୋଗ ଯଥା, ଘଣାରେ ତେଲ ପ୍ରସ୍ତୁତି, କମାର ଶାଳରେ ହେଉଥିବା ଲୁହାକାମ, ବର୍ଦ୍ଧକୀ (ବଢେଇ)ମାନଙ୍କ କାଠ ଉପକରଣ ତିଆରି, ବାଉଁଶର ବିଭିନ୍ନ ଉପକରଣ ପ୍ରସ୍ତୁତ କାର୍ଯ୍ୟ ଇତ୍ୟାଦି ଆମ୍ଭେ ଦେଖି ଉଲ୍ଲସିତ ହେଉଥିଲୁ। କାରଣ ଯବଦେଶରେ ରାଜପ୍ରସାଦ ପରିସରର ନିୟନ୍ତ୍ରଣରେ ରହି ଏପରି କିଛି ଜନଜୀବନଜନିତ କାର୍ଯ୍ୟାବଳୀ ଦେଖିବାର ସୁଯୋଗ ଆମ୍ଭକୁ ମିଳୁ ନ ଥିଲା।

ପରିଶେଷରେ ଏକ ଅନନ୍ୟ ଅନୁଭୂତି ବିଷୟରେ ବ୍ୟାଖ୍ୟାନ କରୁଅଛି। ଆମ୍ଭେ ଯେଉଁ ବସନ୍ତ କାଳରେ କଳିଙ୍ଗ ପହଞ୍ଚିଥିଲୁ ତାହା ଥିଲା ସେଠାକାର ଦୋଳଯାତ୍ରା ସମୟ। ହିଂଦୁ ପରମ୍ପରାରେ ଫାଲଗୁନ ମାସର ପୂର୍ଣ୍ଣିମାକୁ ଦୋଳପୂର୍ଣ୍ଣିମା କୁହାଯାଏ। ଏ ଦିନ ମହାସମାରୋହରେ ସ୍ଥାନୀୟ ଦେବଦେବୀଙ୍କ ମଂଦିରରୁ ବାହାରି ଗ୍ରାମମାନଙ୍କର ପ୍ରତିଘରକୁ ଯାଇ ପ୍ରସାଦ ଗ୍ରହଣ କରିବା ସମୟ। ସେହିଦିନ ଆମ୍ଭେ ଏ ଦୃଶ୍ୟ ଦେଖି ଅଭିଭୂତ ହୋଇଯାଇଥିଲୁ। ମୁଖ୍ୟ ମଂଦିରମାନଙ୍କ ବଡ ବଡ ଠାକୁର ମୂର୍ତ୍ତିମାନଙ୍କ ଛୋଟ ଛୋଟ ବିଜେ ପ୍ରତିମା ଥାଆନ୍ତି। ଦୋଳ ପୂର୍ଣ୍ଣିମାରେ ଏହି ବିଜେ ପ୍ରତିମାମାନଙ୍କୁ ଠାକୁରଙ୍କ ପ୍ରତିନିଧି ବା ପ୍ରତିଛବି ଭାବେ ବାହାର କରାଯାଇ କ୍ଷୁଦ୍ର ମଂଦିର ସ୍ୱରୂପ କାଠକାମରେ ପ୍ରସ୍ତୁତ ହୋଇଥିବା ଚଉଦୋଳରେ ବସାଇ ଗାଁରେ ଘରଘର ବୁଲାଇ ପୂଜା ଓ ପ୍ରସାଦ ପରିବେଷଣ କରାଯାଏ। ଏହି ଦୋଳମାନଙ୍କ ସହ ବିଭିନ୍ନ ବାଦ୍ୟବାଦନ ଓ ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥାଏ। ଘୋଡାନାଚ, ପ୍ରଭାନାଚ, ନାଗା ନାଚ, ବାଘ ନାଚ, ସଖୀ ନାଚ ଇତ୍ୟାଦି ନୃତ୍ୟ ଗାଁ ଦାଣ୍ଡରେ ପରିବେଷଣ ହୋଇଥାଏ। ଲୋକମାନେ ଫଂଗୁ ଖେଳରେ ଉନ୍ମତ୍ତ ହୋଇ ନାଚିଥାନ୍ତି। ସବୁଆଡେ ଦେଖାଯାଏ ଭକ୍ତିର ପରିବେଶ। ଏ ଭକ୍ତି ତଥା ଚିତ୍ତବିନୋଦନର ମିଶ୍ରିତ ଭାବଧାରା କେତେ ଯେ ଉଚ୍ଚକୋଟିର ତାହା ଅବର୍ଣ୍ଣନୀୟ।

ଏହି ଦୋଳ ପୂର୍ଣ୍ଣମୀଠାରୁ ଆରମ୍ଭ କରି ଏହି ଗ୍ରାମଗୁଡିକର କୌଣସି ଏକ କେନ୍ଦ୍ରୀୟ ଗ୍ରାମରେ ଏକାଧିକ ଦିନ ବ୍ୟାପି ଠାକୁରମାନଙ୍କ ମେଳଣ ଯାତ୍ରା ହୋଇଥାଏ, ଯାହାକୁ ଯେତେ ଦିନ ପର୍ଯ୍ୟନ୍ତ ହୋଇଥାଏ ତଦନୁଯାୟୀ ତିନିଦୋଳ, ପାଞ୍ଚଦୋଳ, ସାତଦୋଳ ଓ ଦଶଦୋଳ ବୋଲି କୁହାଯାଇଥାଏ। ସମସ୍ତ ଗ୍ରାମର ଠାକୁରମାନେ ସେହି ଗ୍ରାମରେ ଦୋଳପୂର୍ଣ୍ଣିମା ଦିନ ଦୋଳ ପଡିଆରେ ଏକତ୍ରିତ ହୁଅନ୍ତି। ପ୍ରତିଦିନ ଅସଂଖ୍ୟ ଲୋକ ଗ୍ରାମମାନଙ୍କରୁ ସେଠାକୁ ଆସି ସବୁଗ୍ରାମର ଦେବଦେବୀଙ୍କୁ ଦର୍ଶନ, ପୂଜନ ଆଦି କରନ୍ତି। ବିଶେଷତଃ ରାତ୍ରରେ ଏହି ଜନ ସମାଗମ ହୋଇଥାଏ। ଦାସକାଠିଆ, ପାଲା, ସଖୀନାଚ ଇତ୍ୟାଦିର ପ୍ରଦର୍ଶନ ସେଠାରେ ହୋଇଥାଏ। ଅନେକ ବିପଣି ସେଠାରେ ଅସ୍ଥାୟୀଭାବେ ରହିଥାନ୍ତି ଯେଉଁଠାରେ ଲୋକମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ, ପରିଧାନ, ମିଷ୍ଟାଦି ଖାଦ୍ୟ ସାମଗ୍ରୀ, ଖେଳନା ଦ୍ରବ୍ୟ ଇତ୍ୟାଦି ବିକ୍ରୟ ହୋଇଥାଏ। ରାତ୍ରିରେ ବିଭିନ୍ନ ପ୍ରକାର ବାଣ ବିସ୍ଫୋଟ କରାଯାଇଥାଏ। ଏ ସବୁ ଦେଖି ଆମେ ମନେକରୁଥିଲୁ କି ଆମ୍ଭେ ସ୍ୱର୍ଗ ରାଜ୍ୟରେ ବିଚରଣ କରୁଅଛୁ। ଶ୍ରେଷ୍ଠୀ ମହୋଦୟ ଆମଙ୍କୁ ସୁସ୍ୱାଦୁକର ମିଷ୍ଟ ଦ୍ରବ୍ୟ ଖାଇବାକୁ ଦେବା ସଂଗେ ସଂଗେ ଆମ୍ଭପାଇଁ ଅନେକ ପୁଷ୍ପଗିରିରେ ବ୍ୟବହୃତ ହେବା ନିମିତ୍ତ ଆବଶ୍ୟକୀୟ ସାମଗ୍ରୀମାନ କ୍ରୟ କରି ଆଣିଲେ।

ଏହି ଦୋଳ ପର୍ବ ମଧ୍ୟରେ ଆଉ ଏକ ଚିତ୍ତବିନୋଦକ ପର୍ବ ଥିଲା ହୋଲି। ସାରା ଭାରତବର୍ଷରେ ଫାଲଗୁନ ବା ଦୋଳ ପୂର୍ଣ୍ଣିମାର ପରଦିନ ମହା ଆଡମ୍ବରରେ ହୋଲିପର୍ବ ପାଳିତ ହୋଇଥାଏ। ଗ୍ରାମେ ଗ୍ରାମେ ଓ ମେଳଣ ଯାତ୍ରା ସ୍ଥଳରେ ଏହା ବହୁଳ ଲୋକଙ୍କ ସହଭାଗିତାରେ ହୋଇଥିଲା। ପରସ୍ପରକୁ ଫଗୁ ବା ଅବିର ଫିଙ୍ଗିବା, ବିଭିନ୍ନ ରଂଗର ଜୈବିକ ଗୁଣ୍ଡକୁ ଅନ୍ୟମାନଙ୍କ ମୁଖମଣ୍ଡଳ ଆଦିରେ ବୋଳିବା ତଥା ପିଚକାରିରେ ରଂଗୀନ ଜଳ ନିକ୍ଷେପ କରିବା ଆଦି ବହୁ ଆନଂଦକର ଥିଲା। ବିଭିନ୍ନ ପିଠାପଣାର ସୁସ୍ୱାଦକର ଭୋଜନ ପରିବେଷଣ, ବଂଧୁମାନଙ୍କ ମିଳନ ଆଦି ଏଦିନର ଅଭୁଲା ସ୍ମୃତିକୁ ମନରେ ସ୍ଥାନିତ କରିଦେଇଥିଲା। ଯବଦ୍ୱୀପରେ ଭାରତୀୟ ମୂଳର ବାସିନ୍ଦାମାନେ ପାଳନ କରୁଥିଲେ ମଧ୍ୟ କଳିଂଗରେ ଏହା ବହୁବିଧ ଓ ବ୍ୟାପକ ଥିଲା।

ଏହି ପରି ସାତଦିନର ବିଶ୍ରାମ କିପରି ଉପଭୋଗ୍ୟ ହୋଇ ସ୍ମୃତିପଟରେ ରହିଗଲା ତାହା ମୁଁ ବର୍ଣ୍ଣନା କରିପାରୁ ନାହିଁ। ବର୍ତ୍ତମାନ ଆମ୍ଭର ସ୍ଥଳପଥରେ ଲଳିତଗିରିକୁ ଦୀର୍ଘ ଯାତ୍ରା ବିଷୟରେ କହୁଅଛି।

### ୨୧-ପୁଷ୍ପଗିରି ଯାତ୍ରାରମ୍ଭ

ଏ ଯାତ୍ରାପାଇଁ ଆମ ପକ୍ଷେ ବିଶେଷ କିଛି ପ୍ରସ୍ତୁତି ନଥିଲା। କାରଣ ଆମର ସ୍ୱଳ୍ପ ସାଧନ ଆମେ ବାନ୍ଧି ସାରିଥିଲୁ। ସମସ୍ତ ପ୍ରସ୍ତୁତି ଥିଲା ପୁଣ୍ଡରିକ ମହାଶୟଙ୍କ ହାତରେ। ଶୁଣିଲୁ ସେ ସମସ୍ତ ବ୍ୟବସ୍ଥା କରିସାରିଛନ୍ତି। ପ୍ରସ୍ଥାନ କରିବାର ୨-୩ ପୂର୍ବରୁ ସେ ଆମ କକ୍ଷକୁ ସଖୀ ମଂଜୁଳା ସହ ଆସି କହିଲେ, " ରାଜକୁମାରୀ, ସମସ୍ତ ପ୍ରସ୍ତୁତି ହୋଇଯାଇଛି। ନିର୍ଦ୍ଦିଷ୍ଟ ଦିନର ଯାତ୍ରା ଆରମ୍ଭ ହେବ। ତୁମ୍ଭର ତତ୍ତ୍ୱବଧାରକ କାର୍ଯ୍ୟ ମୋର ବିଶ୍ୱସ୍ତ କର୍ମଚାରୀ ସୁମନ୍ତ କରିବେ। ସେ ତୁମ୍ଭମାନଙ୍କ ଯାତ୍ରାର ସମସ୍ତ ଦାୟିତ୍ୱ ନେଇ ତୁମ୍ଭମାନଙ୍କୁ ଲଳିତଗିରିରେ ପହଞ୍ଚାଇଦେବେ। ସେଠାରେ ୭ଦିନ ବିଶ୍ରାମ କରିବା ସମୟରେ ଆଚାର୍ଯ୍ୟଙ୍କୁ ସହାୟତା କରି ତୁମ୍ଭର ନାମଲିଖନ, ବସତି ବ୍ୟବସ୍ଥା ଆଦି କରାଇଦେଇ ସେ ଗୃହକୁ ପ୍ରତ୍ୟାବର୍ତ୍ତନ କରିବେ। ଅଶ୍ୱାରୋହଣରେ ନିପୁଣ ହେତୁ ଆଚାର୍ଯ୍ୟ, ସୁମନ୍ତ ଓ ଦୁଇ ଅସ୍ତ୍ରଧାରୀ ରକ୍ଷୀ ତୁମ୍ଭ ସହ ଅଶ୍ୱ ପୃଷ୍ଠରେ ଗମନ କରିବେ।" ଶୁଣି ମୁଁ କହିଲି, "ଆମକୁ କହିବାର ଆବଶ୍ୟକ କ'ଣ ? ଗୁରୁଦେବଙ୍କ ସହ ବାର୍ତ୍ତାଳାପ କରି ସ୍ଥିର କର।" ଆର୍ଯ୍ୟ ପୁଣ୍ଡରିକ ଶୁଣି ସ୍ମିତ ହସିକରି ପୁଣି କହିଲେ, " ମୁଁ ଗୁରୁଦେବଙ୍କ ଅନୁମତି ନେଇଅଛି। ବର୍ତ୍ତମାନ ତୁମ୍ଭେ କୁହ ଯେ କେଉଁ ଯାନରେ ତୁମ୍ଭେ ଦ୍ୱୟ ଯାତ୍ରା କରିବ ? ତୁମ୍ଭ ଦୁହିଁଙ୍କ ଯାତ୍ରା କରିବାପାଇଁ ଅଶ୍ୱଚାଳିତ ଯାନ ବା ଗାଭୀପୁତ୍ର ଚାଳିତ ଶକଟ ଯାନ ମଧ୍ୟରୁ ତୁମ୍ଭର ପସନ୍ଦ କ'ଣ, ମୋତେ କହିଲେ ମୁଁ ସେସବୁର ତୁରନ୍ତ ପ୍ରସ୍ତୁତି କରିଦେବି।" ଆମ୍ଭେ ନିରବ ହୋଇ ଚିନ୍ତାଶୀଳ ରହିବା ଦେଖି ସେ ପୁନଃ ବୁଝାଇ କହିଲେ, "ଅଶ୍ୱଯାନ ଶୀଘ୍ର ପହଞ୍ଚାଇ ଦେବ। କିନ୍ତୁ ଦ୍ରୁତଗତିରେ ବନ୍ଧୁର ପଥରେ ଯିବା ତୁମ୍ଭପାଇଁ ପୀଡାଦାୟକ ହେବ। କିନ୍ତୁ ଶକଟ (ଶଗଡ) ଯାନ ଏ ରାସ୍ତାରେ ଧୀର ମନ୍ଥର ଗତିରେ ସନ୍ତୁଳିତ ଭାବରେ ଯାଉଥିବା ହେତୁ କଷ୍ଟକାରକ ହେବନାହିଁ। ତେଣୁ ତୁମର ମତାମତ ଦିଅ।" ତା'ପରେ ଆମ୍ଭେ ଦୁଇ ସଖୀ ଓ ମଂଜୁଳା ବାର୍ତ୍ତାଳାପ କରି ଗାଭୀପୁତ୍ର (ବଳଦ) ଟଣା ଶଗଡରେ ଗଲେ ଏ ଏକ ନୂତନ ଅନୁଭୂତି ହେବ ବୋଲି ହରଷିତ ହୋଇ ତା' ସପକ୍ଷରେ ମତଦାନ କଲୁ।

ପରେ ମଂଜୁଳା ଆମକୁ ନେଇ ରଂଗାୟିତ ବଡ ବଡ ଶିଂଗ ଥିବା ଶ୍ୱେତ ସବଳ ଉଚ୍ଚ ବଳଦ ଦୁଇଟିକୁ ଦେଖାଇଲା। ସେମାନଙ୍କ ବେକରେ ଘଣ୍ଟି ଓ ଘାଗୁଡି ଯାହାକି ମଧୁର ନିନାଦ କରିବ। ମଂଜୁଳା ମଧ୍ୟ ଶଗଡର ଅବୟବ ବିଷୟରେ ବଖାଣିଲା ଓ ତା' ଉପରେ ଗୃହ ସଦୃଶ ସଂରଚନା ମଧ୍ୟ ଦେଖାଇ କହିଲା, " ଏ ତୁମ୍ଭ ଯାତ୍ରା ସମୟର କକ୍ଷ।"

ଏ ସବୁଦେଖି ଆମ୍ଭେ ଆନଂଦ ମନରେ ଶ୍ରେଷ୍ଠୀଙ୍କ ନିକଟକୁ ଗଲୁ ଓ ମନାନନ୍ଦରେ ମୁଁ ତାଙ୍କୁ ଅନୁରୋଧ କରିଲି, "ମହାଭାଗ, ତୁମ୍ଭେ ଆମ୍ଭ ସାଥିରେ ସଖୀ ମଂଜୁଳାକୁ ପ୍ରେରଣ କଲେ ଉତ୍ତମ ହୁଅନ୍ତା। ଗମନ ପଥରେ ସେ ଆମକୁ ସାହଚର୍ଯ୍ୟଦେବ ଓ ପୁଷ୍ପଗିରିରେ ବିଶ୍ରାମ ସମୟରେ ରହି କଳିଂଗର ସଂପୃକ୍ତ ସମସ୍ତ ସ୍ଥାନ ଦର୍ଶନ ପାଇବାର ସୁଯୋଗ ପାଇପାରିବ। ରିକ୍ତ ଆସୁଥିବା ଶକଟରେ ସେ ଗୃହକୁ ପ୍ରତ୍ୟାବର୍ତ୍ତନ କରିପାରିବ।' ଶ୍ରେଷ୍ଠୀ ସ୍ମିତ ହାସ୍ୟ ବଦନରେ ସମ୍ମତି ପ୍ରକାଶ କଲେ। ଶୁଣି ମଂଜୁଳାର ହର୍ଷୋଲ୍ଲାସ ନ ସରେ। ଆମ୍ଭ ଦୁହିଁଙ୍କ ମଧ୍ୟ ତତୋଧିକ।

ନିର୍ଦ୍ଦିଷ୍ଟ ଦିନ ଘୋର ଘର୍ଘର ଘୋଷରେ ଆମ୍ଭର ଶକଟଯାନ ଗନ୍ତବ୍ୟ ପଥରେ ଚାଲିଲା। ଆଗରେ ଅଶ୍ୱାରୂଢ଼ ସହାୟକ ବା ତତ୍ତ୍ୱାବଧାରକ ସୁମନ୍ତ ଓ ଜଣେ ଯୋଦ୍ଧାରକ୍ଷୀ ଏବଂ ପଶ୍ଚାତରେ ଅଶ୍ୱପୃଷ୍ଠରେ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ଓ ଦ୍ୱିତୀୟ ଯୋଦ୍ଧାରକ୍ଷୀ। ଆମ ଶକଟ ଚାଳକ (ଶଗଡ଼ିଆ) ଥିଲା ଜଣେ ହର୍ଷମନୋବୃତ୍ତିର ସବଳ ବ୍ୟକ୍ତି। ସେ ଓ ସଖୀ ମଂଜୁଳିକା (ମଂଜୁଳା) ଉଭୟ ଥିଲେ ବାକ୍ ପ୍ରବୀଣ। ତେଣୁ ସେମାନଙ୍କ ସଜୀବ ଉତ୍‌ଘୋଷଣା ଓ ବ୍ୟାଖ୍ୟାନ ଥିଲା ଆମପାଇଁ ଆମୋଦକାରୀ ଓ ପଥଶ୍ରମ ବିନାଶକ। ପଥ ଦେଶରେ ଯେଉଁ ସବୁ ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ଅବଲୋକନ କଲୁ ତାହାକୁ ନିମ୍ନମତେ ସଂକ୍ଷେପରେ କବିତାରେ ଦର୍ଶାଉଅଛି।

ଘନ ବନ ସ୍ଥିତ ସଂକୀର୍ଣ୍ଣ ପଥରେ
ସୌମ୍ୟ ସବୁଜିମା ସୁନୀଳ ସାଗର
ଦେଖି ଦୃଶ୍ୟ ମନ ପ୍ରଭୂତ ପ୍ରସନ୍ନ
ଆହା କି ସୁଂଦର ସୃଷ୍ଟି ପ୍ରକୃତିର।।
ପଥେ ନଦୀନୀରେ ତୃଷାର ମୋଚନ
ଭୋଜନାଳୟରେ ସୁସ୍ୱାଦୁ ଭୋଜନ
ଘଞ୍ଚ ତରୁ ତଳେ ଗ୍ରୀଷ୍ମ ତାପୁ ତ୍ରାଣ
ସାଗର ସମୀରେ ସ୍ୱେଦ ନିବାରଣ ।।
ଗ୍ରାମ୍ୟ ଦୃଶ୍ୟପଟ ଅପାର ରୁଚିର
ବନ୍ୟପ୍ରାଣୀ କ୍ରୀଡା ମନୋମୁଗ୍ଧକର
ଏତାଦୃଶ ଯାତ୍ରା ଅତି ସୁଖକର
ଲକ୍ଷ୍ୟ ପୁଷ୍ପଗିରି ସ୍ଥିତି ବହୁଦୂର।।

(ଲେଖକଙ୍କ କାବ୍ୟ କଲ୍ଲୋଳିନୀରୁ)

ଆଉ ବିଶେଷ କିଛି କହୁନାହିଁ। ଏହିପରି ଦୃଶ୍ୟ ଅବଲୋକନ କରୁ କରୁ ଆମ୍ଭ ଶକଟଯାନ ଯାଇ ମରାଳମାଳିନୀ ହ୍ରଦମାନଙ୍କ ରାଣୀ ଚିଲିକା ନିକଟସ୍ଥ ରମ୍ଭା ଗ୍ରାମରେ ସଂଧ୍ୟା ସମୟରେ ପହଞ୍ଚିଲା। ଗ୍ରାମଟି ମତ୍ସ୍ୟଜୀବୀଙ୍କର ଏକ ବଡ ଗ୍ରାମଥିଲା। ମୁଖ୍ୟ ପଥରେ ଥିବା ଗ୍ରାମ ନିକଟବର୍ତ୍ତୀ ଏକ ଚଟି ଘର ବା ବିଶ୍ରାମାଗାରରେ ଆମ୍ଭର ରାତ୍ରଯାପନ ବ୍ୟବସ୍ଥା ହୋଇଥିଲା। ସଂଧ୍ୟା ସମୟ ପରେ ଜ୍ୟୋସ୍ନା ବିଧୌତ ରଜନୀରେ ଚିଲିକାର ଅପୂର୍ବ ଦୃଶ୍ୟ ସଂଦର୍ଶନ କରି ବିମୋହିତ ହେଲୁ। ପରେ ପରେ ଭୋଜନ କରି ଏକ କକ୍ଷରେ ଆମ୍ଭେ ତିନି ସଖୀ ପଥଶ୍ରମ ଦୂର ପାଇଁ ନିଘୋଡ ନିଦ୍ରାଗ୍ରସ୍ତ ହେଲୁ। (କ୍ରମଶଃ)



ଡାକ୍ତର ଅଂଶୁମାନ କର
ଏନ୍-୧/୧୮୩, ନୟାପଲ୍ଲୀ
ମୋ. : ୯୭୭୮୦୩୦୪୯୪

# ଜନ ଗଣର ସ୍ୱାସ୍ଥ୍ୟ- ୬

## (ପୌଷ-ମାଘ ଶୀତ ମାସେ, ଫ୍ଲୁ ରୋଗ ହୁଏ ପ୍ରତି ବାସେ)

ଆମର ଲୋକକଥାରେ ଢଗ ଚାଲେ "ପୌଷ ମାଘ ଶୀତ ମାସ ଦେହରେ ରଖ ଶୀତ ବାସ"। କାର୍ତ୍ତିକ ମାସରୁ ଋତୁ ପରିବର୍ତ୍ତନ ହୋଇ ମାର୍ଗଶୀର, ପୌଷ ଓ ମାଘ ମାସରେ ତାପମାତ୍ରାର ପାରଦ ଖସି ଖସି ଚାଲେ। ଏହି ସମୟରେ ଆମର ଚତୁଃପାର୍ଶ୍ୱର ନିର୍ମଳ ପରିବେଶ, ହାଲୁକା ଶୀତଳ ସମୀରର ଶୀତଳତା ଓ ପର୍ବପର୍ବାଣିର ଉଲ୍ଲାସରେ ଜନ ସାଧାରଣ ମସଗୁଲ ଥିଲାବେଳେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କିଛିଟା ସଚେତନତା ନିତ୍ୟାନ୍ତ ଆବଶ୍ୟକ।

ଏହି ସମୟରେ ଥଣ୍ଡା, ଜ୍ୱର, ଗଳା ଦରଜ, କାଶ, ଛିଙ୍କ ଆଦି ଲକ୍ଷଣ ଆବାଳ-ବୃଦ୍ଧ ବନିତା ଭିତରେ ବହୁତ ମାତ୍ରାରେ ଦେଖା ଯାଏ। ସାମଗ୍ରିକ ଭାବେ ଏହି ଲକ୍ଷଣ ସମୂହକୁ "ଫ୍ଲୁ"ବୋଲି କୁହା ଯାଏ। ଏହି "ଫ୍ଲୁ" କୁ ସାଧାରଣ ଥଣ୍ଡା ଭଳିଆ ହେଳା କଲେ ଏହା ଅନେକ କାଳରେ ନିମୋନିଆର ରୂପନେଇ ରୋଗୀକୁ ବହୁତ କଷ୍ଟ ଦେବା ସହ ହସ୍ପିଟାଲରେ ଭର୍ତ୍ତି ହେବା ପର୍ଯ୍ୟନ୍ତ ଗମ୍ଭୀରରୁ ଗମ୍ଭୀରତର ହୋଇ ପାରେ।

ଫ୍ଲୁ ଏକ ସାଧାରଣ ଭାଇରାଲ(ଭୁତାଣୁ) ସଂକ୍ରମଣ ଯାହା ସାଂଘାତିକ ହୋଇପାରେ, ବିଶେଷକରି ଉଚ୍ଚ ବିପଦପୂର୍ଣ୍ଣ ଗୋଷ୍ଠୀରେ । ଫ୍ଲୁ ଆମ ଫୁସଫୁସ, ନାକ ଏବଂ ଗଳା ଉପରେ ଆକ୍ରମଣ କରେ। ଛୋଟ ପିଲା, ବୟସ୍କ, ଗର୍ଭବତୀ ମହିଳା ଏବଂ ଦୀର୍ଘ ସମୟ ରୋଗରେ ପୀଡିତ କିମ୍ବା ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଥିବା ଲୋକଙ୍କର ଏହି ରୋଗରୁ ବିପଦ ଅଧିକ । ଏହାର ଲକ୍ଷଣ ମଧ୍ୟରେ ଜ୍ୱର, ଥଣ୍ଡା, ମାଂସପେଶୀ ଯନ୍ତ୍ରଣା, କାଶ, ଯନ୍ତ୍ରଣା, ନାକରୁ ତରଳ ପ୍ରବାହିତ, ମୁଣ୍ଡବିନ୍ଧା ଏବଂ ଥକାପଣ ଅନ୍ତର୍ଭୁକ୍ତ । ଫ୍ଲୁ ସୃଷ୍ଟି କରୁଥିବା ଜୀବାଣୁ ଉତ୍ତର ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ(hemisphere) ବର୍ଷର ନିର୍ଦ୍ଦିଷ୍ଟ ସମୟରେ ଉଚ୍ଚ ସ୍ତରରେ ବ୍ୟାପିଥାଏ । ଏହି ସମୟକୁ ଆମ ଡାକ୍ତରୀ ଭାଷାରେ "ଫ୍ଲୁ ଋତୁ" କୁହାଯାଏ। ପରିବେଶରେ ଯେତେବେଳେ ତାପମାତ୍ରା ବା ପରିବେଶରେ କୌଣସି ଦୃଷ୍ଟାନ୍ତ ମୂଳକ ପରିବର୍ତ୍ତନ ଘଟେ ସେତେବେଳେ ଏହି ଲକ୍ଷଣ ସବୁ ଦେଖା ଯାଏ। ସେମିତିରେ ବି ସାଧାରଣରେ ଗୋଟେ ଧାରଣା ଅଛି ଯେ ଭିଡ ଜାଗାକୁ ଗଲେ ଫ୍ଲୁ ହେଇଯାଏ। ମାତ୍ର ତାହା ନୁହଁ। ଭିଡକୁ ନ ଯାଇକି ବି ଫ୍ଲୁ ହେଇପାରେ, ମାତ୍ର ଭିଡ଼ରେ ସଂକ୍ରମଣର ବ୍ୟାପକତା ଟିକେ ଅଧିକ ଥାଏ କାରଣ ଫ୍ଲୁ ମୁଖ୍ୟତଃ ଶ୍ୱାସକ୍ରିୟାରୁ ନିଃସୃତ କଫ, ଛିଙ୍କ, ତରଳ ଆଦିରୁ ବ୍ୟାପି ଥାଏ। ପ୍ରତିବର୍ଷ ଫ୍ଲୁ ରୋଗରେ ପ୍ରାୟ ୩-୪ ନିୟୁତ ଲୋକ ରୋଗରେ ଆକ୍ରାନ୍ତ ହୁଅନ୍ତି । ଯାହା ଫଳରେ ବାର୍ଷିକ ୨,୯୦,୦୦୦ ରୁ ୬,୫୦,୦୦୦ ଲୋକ ଶ୍ୱାସକ୍ରିୟାରେ ମୃତ୍ୟୁ ବରଣକରନ୍ତି । ଇନଫ୍ଲୁଏଞ୍ଜା ଦ୍ୱାରା ଶତକଡା ୯୯ ଭାଗ ସକ୍ରିୟ ସଂକ୍ରମଣରେ ୫ ବର୍ଷରୁ କମ୍ ପିଲାମାନଙ୍କ ମୃତ୍ୟୁ ବିକାଶଶୀଳ ଦେଶମାନଙ୍କରେ ଏକ ବଡ଼ ଚିନ୍ତା ଓ ବୋଝ । ସଂକ୍ରମଣର ଲକ୍ଷଣ ଏକ-ଚାରି ଦିନ ପରେ ଆରମ୍ଭ ହୁଏ ଏବଂ ସାଧାରଣତ ଏହା ଏକ ସପ୍ତାହ ପର୍ଯ୍ୟନ୍ତ ରହେ । ଏହି ରୋଗ ଇନଫ୍ଲୁଏଞ୍ଜା ନାମକ ଭୁତାଣୁ ଯୋଗୁ ହୋଇଥାଏ । ଏହି ଭୂତାଣୁ, ମୁଖ୍ୟତଃ ଚାରି ପ୍ରକାରର A, B, C ଏବଂ D. ଇନଫ୍ଲୁଏଞ୍ଜା A ଏବଂ B ଭୂତାଣୁ ସଂକ୍ରମିତ ହୋଇ ରୋଗର ଋତୁରେ ମହାମାରୀ ସୃଷ୍ଟି କରେ । ଇନଫ୍ଲୁଏନଜ଼ା ଏ ଭୁତାଣୁ ଜୀବାଣୁ ପୃଷ୍ଠରେ ଥିବା ପ୍ରୋଟିନର ମିଶ୍ରଣ ଅନୁଯାୟୀ ଏହା ଉପ-ପ୍ରକାରରେ ବିଭକ୍ତ । ସମ୍ପ୍ରତି ମଣିଷମାନଙ୍କ ମଧ୍ୟରେ ପ୍ରଚାର ହେଉଥିବା ଉପପ୍ରକାର A (H1N1) ଏବଂ A (H3N2) ସ୍ୱାଇନ୍ ଫ୍ଲୁ ଜୀବାଣୁ । A (H1N1) କୁ A (H1N1) ଭାବରେ ମଧ୍ୟ ଲେଖାଯାଇଛି କାରଣ ଏହା ୨୦୦୯ ରେ ମହାମାରୀ ସୃଷ୍ଟି କରିଥିଲା ଏବଂ ପୂର୍ବ A (H1N1) ଜୀବାଣୁକୁ ବଦଳାଇ ଦେଇଥିଲା ଯାହା ୨୦୦୯ ପୂର୍ବରୁ ବିସ୍ତାର କରିଥିଲା। କେବଳ ଇନ୍ଫ୍ଲୁଏଞ୍ଜା ପ୍ରକାର A ଜୀବାଣୁ ମହାମାରୀ ସୃଷ୍ଟି କରିଥିବା ଜଣା ପଡିଛି। ଇନଫ୍ଲୁଏଞ୍ଜା ବି ଜୀବାଣୁ ଉପ-ପ୍ରକାରରେ ବିଭକ୍ତ ନୁହଁନ୍ତି କିନ୍ତୁ ପୀଠରେ ବିଭକ୍ତ ହୋଇପାରନ୍ତି। ଇନଫ୍ଲୁଏଞ୍ଜା ସି ଜୀବାଣୁ କମ୍ ବାରମ୍ବାର ଚିହ୍ନଟ ହୁଏ ଏବଂ ସାଧାରଣତଃ ସାମାନ୍ୟ ସଂକ୍ରମଣ ସୃଷ୍ଟି କରେ, ତେଣୁ ଜନସ୍ୱାସ୍ଥ୍ୟର ଗୁରୁତ୍ୱ ଉପସ୍ଥାପନ କରେ ନାହିଁ । ଇନଫ୍ଲୁଏଞ୍ଜା ଡି ଜୀବାଣୁ ମୁଖ୍ୟତ ଗୋରୁ ଉପରେ ପ୍ରଭାବ ପକାଇଥାଏ ଏବଂ ଲୋକଙ୍କଠାରେ ସଂକ୍ରମଣ କିମ୍ବା ରୋଗ ସୃଷ୍ଟି କରୁଥିବା ଜଣା ପଡି ନଥାଏ।

ଏହି ଅତ୍ୟନ୍ତ ସାଧାରଣ ରୋଗ କେତେବେଳେ ଯେ ଭୟାବହ ରୂପ ନେଇନେବ ତାହା ଅସ୍ୱୀକାର କରା ଯାଇ ପାରେ ନାହିଁ। ମାତ୍ର ଏହାର ଚିକିତ୍ସା ଅତି ସରଳ ଓ ଏହାର ନିରାକରଣ ଆହୁରି ଅଧିକ ସରଳ। ପୂର୍ବ ଅଧ୍ୟାୟ ମାନଙ୍କ ଭଳି ଏହି ଅଧ୍ୟାୟରେ ବି ଆମେ ଫ୍ଲୁ ରୋଗର ତ୍ରିସ୍ତରୀୟ ମୁକାବିଲା କରିବା କଥା ଜାଣିବା। ପ୍ରାଥମିକ ଭାବେ ଜନ ସଚେତନତା ହିଁ ଏହାର ନିରାକରଣର ମୂଳ ମାର୍ଗ। ଇନଫ୍ଲୁଏଞ୍ଜା ରୋକିବା ପାଇଁ ଟୀକାକରଣ ହେଉଛି ସର୍ବୋତ୍ତମ ଉପାୟ । ୬୦ ବର୍ଷରୁ ଅଧିକ ସମୟ ପାଇଁ ନିରାପଦ ଏବଂ ପ୍ରଭାବଶାଳୀ ଟିକା ବ୍ୟବହାର କରାଯାଇଆସୁଛି । ଟୀକାକରଣରୁ ରୋଗ ପ୍ରତିରୋଧକ ଶକ୍ତି ସମୟ ସହିତ ଚାଲିଯାଏ ତେଣୁ ବାର୍ଷିକ ଟୀକାକରଣକୁ ସ୍ୱାଇନ୍ ଫ୍ଲୁରୁ ରକ୍ଷା କରିବାକୁ ପରାମର୍ଶ ଦିଆଯାଏ । ବୟସ୍କ ବ୍ୟକ୍ତିଙ୍କଠାରେ ଏହି ଟିକା କମ୍ ପ୍ରଭାବଶାଳୀ ହୋଇପାରେ, କିନ୍ତୁ ଏହା ରୋଗକୁ କମ୍ କରିପାରେ ଏବଂ ଜଟିଳତା ଏବଂ ମୃତ୍ୟୁ ହେବାର ସମ୍ଭାବନାକୁ ହ୍ରାସ କରିଥାଏ । ଇନଫ୍ଲୁଏଞ୍ଜା ଜଟିଳତା ଏବଂ ସେମାନଙ୍କ ଯତ୍ନ ନେଉଥିବା ବ୍ୟକ୍ତିଙ୍କ ପାଇଁ ଟୀକାକରଣ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଫ୍ଲୁକୁ ରୋକିବା ପାଇଁ ଅନ୍ୟ ଉପାୟ ମାନ ହେଲା ନିୟମିତ ଭାବେ ହାତ ଧୋଇ ଶୁଖାନ୍ତୁ, କାଶ କିମ୍ବା ଛିଙ୍କିବା ସମୟରେ ପାଟି ଏବଂ ନାକକୁ ଘୋଡାନ୍ତୁ, ସଠିକ୍ ଭାବରେ ଟିସୁଗୁଡିକୁ ବିସର୍ଜନ କରନ୍ତୁ, ଅସୁସ୍ଥ ଅନୁଭବ କଲାବେଳେ ଘରେ ରୁହନ୍ତୁ, ଅସୁସ୍ଥ ଲୋକଙ୍କ ସହିତ ଘନିଷ୍ଠ ସମ୍ପର୍କରୁ ଦୂରେଇ ରୁହନ୍ତୁ, ଆଖି, ନାକ କିମ୍ବା ପାଟି ଛୁଇଁବା ଠାରୁ ଦୂରେଇ ରୁହ। ରୋଗର ନିରାକରଣ ପରେ ଏହାର ଚିକିତ୍ସାକୁ ଆସିବା। ସାଧାରଣତଃ ପୂର୍ବରୁ କହିଛି ଏହା ସାଧାରଣ ଫ୍ଲୁ ହେଇଥିଲେ ସପ୍ତାହ ମଧ୍ୟରେ ବିନା ଔଷଧରେ ବି ଭଲ ହେଇ ଯାଏ, ମାତ୍ର କିଛି କ୍ଷେତ୍ରରେ ଔଷଧର ଆବଶ୍ୟକତା ପଡିଥାଏ। ସାମାନ୍ୟ ଲକ୍ଷଣ ଥିବା ବ୍ୟକ୍ତିମାନେ ଅନ୍ୟ ଲୋକଙ୍କୁ ସଂକ୍ରମିତ ନ କରିବାକୁ ଘରେ ରୁହନ୍ତୁ, ବିଶ୍ରାମ କରନ୍ତୁ , ପ୍ରଚୁର ତରଳ ପଦାର୍ଥ ପିଅନ୍ତୁ, ଜ୍ୱର ପରି ଅନ୍ୟ ଲକ୍ଷଣଗୁଡିକର ଔଷଧ ଖାଇବା ଓ ଲକ୍ଷଣ ଅଧିକ ଖରାପ ହେଲେ ଡାକ୍ତରଖାନାରେ ଚିକିତ୍ସିତ ହେବ ଆବଶ୍ୟକ। ଆଣ୍ଟିଭାଇରାଲ୍ ଔଷଧ ଗୁଡିକ ମୁଖ୍ୟତଃ ଅତି ଗୁରୁତର ଅସୁସ୍ଥ ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ବ୍ୟବହୃତ ହୁଏ, ବିଶେଷତଃ ସେମାନେ ଯିଏକି ସଙ୍କଟାପନ୍ନ ପ୍ରତିରକ୍ଷା ପ୍ରଣାଳୀର।

ଫ୍ଲୁ ଗୋଟିଏ ସାଧାରଣ ରୋଗ ହେଲେ ମଧ୍ୟ ଏହାର ଇତିହାସ ଦେଖିଲେ ଜଣା ପଡେ ଯେ ବଡ଼ ବଡ଼ ମହାମାରୀ ଯାହା ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିପାରେ ତାହା ଏହି ସାଧାରଣ ରୋଗରୁ ହିଁ ଉତ୍ପନ୍ନ। ସାମଗ୍ରିକ ଜନ ସଚେତନତା ଓ ସମୁଚିତ ଚିକିତ୍ସା ଦ୍ୱାରା ଏହି ରୋଗକୁ ସହଜରେ ହରେଇ ହେବ ତେଣୁ -

" ପିଲାଠୁଁ ବଡ଼ ସବୁ ଜନଜାଣ ,
ଶ୍ୱାସକ୍ରିୟାର ରୋଗ ଯେତେ
କାଶ, ଛିଙ୍କ, କଫ ସହ ଜ୍ୱର,
ନୁହଇଁ ତୁମ ଦେହ ହିତେ
ସେଥି ଲାଗି ପୁରୁବ ପୁରୁଷେ
ଆମକୁ କହୁଥିଲେ ଗୀତେ
ପୌଷ ମାଘ ଶୀତ ମାସେ, ଫ୍ଲୁ
ରୋଗ ହୁଏ ପ୍ରତି ବାସେ"

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



## ସ୍ମୃତିର ପ୍ରାଚୀର ଡେଇଁ

**ଶରତ ଦାଶ**

ଲେସି ହୋଇଯେବେ ଫେରିଆସେ ମନ
ପ୍ରେମିକାର ସ୍ମୃତି ଡେଇଁ
ଉଦାସପଣରେ ବୁଡ଼ିଯାଏ ଆତ୍ମା
ନିରାଶାମଥାନ ଛୁଇଁ
ଖଟା ମିଠା କେତେ ଘଟିତ ଘଟଣା
କାହାଣୀର ରୂପ ନେଇ
କ୍ଷଣକେ ହସାଇ କ୍ଷଣକେ କନ୍ଦାଇ
ନଦୀ ହୋଇଯାଏ ବହି
ନିଶବ୍ଦେ ଶୁଭଇ ବିଗତ ପ୍ରେମିକା
ମଧୁଝରା ମିଠା କଥା
ତୁମେ ମୋ ଜୀବନ ବୋଲି କହୁଥିଲା
ଲୋତକେ ଝରାଇ ବ୍ୟଥା
କରିଥିଲା ପଣ ମୋ ବିନା କାହାକୁ
କରିବନି କେବେ ପ୍ରେମ
ଜିଇବ ସାଥୀରେ ମରିବ ସାଥୀରେ
ହେଲେ ହେଉ ବିହି ବାମ
ଭାବପ୍ରବଣତା ସବୁ ହେଲା ବୃଥା
କଳ୍ପନାର ଇନ୍ଦ୍ରଜାଲ
ଛିଡିଗଲା ଆହା କେତେ ସହଜରେ
ନକହିବା ଏବେ ଭଲ
କେତେ ସ୍ୱପ୍ନ ଆଜି ନେଲାଣି ସମାଧି
ସମୟର ସିକତାରେ
କେତେ ଚିହ୍ନାମୁହଁ ହେଲାଣି ଅଚିହ୍ନା
ବୟସର ପ୍ରଭାବରେ
ଭବିଷ୍ୟତ ପଥ ହେଲାଣି ସୀମିତ
ଯୌବନ ଗଲାଣି ଦୂରେ
ସ୍ମରଣ ଦୁର୍ବଳ ପଡେନାହିଁ ମନେ
ନାମ ଗ୍ରାମ ସମୟରେ
ଇନ୍ଦ୍ରୀୟ ଶିଥିଳ ଦେହ ହୀନବଳ
ଆୟୁଷ ହେଲାଣି କ୍ଷୟ
ତଥାପି ଅନ୍ଧାର ହୋଇନି ସଂପୂର୍ଣ୍ଣ
ଅସ୍ତାଚଳ ରଙ୍ଗମୟ
ଆଶାର ପ୍ରଦୀପ ଜଳୁଛି ଏବେ ବି
ବାସୁଛି ଚନ୍ଦନ ମଲ୍ଲୀ
କରିଛି ପ୍ରତୀକ୍ଷା କେବେ ଦାମୋଦର
ଆସିବେ ଦୁଆର ଖୋଲି ।

*ଭୁବନେଶ୍ୱର*

## ଆମ ଗାଁ



**ବିଷ୍ଣୁ ପ୍ରସାଦ ଦାସ**



ଅନେକ ବର୍ଷ ପରେ ମନ୍ଦାକିନୀ ନିଜ ଗାଁ ମାଟିକୁ ଫେରୁଛି । ସାଙ୍ଗରେ ତାର ସ୍ୱାମୀ ମୀନକେତନ ବାବୁ, ଝିଅ ପ୍ରିୟଙ୍କା, ପୁଅ ରୋହିତ ମଧ୍ୟ ଆସିଛନ୍ତି । ମୀନକେତନ ବାବୁ ଦଶ ବର୍ଷ ହେଲା ଅଷ୍ଟ୍ରେଲିଆର ପର୍ଥ ସହରରେ ଚାକିରି କରନ୍ତି । ପ୍ରିୟଙ୍କା ବର୍ତ୍ତମାନ ୧୪ ବର୍ଷର କିଶୋରୀ । ରୋହିତର ବୟସ ୧୦ ବର୍ଷ । ଜଣେ ଭୂବୈଜ୍ଞାନିକ ଭାବେ ମୀନକେତନ ବାବୁ ଖୁବ୍ ଜଣାଶୁଣା । ଅଷ୍ଟ୍ରେଲିଆ ସରକାରଙ୍କ ଅଧୀନରେ ଚାକିରି କରି ନିଜ ପରିବାର ସହିତ ପର୍ଥ ସହରରେ ରୁହନ୍ତି । ରୋହିତର ଜନ୍ମ ଅଷ୍ଟ୍ରେଲିଆରେ ହୋଇଛି ତେଣୁ ସେ ଅଷ୍ଟ୍ରେଲୀୟ ନାଗରିକ । ମୀନକେତନ ବାବୁ ଅନେକ ଦିନ ଆଗରୁ ନିଜ ପିତା ମାତାଙ୍କୁ ହରାଇଛନ୍ତି । ଅନ୍ୟ ବନ୍ଧୁବାନ୍ଧବ ମାନେ ନିଜ ସ୍ୱାର୍ଥପରତା ବଶତଃ ମୀନକେତନ ବାବୁଙ୍କୁ ଭୁଲି ଯାଇଛନ୍ତି । ପୈତୃକ ସମ୍ପତ୍ତି ଯାହା ଥିଲା ସେ ଶାଗମାଛ ଦରରେ ବିକ୍ରି କରି ସପରିବାର ଅଷ୍ଟ୍ରେଲିଆ ଚାଲି ଆସିଛନ୍ତି । ଜଣେ ଏନ:ଆର :ଆଇ ଭାବେ କେତେବେଳେ କେମିତି ଭାରତ ଆସନ୍ତି ଏବଂ କାର୍ଯ୍ୟ ସାରି ପୁଣି ଅଷ୍ଟ୍ରେଲିଆ ଫେରିଯାନ୍ତି । ତେବେ ମନ୍ଦାକିନୀ ଆଜି ମଧ୍ୟ ନିଜ ଦେଶ ମାଟିର ବାସ୍ନା ଭୁଲି ପାରିନାହାନ୍ତି । ସେ ସଦା ସର୍ବଦା ନିଜ ଦେଶ ମାଟି ନିମନ୍ତେ ପାଗଳ ପ୍ରାୟ । ଜଣେ ଭଲ ଗୃହିଣୀ ଭାବେ ନିଜ ଗୃହ ପରିଚାଳନା ସହିତ ପୁଅ, ଝିଅ ଦୁଇଜଣଙ୍କ ପାଠ ପଢା କଥା ମଧ୍ୟ ବୁଝନ୍ତି । ସ୍ୱାମୀ ପ୍ରତିଦିନ ପ୍ରାୟ ୮ଟା ସମୟରେ ଅଫିସ ଚାଲିଯାନ୍ତି । ପୁଅ ଝିଅ ଦୁଇଜଣ ସ୍କୁଲ୍ ବସ୍‌ରେ ୯ଟା ସମୟରେ ସ୍କୁଲ୍ ଗଲାପରେ ମନ୍ଦାକିନୀ ଗୃହ କାର୍ଯ୍ୟ ଶେଷ କରି ସାହିତ୍ୟ ସାଧନାରେ ମନ ଧ୍ୟାନ ଦେଇଥାନ୍ତି । ଓଡ଼ିଆ ବିଷୟ ନେଇ ମନ୍ଦାକିନୀ ବାଣୀବିହାରରୁ ଏମ୍:ଏ ପାସ୍ କରିଛନ୍ତି । ଇଂରାଜୀ ସାହିତ୍ୟରେ ମଧ୍ୟ ତାଙ୍କର ଅନେକ ଦକ୍ଷତା ରହିଛି । ତେଣୁ ତାଙ୍କର ଲେଖନୀ ସଦା ସର୍ବଦା ସାରସ୍ୱତ ସାଧନା ପାଇଁ ଉଦ୍ଦିଷ୍ଟ ବୋଲି ମନେ ହୁଏ । ଅଷ୍ଟ୍ରେଲିଆରେ ରହି ମଧ୍ୟ ସେ ଓଡ଼ିଶାର ଅନେକ ସାହିତ୍ୟ ଅନୁଷ୍ଠାନ ସହିତ ଇଣ୍ଟରନେଟ୍ ଯୋଗେ ଯୋଗାଯୋଗ ରଖିଥାନ୍ତି । ଓଡ଼ିଶାର କଳା, ସଂସ୍କୃତି, ଇତିହାସ, ଯୋଗଜନ୍ମା ବ୍ୟକ୍ତି ବିଶେଷ ମାନଙ୍କ କଥା ସେ ଅନେକ ସମୟରେ ନିଜ ପୁଅ ଝିଅଙ୍କୁ କଥା ଛଳରେ କହିଥା'ନ୍ତି । ଓଡ଼ିଶାର ଗ୍ରାମ୍ୟ ଜୀବନ, ମହାତ୍ମା ଗାନ୍ଧୀଙ୍କ ପଞ୍ଚାୟତରାଜ, ଅହିଂସା, ସତ୍ୟାଗ୍ରହ, ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ମହାଶୟଙ୍କ ଜନସେବା, ତ୍ୟାଗ, ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କ ଠାରୁ ଆରମ୍ଭ କରି ବୀର ସୁରେନ୍ଦ୍ର ସାଏ, ସୁଭାଷ ଚନ୍ଦ୍ର ବୋଷ, ମଧୁବାବୁ, ଫକୀର ମୋହନ ସେନାପତି, ବିଜୁବାବୁ, ରାଧାନାଥ ରାୟ, ହରେକୃଷ୍ଣ ମହତାବ, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ସରଳା ଦେବୀ, ରମାଦେବୀ, ପାର୍ବତୀ ଗିରି, ମାଳତୀ ଚୌଧୁରୀ ଇତ୍ୟାଦି ଅନେକ ଅନେକ ଦେଶ ପ୍ରେମୀଙ୍କ ବିଷୟରେ ଶୁଣି ଶୁଣି ପିଲା ଦୁଇଟି ମଧ୍ୟ ନିଜ ମା'ଙ୍କ କଥାରେ ଅନୁପ୍ରାଣିତ ହୋଇ ସେଇ ମହାନ୍ ନେତା/ସ୍ୱାଧୀନତା ସଂଗ୍ରାମୀ ତଥା ଦେଶ ପାଇଁ ଲଢ଼ି ଜୀବନ ଦେଇଥିବା ମହାପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରନ୍ତି ଏବଂ ନିଜେ ସେହିପରି ଭଲ କାମ କରି ଦେଶ /ଜାତି ନିମନ୍ତେ ଅମର ହେବାର ସଂକଳ୍ପ ନିଅନ୍ତି । ମନ୍ଦାକିନୀର ଛୋଟ ପରିବାର ପାଇଁ ଓଡ଼ିଶା ମାଟି, ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଅସ୍ମିତା, ନଦୀ, ପର୍ବତ, ସୁଦୂର ବେଳା ଭୂମି, ବନାନୀ, ଇତିହାସ ସବୁ କିଛି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଉଡା ଜାହଜ ଭୁବନେଶ୍ୱର ମାଟି ଛୁଇଁବା ପରେ ମନ୍ଦାକିନୀ ଯେତେ ଖୁସି ହୋଇନଥିଲା ତାଠାରୁ ବେଶୀ ଖୁସି ଥିଲେ ତାର ପୁଅ ଏବଂ ଝିଅ । କାରଣ ସେମାନେ ନିଜ ମା'ଙ୍କ ଠାରୁ ଶୁଣିଥିବା ଓଡ଼ିଶାରେ ପହଞ୍ଚି ଯାଇଥିଲେ । ପର୍ଥ - ସିଙ୍ଗାପୁର- କଲିକତା ପରେ ଭୁବନେଶ୍ୱର ଉଡାଜାହାଜ ବଦଳି ସହିତ ପ୍ରାୟ ୧୦ ଘଣ୍ଟାର ଯାତ୍ରା ଓଡ଼ିଶାରେ ଶେଷ ହୋଇଗଲା । ମୀନକେତନ ବାବୁ ଟ୍ୟାକ୍ସିଟିଏ ଡାକି ଭୁବନେଶ୍ୱରର ଏକ ନାମୀ ଦାମୀ ହୋଟେଲ୍ ଅଭିମୁଖେ ଚାଲିଲେ । ଯାତ୍ରା ଜନିତ କ୍ଳାନ୍ତି ପାଇଁ କିଛିଟା ବିଶ୍ରାମ ନେଇ ପରଦିନ ସକାଳେ ମନ୍ଦାକିନୀର ଗ୍ରାମକୁ ଟ୍ୟାକ୍ସି ଯୋଗେ ଯିବେ । ହୋଟେଲ ପହଞ୍ଚି ସମସ୍ତେ ବିଶ୍ରାମ ନେଇଥିଲେ ।

ନିର୍ଦ୍ଧାରିତ ସମୟରେ ଟ୍ୟାକ୍ସି ଆସିଗଲା । ଜଳଖିଆ ଖାଇ ସପରିବାର ମନ୍ଦାକିନୀଙ୍କ ଗ୍ରାମ ଉଦ୍ଦେଶ୍ୟରେ ବାହାରିଲେ । ଭୁବନେଶ୍ୱର ଠାରୁ ଗ୍ରାମ ପ୍ରାୟ ୭୦ କିଲୋମିଟର ପଥ । ହୁଏତ ପହଞ୍ଚିବାକୁ ଦେଢ଼ ଘଣ୍ଟା ଲାଗିପାରେ । ଗ୍ରାମରେ ମନ୍ଦାକିନୀଙ୍କ ବଡ଼ ଭାଇ, ଭାଉଜ ଥାଆନ୍ତି । ଆଗରୁ ଖବର ଦିଆ ହୋଇଛି ତେଣୁ ବ୍ୟସ୍ତ ହେବାର କିଛି ନାହିଁ । ଯିବା ସମୟରେ ଭାଇ ଭାଉଜଙ୍କ ପାଇଁ କିଛି ମିଠା, ଶୁଖିଲା ଜଳଖିଆ ଇତ୍ୟାଦି ମନ୍ଦାକିନୀ ନେଇଛନ୍ତି । ସକାଳର ସୁନ୍ଦର ପରିବେଶ । ଗାଡ଼ିଟି ସହର ଛାଡ଼ି ଜଙ୍ଗଲ ପାହାଡ଼ ପାଖ ଦେଇ ଯିବାବେଳେ ପ୍ରିୟଙ୍କା, ରୋହିତ ଓଡ଼ିଶାର ପ୍ରାକୃତିକ ପରିବେଶ ଦେଖି ଖୁବ୍ ଖୁସି ହେବା ସହିତ ଅଷ୍ଟ୍ରେଲିଆର ପରିବେଶ ସହିତ ତୁଳନା କରୁଛନ୍ତି । କିଛି ସମୟ ପରେ ଗାଡିର ଗତି କମି ଗଲା ଏବଂ ଶେଷରେ ରହିଗଲା । ଆଗରେ ଶହ ଶହ ଗାଡି ମଟର ଧାଡି ବାନ୍ଧି ଛିଡା ହୋଇଛି । ମନ୍ଦାକିନୀର ଗ୍ରାମ ଆଉ ମାତ୍ର ୨୦ କିଲୋମିଟର ରହିଲା । ଗାଡି ରହିବାର କାରଣ କ'ଣ ବୁଝିବାରୁ ଜଣାପଡିଲା ଯେ ଆଗରେ ଥିବା ଗ୍ରାମର ଜଣେ ଲୋକ ଦୁର୍ଘଟଣା ଜନିତ ମୃତ୍ୟୁ ବରଣ କରିଛି । ଗ୍ରାମବାସୀମାନେ ଶବକୁ ରାସ୍ତା ଉପରେ ରଖି କ୍ଷତି ପୂରଣ ନିମନ୍ତେ ଆନ୍ଦୋଳନ କରୁଛନ୍ତି । ପ୍ରଶାସନର ଦେଖାନାହିଁ । ପୋଲିସ ଏହି ରାସ୍ତାରୋକକୁ ବନ୍ଦ କରିବା ପାଇଁ ହୁଏତ ମାନସିକ ସ୍ତରରେ ବା ଦଳୀୟ ଚାପରେ ନିଜ ଶକ୍ତି ହରାଇ ବସିଛି । ଦୁଇ ପଟେ ଶହ ଶହ ଗାଡି ରାସ୍ତା ରୋକ ପାଇଁ ଅଟକି ରହିଛି । ଭିଡ଼ ଭିତରେ ଅନେକ ଦୂରଗାମୀ ମାଛ, ପନିପରିବା, ଅଣ୍ଡା ବୋଝେଇ ଟ୍ରକ୍, ଯାତ୍ରୀ ବାହୀ ବସ୍, ଛୋଟ ବଡ଼ କାର୍ ତଥା ଦୁଇଟି ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଛି । ସମସ୍ତେ ଦେଖୁଛନ୍ତି କାହାରି କିଛି କରିବାର ନାହିଁ । ଧନ୍ୟ ଆମ ଗଣତନ୍ତ୍ର ଶାସନ ଏବଂ ଧନ୍ୟ ଆମ ପ୍ରଶାସନର କର୍ତ୍ତବ୍ୟ ନିଷ୍ଠା । ଗ୍ରାମବାସୀ ମାନଙ୍କ ଜିଦ୍ ପ୍ରଶାସନିକ ଅଧିକାରୀ ନଆସିବା ପର୍ଯ୍ୟନ୍ତ ରାସ୍ତାରୋକ୍ ହଟିବ ନାହିଁ । ବିଚିତ୍ର ଦେଶର ବିଚିତ୍ର ନୀତିକୁ କଣ କୁହାଯାଇପାରେ ? ଜୋର୍ ଯାହାର ମୂଲକ ତାହାର । ନା ଅନ୍ୟ କିଛି ? ମୀନକେତନ ବାବୁ ଗାଡ଼ିରୁ ଓଲ୍‌ହାଇ ପ୍ରାୟ ୨୦୦ ମିଟର ଚାଲି ଚାଲି ଯାଇ ଆନ୍ଦୋଳନ କରୁଥିବା ଭାଇ ଭଉଣୀ ମାନଙ୍କୁ କିଛି ବୁଝାଇ ରାସ୍ତା ରୋକ୍ ଉଠାଇ ଦେବାକୁ ଅନୁରୋଧ କରିଥିଲେ କିନ୍ତୁ କେହି ଶୁଣିବା ଅବସ୍ଥାରେ ନଥିଲେ । ଅହିଂସା ଶେଷରେ ହିଂସ୍ର ରୂପ ଧରିଲା । କିଛି ଅସାମାଜିକ ଯୁବକ ମାନଙ୍କ ଦ୍ୱାରା ଗାଡି ମଟର ଉପରେ ଆକ୍ରମଣ ହେଲା । ଗାଡି ଗୁଡିକର ହେଡ଼ ଲାଇଟ୍, ଆଗ ପଛ କାଚ, ଝରକା କାଚ ଭଙ୍ଗା ଅଭିଯାନ ଆରମ୍ଭ ହୋଇଗଲା । ନିଜ ଜୀବନ ବଞ୍ଚାଇବାକୁ ମୀନକେତନ ବାବୁ ନିଜ ଟାକ୍ସି ଆଡକୁ ଦୌଡ଼ି ଦୌଡ଼ି ଆସି ଡ୍ରାଇଭରଙ୍କୁ ଗାଡି ବୁଲାଇ ଅନ୍ୟ ରାସ୍ତାରେ ଯିବାକୁ ଅନୁରୋଧ କରିଥିଲେ । ମନ୍ଦାକିନୀ, ରୋହିତ ଏବଂ ପ୍ରିୟଙ୍କା ପୁରା ବିଷୟଟି ଜାଣିବା ପୂର୍ବରୁ ଗାଡିଟି ପଛକୁ ଫେରିଥିଲା । ମୀନକେତନ ବାବୁ ଟିକେ ଆଶ୍ୱସ୍ତ ହୋଇ ସବୁକଥା ଖୋଲି କହିଲେ । ପିଲା ଦୁଇଟି ଏପରି କଥା ଶୁଣି ଅବାକ୍ ହୋଇଗଲେ । ପିଲାଙ୍କ ପାଇଁ ଏହା ଏକ ଦୁଃଖଦ ଅନୁଭୂତି ଥିଲା । ଡ୍ରାଇଭର ଅନ୍ୟ ଏକ ରାସ୍ତା ଦେଇ ପ୍ରାୟ ଦୁଇଘଣ୍ଟା ବିଳମ୍ବରେ ମନ୍ଦାକିନୀର ଗ୍ରାମରେ ପହଁଚିଲେ ।

ଭାଇ ଭାଉଜ ନିଜ ଭଉଣୀ ଭିଣୋଇ ତଥା ଭଣଜା ଭାଣିଜୀଙ୍କୁ ଦେଖି ଅନେକ ଖୁସି ହେଲେ । ପ୍ରାୟ ୫ ବର୍ଷ ପରେ ସେମାନେ ଅଷ୍ଟ୍ରେଲିଆରୁ ଭାରତ ସପରିବାର ଆସିଛନ୍ତି । ତେଣୁ ସେମାନଙ୍କ ପାଇଁ ଖୁବ୍ ସୁନ୍ଦର ବ୍ୟବସ୍ଥା କରାଯାଇଥିଲା । ମନ୍ଦାକିନୀଙ୍କ ଭାଉଜ ବନ୍ଦାପନା କରି ସମସ୍ତଙ୍କୁ ଘର ଭିତରକୁ ପାଛୋଟି ନେଲେ । ମାମୁଁ ମାଇଁଙ୍କ ସ୍ନେହ ପାଇ ପ୍ରିୟଙ୍କା ଏବଂ ରୋହିତଙ୍କ ଖୁସି କହିଲେ ନସରେ । ଏଥର ସେମାନେ ଖୁବ୍ ଭଲ ସମୟରେ ଓଡ଼ିଶା ଆସିଛନ୍ତି । କାରଣ ଆଉ କିଛି ଦିନ ପରେ ପ୍ରଥମାଷ୍ଟମୀ ପାଳିତ ହେବ । ମାମୁଁ ମାଇଁ ଅନେକ ବର୍ଷ ପରେ ଏଥର ପ୍ରିୟଙ୍କାକୁ ପାଖରେ ପାଇ ପଢୁଆଁ କରିବେ । ପ୍ରିୟଙ୍କା ପାଇଁ ଏହା ଏକ ନିଆରା ଅନୁଭୂତି ହେବାକୁ ଯାଉଛି । ଏଥର ସେମାନେ ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରା ଦେଖିବେ । ଓଡ଼ିଆ ସାଧବ ପୁଅଙ୍କ ବାଲି, ଜାଭା, ସୁମାତ୍ରାକୁ ବାଣିଜ୍ୟ କରି ଯିବା କଥା ମା'ଙ୍କ ଠାରୁ ଶୁଣିଥିଲେ । କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇ 'ଆକା ମା ବୈ ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସକ ଯାକ ଧର୍ମ ମୋର' କହିବେ । ମନ୍ଦାକିନୀ ଏସବୁ ପିଲା ମାନଙ୍କୁ ଅନେକ ବାର ଗଳ୍ପ ଛଳରେ କହିଛି । କିନ୍ତୁ ଏଥର ସେମାନେ ନିଜେ ଓଡ଼ିଶାର ଏହି ହୃତ ଗୌରବକୁ ମନେ ପକାଇ ଡଙ୍ଗା ଭସାଇବେ । ଭାଇ ଭଉଣୀ ସତରେ ଖୁବ୍ ଖୁସି ଥିଲେ । ଏକା ଥରକେ ଏତେ ସବୁ ପର୍ବପର୍ବାଣି ଏଇ ଉତ୍କଳ ମାଟିରେ ହୁଏ ସେକଥା ସେମାନେ ଅଷ୍ଟ୍ରେଲୀୟ ସଂସ୍କୃତିରେ କେବେବି ଅନୁଭବ କରିନାହାନ୍ତି । ତାଙ୍କର ୧୫ ଦିନ ରହଣି ମଧ୍ୟରେ ଥରେ ପୁରୀ ଯାଇ ଶ୍ରୀ ଜଗନ୍ନାଥ ମହାପ୍ରଭୁ, ବଳଭଦ୍ର ମହା ପ୍ରଭୁ, ମା' ସୁଭଦ୍ରା ତଥା ସୁଦର୍ଶନଙ୍କୁ ଦର୍ଶନ କରିବା ସହିତ କୋଣାର୍କ ସୂର୍ଯ୍ୟ ମନ୍ଦିର ଦର୍ଶନ ବେଳାଭୂମିରେ କିଛି ସମୟ ବିତାଇବାର କାର୍ଯ୍ୟକ୍ରମ ରହିଛି । **(କ୍ରମଶଃ ...)**

*ବରିଷ୍ଠ ନାଗରିକ, ସ୍ନେହ କୁଟୀର*
*ଝାଞ୍ଜିରୀମଙ୍ଗଳା, କଟକ-୭୫୩୦୦୯*
*ମୋ: ୯୯୩୭୧୭୪୦୯୭*

## ଦେଖାଅ ହେ ସତ୍ୟ ପଥ

**ସୁରମା ମିଶ୍ର**



ମୋ ମାଟି ମାଆର ବାସନା
ମତେ କରି ଦିଏ ଆନମନା
ମନେ ପଡ଼ିଗଲେ ରାତି ପାହିଯାଏ
ନିଦଟା ଜମା ଆସେନା

ସେଇ ମାଟିରେ ମୋ କାନି ବିଛାଇ
କେତେ ଶାନ୍ତିରେ ପଡେଲୋ ମୁଁ ଶୋଇ

ମଖମଲ ଶେଯ ଲୋଡା ହୁଏ ନାହିଁ
ସେ ସବୁ ତ ତୁଚ୍ଛ ଲାଗଇ

ଯେବେ ମାଟି ମା ପରଶ ପାଏରେ
ସବୁ ଦୁଃଖ ମୁହିଁ ଭୁଲି ଯାଏରେ
ସେ ମାଟିରେ ପାଏ ସରଗ ସୁଖ ମୁଁ
ଆତ୍ମା ମୋର ଶାନ୍ତି ହୁଏରେ

ତାର ପାଣି ଆଉ ତାର ପବନ
ମତେ ଲାଗେ ସେ ତ ବାସଚନ୍ଦନ
ସେ ବାସରେ ମୁହିଁ ହୁଅଇ ବିଭୋର
ଜାଗି ଉଠେ ଦେହେ କମ୍ପନ

ସେହି ମାଟିର ସ୍ମୃତି ସୁମରି
ବାହି ନିଏ ମୋ ଜୀବନ ତରି
ଜଗତର ନାଥ କରନ୍ତି ସୁଦୟା
ଢାଳନ୍ତି କରୁଣା ବାରି

ତୁମେ ପରା ହେ ଜଗତ ସାଇଁ
ଏହି ମାଗୁଣି ମାଗୁଛି ମୁହିଁ
ପାରି କରି ଦିଅ ଏ ଭବ ସାଗରୁ
ମୋ ପ୍ରତି ସୁଦୟା ବହି

ମୁଁ ତ ତୁମ ପଦେ ସମର୍ପିତ
ଘେନ ବାରେ ମୋର ପ୍ରଣିପାତ
ଦୂର କରିଦିଅ ସକଳ କଳୁଷ
ଦେଖାଅ ହେ ସତ୍ୟ ପଥ ।

*ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

## ଝରା ପତ୍ର

**ନିବେଦିତା ମିଶ୍ରଗୁରୁ**

ସମୟ ବୃକ୍ଷରୁ ଝରି ପଡେ
ପାଚିଲା ପତ୍ର ପରି
ଏଇ ଯେ ଆଉ ଏକ ବର୍ଷ
ଶୀତୁଆ ପବନରେ ହଜି ଯାଏ
ଦୀର୍ଘଶ୍ୱାସ ତାର
ସରେ ନାହିଁ ଏଠି କିନ୍ତୁ
ଜୀବନ ସଂଘର୍ଷ
ମିଟେ ନାହିଁ ଥକାପଣ

ସରେନାହିଁ ବାରମ୍ବାର ଉଜୁଡ଼ିବା
ଅଚାନକ ଝଡରେ
ଆଦରରେ ସିଞ୍ଚି ଥିବା
ମୋ ସ୍ୱପ୍ନର ବଗିଚା

ସରେନା ବି ପ୍ରତୀକ୍ଷା
ଦୁଇ ବୀଜ ପତ୍ର ମେଲିବା ପାଇଁ
ଅଙ୍କୁରି ଆସୁଥିବା
ଛୋଟ ଏକ ଆଶାର

ଯେତେ ଚେଷ୍ଟା କଲେ ବି
ସରେ ନାହିଁ କୁହ କିଆଁ
ତୁମ ଓ ମୋ ଭିତରେ
ଲମ୍ବୁଥିବା ସେ ଅଦୃଶ୍ୟ ଦୂରତା

କେଉଁ ଅୟୁତ ଯୁଗରୁ
ଚାଲି ଚାଲି କ୍ଳାନ୍ତ ଶ୍ରାନ୍ତ ମୁଁ
କୋଷ କୋଷ କଣ୍ଟକିତ ପଥ
ମୋର ସରେ ନାହିଁ ଜମା

ସାମ୍ନାରେ ମୋର କିନ୍ତୁ
ତୀବ୍ର ବେଗରେ
ସରି ସରି ଯାଉଚି ସମୟ
ନିଃଶେଷ ହେଇଯାଉଅଛି
ପାପୁଲିଏ ବାଲି ପରି
ଝରି ଝରି ମୋରି ଭିତରୁ ମୁଁ ।

*ମାଲାଡ ୱେଷ୍ଟ, ମୁମ୍ବାଇ*

## ଶାନ୍ତି ଖୋଜା

**ଡ. ପ୍ରମୋଦ କୁମାର ମଲ୍ଲିକ**



ଘଡ଼ିକେ ମିଶାଣ ଘଡିକେ ଫେଡ଼ାଣ
ନିଜ ରୂପ ନିଜ ଦର୍ପଣ
ମନେ ପରିକ୍ରମା ଅଖିଳ ବ୍ରହ୍ମାଣ୍ଡ
ଉଲ୍ଲାସ ଉକୁଟେ ଦର୍ଶନ
କର୍ମ, କ୍ରିୟା, କର୍ତ୍ତା ନିଜେ ପ୍ରକଟିତ
ଚେତନାରେ ସ୍ଥିର ଚିତ୍ର
ଚିତ୍ରର ସ୍ରୋତରେ ସବୁ ତରଙ୍ଗାୟିତ
ଚୂଳ, ମୂଳ ସବୁ ଅସ୍ତ
ମୂର୍ତ୍ତିର ମୂହୁର୍ତ୍ତ ସବୁ ଅସ୍ତ ବ୍ୟସ୍ତ
ଦୃଶ୍ୟ ସବୁ ଟଳମଳ
ମୁଁ କେବେ ଥିଲି ଏବେ କେବେ ଅଛି
ଅଛି ଆକାର କେବଳ
ଶୂନ୍ୟ ଅନୁପ୍ରାସ ଏ ସାରା ଆକାଶ
ସ୍ମିତିରେ ଉଦୟ ରାଗ
ବର୍ତ୍ତମାନ ବୋଧେ ଅପସୃତ ବେଶ
ବାସ, ବେଶ, ଦିଗ ବେଗ
ପାଲଟେ ଅତୀତ ହସ୍ତାକ୍ଷର ରେଖା
ଧୁନି, ଧ୍ୱନି, ଭାଷା, ଭାବ
ବଦଳି ଯାଉଛି ଆୟୁଷର ଆୟୁ
ଭାବେ ସମୟ ଫେରିବ
କେବେ ଦୁଃସ୍ୱପ୍ନରେ ଭାବି ମୁଁ ନଥିଲି
ଦୁଃଖ, ଦୈନ୍ୟ ଅସମ୍ପୂର୍ଣ୍ଣ
ସୂର୍ଯ୍ୟୋଦୟ ଏଠି ସୂର୍ଯ୍ୟାସ୍ତ ହେଉଛି
ଘଣ୍ଟା କଣ୍ଟା ଦିଏ ଜ୍ଞାନ
ମୋ କରୁଣ ମୁହଁ ଦିଗନ୍ତରେ ସୁଅ
ଜୁଆର ଉଠିବ ନାହିଁ
ଭସେଇ ଦେଇଛି ଉଜେଇ ଦେଇଛି
ମୁହୂର୍ତ୍ତକୁ ଭାବୁ ନାହିଁ
ନିଶ୍ୱାସ ପ୍ରଶ୍ୱାସ ବହେ ଅଣଚାଶ
ଇତିହାସ ଇତିହାସ
ବିଶ୍ୱାସରେ ବିଶ୍ୱ ଜୟ ପରାଜୟ
ଶାନ୍ତି ଖୋଜେ କାହିଁ ପାଇଁ ।

## ତୁମେ ଆଉ ମୁ

**ପ୍ରତ୍ୟୁଷ କୁମାର ପଣ୍ଡା**

ତୁମେ ସେ ଶୀତ ସକାଳର ସୂକ୍ଷ୍ମ କିରଣ
ମୁଁ ଯେ ସକାଳରେ ଅଳସର କାରଣ,
ତୁମେ ସେ ଗରମ ଚାର ମୃଦୁତା
ମୁଁ ଯେ ଥଣ୍ଡା ପବନର ଆର୍ଦ୍ରତା,
ତୁମେ ସେ ସ୍କୁଲ ଛୁଟିର ସୂଚନା
ମୁଁ ଯେ ଦିବାସ୍ନାନର ବିଡମ୍ବନା,
ତୁମେ ସେ ହିମ ପୋଷାକର ଆବରଣ
ମୁଁ ଯେ ହିମ କମ୍ପନର ଆଚରଣ,
ତୁମେ ସେ ସମୟ ପରି ଚିରମୟୀ
ମୁଁ ଯେ ଶିଥିଳତାରେ ସ୍ଥିତିସ୍ଥାୟୀ,
ତୁମେ ଏ କବିତା ସମାପନରେ
ଏକ ସୁନ୍ଦର ଗଠନ
ମୁଁ ଯେ କବିତା ରଚନା
ସମୟରେ ଶରୀର କମ୍ପନ ।

*ଦେଓଗାଁ, ବରଗଡ, ଓଡ଼ିଶା*





## ଭ୍ରମରର ମୃତ୍ୟୁ

**ଐଶ୍ୱର୍ଯ୍ୟା ପ୍ରଧାନ**

କେତେ ଯେ ଅପେକ୍ଷାର
ଅନ୍ତେ ପାଇଥିଲି
ତୋର ଅନ୍ତରଙ୍ଗତା
ଢାଳି ଥିଲି ତୋ ଦେହସାରା
କାକରର ସତେଜତା
ତୋ ପ୍ରେମକୁ ଭାବିଥିଲି
ଗଙ୍ଗାଠୁ ଆହୁରି ପବିତ୍ର
ସେଇଥି ପାଇଁ ତୋ ପାଦରେ
ସମର୍ପଣ କଲି
ଜୀବନ ଯାକର ଭରସା
ଓ ବିଶ୍ୱାସକୁ ହେଲେ,
ଶେଷରେ ବୁଝିଲି
ତୁ ନୀଳ ଆବରଣରେ
ସୁସଜ୍ଜିତା ବିଷକନ୍ୟା
ନୀଳପଦ୍ମ ସାଜି
ମୃତ୍ୟୁ ଶଯ୍ୟାରେ ଶୁଆଇ ସାରିଛୁ
ଲକ୍ଷେ ଭ୍ରମରକୁ ।

*ପୋଷ୍ଟାଲ୍ କଲୋନୀ,*
*ଭବାନୀପାଟଣା, କଳାହାଣ୍ଡି*
*ମୋ-୭୦୦୮୯୩୧୫୯୯*

## ସ୍ମୃତି

**ଅଖିଳ କୁମାର ମିଶ୍ର**



ପ୍ରେମିକାର ସ୍ମୃତି ଆସେ, କେବେ କେବେ-
ଜାଡ଼ରେ ଥରୁଥାଏ ସବୁରି ପୃଥିବୀ,
ଏକା ଏକା ଚା କପ୍ ଓଠ ଛୁଇଁଯାଏ,
ଅବୁଝା ଉଷ୍ମତା ଅଶରୀରୀ ପରି ମେଲି ବାନ୍ଧେ,
ବିବିଧ ଯନ୍ତ୍ରଣା ଶରୀରକୁ ଟିପି ଟିପି ବିନ୍ଧେ ।

କବିତାର ସାରା ଆସର କଟିଯାଏ ବେଦନା ବିଭକ୍ତିରେ-
ମୁଁ ବିଛୁଡ଼ି ଯାଏ, ପଳ ପଳ ମୁହୂର୍ତ୍ତଙ୍କ ରସାୟନରେ,
ଧୂଳି ଭଳି ହଜେ/ଝୁଟିହୁଏ ଗୋଟିଏ ଚିତ୍ରପ୍ରତିମା,
ତାର ପଦୁଟିଏ ବାର୍ତ୍ତାକୁ ମାଗେ ଜୀବନ୍ୟାସ କାମନାରେ ।

ଗୋଲାପ ମୁହୂର୍ତ୍ତର ଅନୁଭୂତିକୁ ନେଇ ମିଶିଯିବି ମାଟିରେ -
ଏଇ ଯେ ସମୁଦ୍ର, ପାହାଡ଼, ପବନ,
ଯେତେ ଯେତେ ଚୁପ୍‌ଚୁପ୍ କହୁଥିବା ଆଶାର ସଂଗୀତ,
ତୁମେ ଥିଲ ବୋଲି ସେମାନେ ଥିଲେ ସତେଜ, ଅନୁରାଗୀ/
ଆଜି ଦିନ ପ୍ରତୀକ୍ଷାର ହୁଳହୁଳି ଖାଲି ।

ଏ ଆଖିରୁ ଦିନେ ହଜିଯିବ ଦେଖିଥିବା ସ୍ୱପ୍ନ ଯେତିକ -
ଲିଭିଯିବ ନାମ ଓ ସ୍ମରଣ,
ସୂର୍ଯ୍ୟ, ତାରା, ଜହ୍ନ, ବର୍ଷା ଓ ବରଫକୁ ନେଇ/
ସେମାନେ ବି ଅଛନ୍ତି କି ଜାଣିହୁଏନି ତମ ବିନା,
କେତେଦିନ ସମ୍ଭାଳିହୁଏ ଜୀବନକୁ
ଓ ତା ଭିତରେ ଖସି ପଡୁଥିବା ଅଭିମାନକୁ !

*ଅତିରିକ୍ତ ମହାନିର୍ଦ୍ଦେଶକ, ପତ୍ର ସୂଚନା ବ୍ୟୁରୋ,*
*ଭାରତ ସରକାର, ଏନ୍ଏବିଏମ୍ ବିଲିଡିଂ, ଓମ୍‌ଫେଡ଼ ଛକ, ଭୁବନେଶ୍ୱର*



## ତୀର୍ଥ

**ଡ. ଅନିଲ ନନ୍ଦ**

ଏ ଅଶ୍ୱତ୍ଥ ଗଛ ଗୋଟେ ମାୟା
ଯାହାର ଡାଳପତ୍ର ବଲ୍କଳର ଚାରୁଚିତ୍ର
ବାନ୍ଧି ରଖିଛି ନିବିଡ଼ ବନ୍ଧନରେ

ଗାଁ ବାଲା ଭୁଲି ଗଲେଣି ମୋ ମୁହଁ
ଶବ କାନ୍ଧେଇ ମଶାଣି ଯିବାକୁ
ଡକା ପଡୁନି ସେ ନାଁ
ଖାତା ଖତିଆନ ଲିଭାଇ ଦେଲେଣି
ଗାଢା କାଳିର ସ୍ୱାକ୍ଷର

ଏଇ ଗଛର ମାୟାରେ
ବାନ୍ଧି ଦେଇଛି ବୋଲି ନିଜକୁ
ବୁଝି ପାରେନାହିଁ ସହଜରେ
ମୃଦୁ ପରିହାସର ବିଷ ଜ୍ୱାଳା
ନିନ୍ଦା ଅପବାଦର ଦଂଶନ

ହସିଲେ ହସେ, କାନ୍ଦିଲେ କାନ୍ଦେ
ଗୋଟେ କଠୋର ତପସ୍ୟାରେ
ଉବୁଟୁବୁ ବୋଲି ନୀରବ ରହେ

ଲୋକେ ପଚାରନ୍ତି-
କାହିଁକି ଏଠି ସମୟର ଅପଚୟ
କାହିଁକି ଗଛ ପାଖରେ ସମର୍ପଣ ?

ସେମାନେ କାହୁଁ ବୁଝିବେ
ଏଇ ଗଛମୂଳେ ବୁଦ୍ଧତ୍ୱ
ଏଇ ଗଛ ସଂସାରେ ସାର
ଏଇ ଗଛ ହିଁ ମାଟିକୁ କରେ ତୀର୍ଥ ।

*କ୍ୟାମ୍ପସ-୯, କିଟ୍*
*ମୋ-୯୯୩୭୮୪୩୩୬୮*

# ଭାରତ ବିପକ୍ଷ ୪ର୍ଥ ଓ ୫ମ ଟେଷ୍ଟ ପାଇଁ ସ୍କ୍ୱାଡ୍‌ରେ ପରିବର୍ତ୍ତନ କଲା ଅଷ୍ଟ୍ରେଲିଆ




**ନୂଆଦିଲ୍ଲୀ**

ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ୪ର୍ଥ ଓ ୫ମ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ତା'ର ସ୍କ୍ୱାଡ୍‌ରେ ବଡ଼ ପରବର୍ତ୍ତନ କରିଛି । ପ୍ରଥମ ୩ଟି ମ୍ୟାଚ୍‌ରେ ରହିଥିବା ଦୁଇ ଜଣ ଖେଳାଳି ଶେଷ ୨ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି । ଭାରତ ବିପକ୍ଷରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ନାଥନ ମ୍ୟାକସ୍ୱିନୀ ୪ର୍ଥ ଓ ୫ମ ଟେଷ୍ଟରେ ନଜର ଆସିବେ ନାହିଁ । ସେ ଭାରତ ବିପକ୍ଷ ୩ଟି ମ୍ୟାଚ୍ ଖେଳିଥିଲେ ହେଁ ଆଦୃଶିଆ ପ୍ରଦର୍ଶନ କରିପାରି ନଥିଲେ । ତେଣୁ ତାଙ୍କୁ ବଳକା ୨ ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି । ଅଷ୍ଟ୍ରେଲିଆ ପକ୍ଷରୁ ଶେଷ ଦୁଇ ମ୍ୟାଚ୍ ପାଇଁ ୧୫ ଜଣିଆ ସ୍କ୍ୱାଡ୍ ଘୋଷଣା କରାଯାଇଛି । ୪ର୍ଥ ତଥା ବକ୍ସିଂ ଡେ' ଟେଷ୍ଟ ଡିସେମ୍ବର ୨୬ରୁ ଆରମ୍ଭ ହେବ । ମ୍ୟାକସ୍ୱିନୀଙ୍କ ବଦଳରେ ସ୍କ୍ୱାଡ୍‌ରେ ୧୯ ବର୍ଷୀୟ ସାମ କୋନଷ୍ଟାସଙ୍କୁ ସାମିଲ କରାଯାଇଛି । ସେ ମେଲବର୍ଣ୍ଣ ଟେଷ୍ଟରେ ଉସମାନ ଖାଓ୍ୱାଜାଙ୍କ ସହ ଇନିଂସ ଆରମ୍ଭ କରିବେ । ସାମଙ୍କ ସହ ସ୍କ୍ୱାଡ୍‌ରେ ସ୍ପିଡ୍‌ଷ୍ଟାର ଝାଇ ରିର୍ଚ୍ଚର୍ଡସନଙ୍କୁ ମଧ୍ୟ ସାମିଲ କରାଯାଇଛି । ସେ ୩ ବର୍ଷ ପରେ ସ୍କ୍ୱାଡ୍‌କୁ ଫେରିଛନ୍ତି । ସେହିପରି ସେନ ଆବୋଟ୍ଙ୍କ ଓ ଅଲରାଉଣ୍ଡର ବି ବେଷ୍ଟର ବି ସ୍କ୍ୱାଡ୍‌ରେ ରହିଛନ୍ତି । ଭାରତ ବିପକ୍ଷ ତୃତୀୟ ଟେଷ୍ଟର ଶେଷ ଦୁଇ ଦିନରେ ଆହତ ହୋଇଥିବା ଜୋଶ୍ ହାଜେଲଉଡ୍ ମଧ୍ୟ ୪ର୍ଥ ଓ ୫ମ ଟେଷ୍ଟର ସ୍କ୍ୱାଡ୍‌ରେ ନାହାନ୍ତି । ଆହତ କାରଣରୁ ସେ ବର୍ଡର-ଗାଭାସ୍କର ଟ୍ରଫିରୁ ବାଦ୍ ପଡ଼ିଛନ୍ତି ।

ଅଷ୍ଟ୍ରେଲିଆ ସ୍କ୍ୱାଡ୍ : ପାଟ କମିନ୍ସ(ଅଧିନାୟକ), ଟ୍ରାଭିସ ହେଡ(ଉପ ଅଧିନାୟକ), ଷ୍ଟିଭ ସ୍ମିଥ୍, ସେନ ଆବୋଟ୍, ସ୍କଟ ବୋଲାଣ୍ଡ, ଆଲେକ୍ସ କେରୀ, ଜୋଶ ଇଙ୍ଗଲିସ, ଉସମାନ ଖାଓ୍ୱଜା, ସାମ କୋନଷ୍ଟାସ, ମାର୍ନସ ଲାବୁଶେନ, ନାଥନ ଲାୟନ, ମିଚେଲ ମାର୍ଶ, ଝାଇ ରିର୍ଚ୍ଚର୍ଡସନ, ମିଚେଲ ଷ୍ଟାର୍କ ଓ ବି ବେଷ୍ଟର ।

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ଆରମ୍ଭ ହେବ ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର**

ବହୁ ପ୍ରତୀକ୍ଷିତ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ) ୨୦୨୪-୨୫ 'ହକି କା ଜାଶାନ୍' ଗ୍ରାଣ୍ଡ ଷ୍ଟାଇଲରେ ଫେରିବାକୁ ଯାଉଛି । ଓପନିଂ ମ୍ୟାଚ୍ ପୂର୍ବରୁ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ୨୮ ଡିସେମ୍ବରରେ ଏକ ଉଦ୍‌ଘାଟନୀ ଉତ୍ସବରୁ ଆରମ୍ଭ ହେବ ।




ଏଠାରେ କ୍ରୀଡ଼ା, ମନୋରଞ୍ଜନ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ଏକ ଚମତ୍କାର ଉତ୍ସବ ହେବ । ଏହି କାର୍ଯ୍ୟକ୍ରମରେ ଭାରତୀୟ ହକି କା ଜଶନ୍ ଥିମ୍ ଅନ୍ତର୍ଗତ ଭାରତୀୟ ଶ୍ରେଷ୍ଠ ସେଲିବ୍ରିଟିଙ୍କ ଚମତ୍କାର ପ୍ରଦର୍ଶନ ପ୍ରଦର୍ଶିତ ହେବ । ବଲିଉଡ୍‌ର ସେନସ୍ୱେସ୍ ସାରା ଅଲି ଖାନ ଏବଂ ପ୍ରସିଦ୍ଧ ସିଙ୍ଗର କିଙ୍ଗ ତାଙ୍କର ଚମତ୍କାର ପ୍ରଦର୍ଶନ ସହିତ ସନ୍ଧ୍ୟାରେ ମାହୋଲ ସେଟ୍ କରିବେ । ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଶିଆମାକ୍ ଡାଭର୍ ଡ୍ୟାନ୍ସ ଟ୍ରୁପ୍ ଗତିଶୀଳ କୋରିଓଗ୍ରାଫି ସହିତ ମଞ୍ଚକୁ ଜୀବନ୍ତ କରିବା ସହିତ ଏକ ହେଁ ଏନର୍ଜି ମୁହୂର୍ତ୍ତ ସୃଷ୍ଟି କରିବ ଯାହା ଆଗାମୀ ଲିଗ୍ ପାଇଁ ରୋମାଞ୍ଚକର ସୃଷ୍ଟି କରିବ । ଏହି ସନ୍ଧ୍ୟାରେ ଅନ୍ୟ ଏକ ଆକର୍ଷଣ ହେଉଛି ଆନାମର୍ଫିକ୍ ଫ୍ଲୋର୍ ପ୍ରୋଜେକସନ ମ୍ୟାପିଂ, ଷ୍ଟାଡିୟମ୍ ଫ୍ଲୋରରେ ପ୍ରୋଜେକ୍ଟ ହୋଇଥିବା ୩ଡି ଭ୍ରାନ୍ତି ସହିତ ପ୍ରଶଂସକଙ୍କ ପାଇଁ ଏକ ଭିଜୁଆଲ୍ ଇମର୍ସିଭ୍ ଅନୁଭୂତି ପ୍ରଦାନ କରିବ ।

ପ୍ରଶଂସକମାନଙ୍କୁ ଆକର୍ଷିତ କରିବା ପାଇଁ, ଉଭୟ ଉଦ୍‌ଘାଟନୀ ସମାରୋହ ଏବଂ ସମସ୍ତ ଲିଗ୍ ୨୦୨୪-୨୫ ମ୍ୟାଚ୍ ପାଇଁ ରାଉରକେଲାରେ ଦର୍ଶକଙ୍କ ପ୍ରବେଶ ମାଗଣା ରହିବ । ଏହି ପଦକ୍ଷେପ ସମଗ୍ର ବିଶ୍ୱରେ ପ୍ରଶଂସକଙ୍କ ପାଇଁ ଲିଗ୍‌କୁ ଅଧିକ ଉତ୍ସାହଜନକ କରିବା ପାଇଁ ଲକ୍ଷ୍ୟ ରଖିଛି, ଏହା ନିଶ୍ଚିତ କରିବ ଯେ ସେମାନେ ବିଶ୍ୱ ସ୍ତରୀୟ କ୍ରୀଡ଼ା ଦର୍ଶନକୁ ଲାଇଭ୍ ଦେଖିପାରିବେ ।

# ଆଇପିଏଲ-୨୦୨୫ ପୂର୍ବରୁ ଅଧିନାୟକ ହେଲେ ରିଙ୍କୁ ସିଂ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଯୁବ କ୍ରିକେଟର ରିଙ୍କୁ ସିଂଙ୍କୁ ମିଳିଛି ନୂଆ ଦାୟିତ୍ୱ । ଆଇପିଏଲ୍‌ରେ ଜବରଦସ୍ତ ପ୍ରଦର୍ଶନ ପରେ ତାଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ସୁଯୋଗ ମିଳିଥିଲା । ସେ ଭାରତର ଟି୨୦ ଟିମ୍‌ରେ ନିଜ ସ୍ଥାନ ପକ୍କା କରିଛନ୍ତି । ଏବେ ତାଙ୍କୁ ବିଜୟ ହଜାରେ ଟ୍ରଫିର ନୂତନ ସିଜନ ଲାଗି ଉତ୍ତର ପ୍ରଦେଶ ଟିମ୍‌ର ଅଧିନାୟକ କରାଯାଇଛି । ସେ ଏହି ଭୂମିକାରେ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ସ୍ଥାନ ନେବେ, ଯିଏ କି ସୈୟଦ ମୁସ୍ତାକ ଅଲ୍ଲୀ ଟୁର୍ଣ୍ଣାମେଣ୍ଟରେ ଦଳର ଅଧିନାୟକ ଥିଲେ ।

ଶୁକ୍ରବାର ଉତ୍ତରପ୍ରଦେଶ କ୍ରିକେଟ ଆସୋସିଏସନ ପକ୍ଷରୁ ଡିସେମ୍ବର ୨୦ରେ ଦିନିକିଆ ଲାଗି ଦଳ ଘୋଷଣା କରିଛି । ଏଥିରେ ରିଙ୍କୁ ସିଂଙ୍କୁ ଅଧିନାୟକ କରାଯାଇଛି । ତେବେ ନିଜର କ୍ୟାରିୟରେ ରିଙ୍କୁ ରାଜ୍ୟର ବରିଷ୍ଠ ଟିମ୍‌ର ଅଧିନାୟକ ଦାୟିତ୍ୱ ତୁଲାଇବେ । ଟୁର୍ଣ୍ଣାମେଣ୍ଟ ଶନିବାର ଡିସେମ୍ବର ୨୧ରୁ ଆରମ୍ଭ ହେବ । ଏହି ଦିନ ଜମ୍ମୁ କଶ୍ମୀରକୁ ଉତ୍ତରପ୍ରଦେଶ ଭେଟିବ ।

ଅପରପକ୍ଷେ ରିଙ୍କୁଙ୍କୁ ଅଧିନାୟକ କରିବା ନିଷ୍ପତ୍ତି ଆଇପିଏଲ୍‌ରେ ମଧ୍ୟ ଦେଖିବାକୁ ମିଳିପାରେ । କାରଣ ଏବେ କୋଲକାତା ନାଇଟ୍ ରାଇଡର୍ସ ଏବେ ଅଧିନାୟକ କାହାକୁ କରିବ ତର୍ଜମା କରାଯାଉଛି । ଅକ୍ସନ ପୂର୍ବରୁ ପୂର୍ବତନ ଅଧିନାୟକ ଶ୍ରେୟାସ ଆୟରଙ୍କୁ ରିଲିଜ କରି ଦିଆଯାଇଥିଲା । ଦଳ ପାଖରେ ଏବେ ଭେଙ୍କଟେଶ ଆୟର ଏବଂ ଅଜିଙ୍କ୍ୟ ରାହାନେଙ୍କ ଭଳି ବିକଳ୍ପ ଅଛି । ହେଲେ ରିଙ୍କୁ ଯଦି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ବିଜୟ ହଜାରେ ଟ୍ରଫିରେ ଭଲ ପ୍ରଦର୍ଶନ କରନ୍ତି ତେବେ ସେ ମଧ୍ୟ ବଡ଼ ଦାବିଦାର ପାଲଟି ପାରନ୍ତି ।

# ଗଣେଶ୍ୱର ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଗତ ଦୁଇଦିନ ଧରି ଚାଲିଥିବା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗ୍ରାମର ଗଣେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୪-୨୫ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଶାରିରୀକ ଶିକ୍ଷୟିତ୍ରୀ ଶର୍ମିଷ୍ଠା ମହାକୁରଙ୍କ ନେତୃତ୍ୱରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ପ୍ରଥମେ ଗ୍ରାମରେ ଅଧିଷ୍ଠିତ ଶ୍ରୀ ଗଣେଶ୍ୱର ବାବାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା ସହ ପଡ଼ିଆରେ ପହଞ୍ଚିଥିଲେ । ପରେ ଆନୁଷ୍ଠାନିକ ଭାବରେ ଏହି କ୍ରୀଡ଼ା ସମାରୋହରେ ମୁଖ୍ୟ ଅତିଥିଭାବେ ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ହୃଦାନନ୍ଦ ପାଣ୍ଡିଆ ଯୋଗଦେଇ କ୍ରୀଡ଼ା ପତାକାକୁ ଉତ୍ତୋଳନ କରିଥିଲେ । ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ର ପୁରାତନ ଛାତ୍ର ସ୍ୱର୍ଗତ ଉରୁକ୍ରମ ପାଣ୍ଡିଆ (ସାମ୍ବାଦିକ)ଙ୍କ ସ୍ମୃତିରେ ଚଳିତ ବର୍ଷ ଚାମ୍ପିଅନ ହୋଇଥିବା ଦଶମ ଶ୍ରେଣୀର ଅନିଲ ବଗର୍ତ୍ତି ଓ ଅନିତା ସାହୁଙ୍କୁ ଟ୍ରଫି ପ୍ରଦାନ କରା ଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଶିକ୍ଷକ ରୋହିତ କୁମାର ଦଣ୍ଡସେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ପ୍ରଧାନ ଶିକ୍ଷକ ଲାଲ ବାବୁ ସେଠୀ ଯୋଗଦେଇ ସମସ୍ତ ପ୍ରତିଯୋଗୀ ଓ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଦିଲୀପ କୁମାର ସାହୁ, ବି.ସ୍ୱାତି ମୁଟ୍ୟମ ପାତ୍ର, ରୋହିତ କୁମାର ଦଣ୍ଡସେନା, ସୌମିତ୍ରୀ ପାଢ଼ୀ ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।



ଭୁବନେଶ୍ୱର : ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩ ଇଣ୍ଟର ହାଉସ୍ କବାଡ଼ି ଜୁନିଅର ବଏଜ୍ (ହାଉସ ସୁବାଷ) ସିଲଭର ମେଡ଼ାଲ ବିଜୟ ଅବସରରେ । (ଫଟୋ : ସମ୍ବାଦ କଳିକା)

# ସନ୍ୟାସ ନେବା ପରେ ମଧ୍ୟ କରିବେ ମୋଟା ଅଙ୍କର ରୋଜଗାର ଅଶ୍ୱିନ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଅଫ୍ ସ୍ପିନର ଆର ଅଶ୍ୱିନ । ଇଣ୍ଟରନ୍ୟାସନାଲ୍ କ୍ରିକେଟକୁ କହିଛନ୍ତି ଅଲ୍‌ବିଦା । ଗାବା ଟେଷ୍ଟ ଶେଷ ହେବା ମାତ୍ରେ ହିଁ ସେ ଅବସର ଘୋଷଣା କରିଛନ୍ତି । ଅଶ୍ୱିନୀ ଟିମ୍ ଇଣ୍ଡିଆ ପାଇଁ ୧୪ ବର୍ଷ ଖେଳିଛନ୍ତି । ସେ କ୍ୟାରିୟରେ ମୋଟ ୭୬୫ଟି ଇଣ୍ଟରନ୍ୟାସନାଲ୍ ୱିକେଟ ନେଇଛନ୍ତି । ଅଶ୍ୱିନ ଟିମ୍ ଇଣ୍ଡିଆ ପାଇଁ ନଖେଳି ମଧ୍ୟ ମୋଟା ଅଙ୍କର କରିବେ ରୋଜଗାର । ବାସ୍ତବରେ ଟିମ୍ ଇଣ୍ଡିଆ ଜର୍ସିରେ ନଜର ନ ଆସିଲେ ମଧ୍ୟ ଆଇପିଏଲ ଖେଳିବେ ଅଶ୍ୱିନ । ତାଙ୍କୁ ଆଇପିଏଲ୍ ୨୦୨୫ ଅକ୍ସନରେ ଚେନ୍ନାଇ ସୁପରକିଙ୍ଗସ କିଣିଛି । ଫ୍ରାଞ୍ଚାଇଜ୍ ପ୍ଲେୟରଙ୍କୁ ୯.୭୫ କୋଟିରେ କିଣିଛି ।

ଅଶ୍ୱିନଙ୍କୁ ବର୍ତ୍ତମାନ ଟିମ୍ ଇଣ୍ଡିଆରୁ କୌଣସି ଦରମା ମିଳିବନି । କିନ୍ତୁ ଆଇପିଏଲ୍‌ରୁ ତାଙ୍କର ଆୟ ହେବ । ଅଶ୍ୱିନ ୧୪ ବର୍ଷରେ ଅନେକ ରୋଜଗାର କରିଛନ୍ତି । ରିପୋର୍ଟ ଅନୁଯାୟୀ ତାଙ୍କର ମୋଟ ସମ୍ପତ୍ତି ୧୩୦ କୋଟି ଟଙ୍କା ।



ତାଙ୍କର ନଜର ଏକ କ୍ରିକେଟ୍ ଏକାଡେମୀ ରହିଛି । ଏହାବ୍ୟତୀତ ତାଙ୍କର ଏକ ୟୁଟ୍ୟୁବ ଚ୍ୟାନେଲ ମଧ୍ୟ ରହିଛି । ଯେଉଁଥିରୁ ତାଙ୍କର ଲକ୍ଷ ଲକ୍ଷ ଟଙ୍କା ରୋଜଗାର ହେଉଛି ।

ଅଶ୍ୱିନ ୧୪ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ୧୦୬ଟି ଟେଷ୍ଟରେ ୫୩୭ ୱିକେଟ୍ ନେଇଛନ୍ତି । ଏହାସହିତ ସେ ଭାରତର ଦ୍ୱିତୀୟ ସଫଳ ଟେଷ୍ଟ ବୋଲର ଭାବରେ ଉଭା ହୋଇଥିଲେ । ମୋଟ ଆନ୍ତର୍ଜାତୀୟ କ୍ୟାରିୟରରେ ଅଶ୍ୱିନଙ୍କ ନାଁରେ ରହିଛି ୭୬୫ୱିକେଟ୍ ।

# କେନ୍ଦ୍ରୀୟ ବିଦ୍ୟାଳୟରେ ଜୁନିୟର କ୍ରୀଡ଼ା ଉତ୍ସବ




**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବୌଦ୍ଧରେ ସଂକୁଳସ୍ତରୀୟ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି । ଏହି କ୍ରୀଡ଼ା ଉତ୍ସବରେ ଚାରୋଟି ବିଦ୍ୟାଳୟ ଯଥା – ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବୌଦ୍ଧ, କେନ୍ଦ୍ରୀୟ ବିଦ୍ୟାଳୟ ଦେଓଗଡ଼, କେନ୍ଦ୍ରୀୟ ବିଦ୍ୟାଳୟ ଜଗନ୍ନାଥ ଓ କେନ୍ଦ୍ରୀୟ ବିଦ୍ୟାଳୟ ସୁଭଦ୍ରାର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅଧକ୍ଷ ସନକ ମେହେର ଓ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଲ ସଭାପତିତ୍ୱ କରିଥିଲେ ଏବଂ ପ୍ରାଥମିକ ଶିକ୍ଷକ ମନୋଜ ପସାୟତଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଆରମ୍ଭ ହୋଇଥିଲା । କ୍ରୀଡ଼ା ଶିକ୍ଷକ ସୁଜିତ ଦଳାଇଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କବାଡ଼ି, ୧୦୦ ମିଟର ଦୌଡ, ଲମ୍ବଡ଼ିଆଁ, ଅଖା ଦୌଡ଼, ଚାମଚ୍ ଦୌଡ, ଟେନିସ୍ ବଲ୍ ଫିଙ୍ଗା ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା । କ୍ରୀଡ଼ାରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀମାନେ ନିଜର ଯଥାଶକ୍ତି ପ୍ରତିଭା ପ୍ରଦର୍ଶନ କରିଥିଲେ ଏବଂ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବୌଦ୍ଧର ଛାତ୍ରଛାତ୍ରୀମାନେ କେନ୍ଦ୍ରୀୟ ବିଦ୍ୟାଳୟ ଦେଓଗଡ଼କୁ ହରାଇ ଚାମ୍ପିଅନ ହୋଇଥିଲା । କ୍ରୀଡ଼ାରେ ବିଜେତା ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅଧକ୍ଷ ସନକ ମେହେର ପୁରସ୍କାର ବଣ୍ଟନ କରିବା ସଙ୍ଗେସଙ୍ଗେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ କ୍ରୀଡ଼ା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ହେବା ସହିତ ସେମାନେ ବିଦ୍ୟାଳୟ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ନିଜ ପ୍ରତିଭା ଦେଖେଇ ପାରିବେ । ପରିଶେଷରେ ଶିକ୍ଷକ ଯତୀନ ମେହେର ଧନ୍ୟବାଦ ଦେଇଥିଲେ ।

# ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ଗଣଶିକ୍ଷା ମନ୍ତ୍ରୀଙ୍କ ତତ୍ପରତା



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ଓଡ଼ିଶା ବିଧାନସଭାର ମାନନୀୟା ବାଚସ୍ପତି ସୁରମା ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ସକ୍ଷମ ଓଡ଼ିଶା ଏବଂ ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡ଼େରସନ ଫର୍ ଦିବ୍ୟାଙ୍ଗ ସଂଘର ପ୍ରତିନିଧି ମଣ୍ଡଳୀଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ଶିକ୍ଷା ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ସକରାତ୍ମକ ଆଲୋଚନା ହୋଇଛି । ଏହି ଆଲୋଚନାରେ ସକ୍ଷମ ଓଡ଼ିଶା ସମ୍ପାଦିକା ମନସ୍ମିତା ଜେନା, ଓଏସ୍‌ଇଏଫଡ଼ି ସଂଘ ସଭାପତି ସୂର୍ଯ୍ୟକାନ୍ତ ବେହେରା, ଯୁଗ୍ମ ସମ୍ପାଦକ ଆୟୁଷ୍ମାନ ଚୌଧୁରୀ, ନୟାଗଡ଼ ଜିଲ୍ଲା ସଭାପତି ତୃପ୍ତିମୟୀ ପ୍ରଧାନ, ସମ୍ପାଦିକା ଶୁଭସ୍ମିତା ମିଶ୍ର, କାର୍ଯ୍ୟକର୍ତ୍ତା ଅଭିଷେକ ଆଚାର୍ଯ୍ୟ ଓ ହିତେଶ କୁମାର ମହନ୍ତ ଉପସ୍ଥିତ ଥିଲେ । ମନ୍ତ୍ରୀ ସମ୍ପୂର୍ଣ୍ଣ ପ୍ରସଙ୍ଗକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବୁଝିବା ସହ ଏହା ଉପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇ ସଂଘକୁ ବିସ୍ତୃତ ଆଲୋଚନା ପାଇଁ ତୁରନ୍ତ ଶିକ୍ଷା ବିଭାଗ ସଚିବଙ୍କୁ ପଠାଇଥିଲେ । ଖୁବ୍ ଶୀଘ୍ର ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଗଲେ ପ୍ରାୟ ୬୦୦୦ ସ୍ୱତନ୍ତ୍ର ଶିକ୍ଷକ ଆଶାୟୀ ନିଯୁକ୍ତି ପାଇବା ସହ ୧.୫ ଲକ୍ଷ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଉତ୍ତମ ଶିକ୍ଷା ପାଇପାରିବେ ବୋଲି ସଂଘ ଦୃଢ ଉକ୍ତି ରଖିଛି ।

# ରାଧିକା ପ୍ରି-ସ୍କୁଲର ୧୦ମ ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରର ପ୍ରମୁଖ ପ୍ରି ସ୍କୁଲ ରାଧିକା ପ୍ରି – ସ୍କୁଲ ଶିଶୁମାନଙ୍କୁ ନେଇ ତା'ର ୧୦ମ ବାର୍ଷିକ ଉତ୍ସବ ପାଳନ କରିଛି । ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ ଆଇଏଏସ ପ୍ରସନ୍ନ କୁମାର ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ କଷ୍ଟମର ମୁଖ୍ୟ କମିଶନର ପ୍ରସନ୍ନ ଏନ ଷଡ଼ଙ୍ଗୀ, ଆୟକର ବିଭାଗର ଅବସର ପ୍ରାପ୍ତ ମୁଖ୍ୟ ଅୟୁକ୍ତ ଡି.ପି. କର ଯୋଗଦେଇ ପିଲାମାନଙ୍କୁ ସୁଉପଦେଶ ଦେଇଥିଲେ । ସ୍କୁଲର ଅଧକ୍ଷା ପ୍ରୀତି ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାପରେ ବହୁ ସୁନ୍ଦର ସାଂସ୍କୃତିକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲର ଆଲୁମିନି ପିଲାମାନେ ବି ସାମିଲ ଥିଲେ ।



## ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି ବୈଠକ

# ପ୍ରବାସୀ ଭାରତୀୟ ଦିବସକୁ ନେଇ ବ୍ୟାପକ ପ୍ରଚାରପ୍ରସାର ଲାଗି ସମନ୍ୱୟ ଉପରେ ଗୁରୁତ୍ୱ ଦେଲେ ପିଆଇବି ଏଡିଜି

ଓଡ଼ିଶାରେ କାର୍ଯ୍ୟରତ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି (ଆଇଏମପିସିସି) ବୈଠକ ଶୁକ୍ରବାର ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିସରରେ ଅନୁଷ୍ଠିତ ହୋଇଯାଇଛି । ପିଆଇବି ଓ କେନ୍ଦ୍ରୀୟ ସଞ୍ଚାରବ୍ୟୁରୋ (ସିବିସି)ର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବିଶେଷ କରି ଆସନ୍ତା ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ସମାରୋହ ପାଇଁ ସଞ୍ଚାର ରଣନୀତି ଏବଂ ପ୍ରଚାରପ୍ରସାର କାର୍ଯ୍ୟକ୍ରମ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଲାଗି ବୈଠକରେ ସହମତି ହୋଇଛି ।

ଏହି ବୈଠକରେ ଅଧକ୍ଷତା କରି ପିଆଇବି ଓ ସିବିସି ଏଡିଜି ଶ୍ରୀ ଅଖିଳ କୁମାର ମିଶ୍ର କହିଛନ୍ତି, ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଚାରପ୍ରସାର ରଣନୀତି ପ୍ରସ୍ତୁତି ଲାଗି ଆଇଏମପିସିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମିତିର ବୈଠକ ନିୟମିତ ଆୟୋଜନ କରାଯିବା ଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ପ୍ରଚାରପ୍ରସାର ଲାଗି ସମନ୍ୱୟ ରକ୍ଷା କରିବା ଅଧିକ ସୁଗମ ହୋଇପାରିବ । ଏହି ସମିତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସୂଚନା ସେବା ଓ ଲୋକସମ୍ପର୍କ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିଥାଏ । ଆଇଏମପିସିସି ବୈଠକ ପରସ୍ପରର ବିଚାର ବ୍ୟକ୍ତ କରିବା ଲାଗି ମଞ୍ଚ ଯୋଗାଇ ଥାଏ ବୋଲି ଶ୍ରୀ ମିଶ୍ର କହିଥିଲେ । ଆସନ୍ତା ୮-୧୦ ଜାନୁଆରୀ ୨୦୨୫ରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସକୁ ନେଇ ଆଲୋଚନା କରିବା ଲାଗି ଏହି ବୈଠକ ଡକାଯାଇଥିବା ସେ କହିଥିଲେ । ଏହି ସମାରୋହ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଏଡିଜି ଶ୍ରୀ ମିଶ୍ର କହିଥିଲେ, ଓଡ଼ିଶା ସରକାରଙ୍କ ସହଯୋଗରେ ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ଏକ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏଥିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବିଦେଶମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ପ୍ରବାସୀ ଭାରତୀୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି ସରକାରୀ ଗଣମାଧ୍ୟମ ସଂସ୍ଥାଗୁଡ଼ିକ କାର୍ଯ୍ୟକ୍ରମକୁ ନେଇ ବ୍ୟାପକ ପ୍ରଚାରପ୍ରସାର ପ୍ରତି ଯତ୍ନବାନ ହେବା ଲାଗି ସେ ପରାମର୍ଶ ଦେଇଛନ୍ତି । ଶ୍ରୀ ମିଶ୍ର କହିଥିଲେ, ପ୍ରବାସୀ ଭାରତୀୟ ଦିବସକୁ ନେଇ ସେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି । ପ୍ରବାସୀ ଭାରତୀୟ ଦିବସ ସମାରୋହ ଆମ ସମସ୍ତଙ୍କ ପାଇଁ ଏକ ଭାବନାତ୍ମକ କାର୍ଯ୍ୟକ୍ରମ । ଏହାକୁ ସଫଳ କରିବା ସମସ୍ତଙ୍କର ଦାୟିତ୍ୱ । ଏ ସମ୍ପର୍କରେ ଅଧିକରୁ ଅଧିକ ପ୍ରଚାରପ୍ରସାର କରିବା ଲାଗି ଗଣମାଧ୍ୟମ ପରିଚାଳନା କିଭଳି ସଫଳ ହୋଇପାରିବ ସେଥିପାଇଁ ଆପୋସ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ ।



- ପ୍ରବାସୀ ଭାରତୀୟ ଦିବସ ସମାରୋହ ଆମ ସମସ୍ତଙ୍କ ପାଇଁ ଏକ ଭାବନାତ୍ମକ କାର୍ଯ୍ୟକ୍ରମ: ପିଆଇବି ଏଡିଜି ଅଖିଳ କୁମାର ମିଶ୍ର
- ଭୁବନେଶ୍ୱର ଜନତା ମୈଦାନରେ ପ୍ରବାସୀ ଭାରତୀୟ ଦିବସ ସମାରୋହର ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜନ ଲାଗି ବ୍ୟାପକ ପ୍ରସ୍ତୁତି ହୋଇଛି : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଯୁଗ୍ମ ସଚିବ ଦେବପ୍ରସାଦ ଦାଶ

ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଦେବପ୍ରସାଦ ଦାଶ କହିଥିଲେ, ଭୁବନେଶ୍ୱର ଜନତା ମୈଦାନରେ ପ୍ରବାସୀ ଭାରତୀୟ ଦିବସ ସମାରୋହର ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜନ ଲାଗି ଜୋରସୋରରେ ପ୍ରସ୍ତୁତି ଚାଲିଛି । ଓଡ଼ିଶା ସରକାର ଏବଂ ବିଦେଶ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ରକ୍ଷା କରି ସମାରୋହକୁ ସଫଳ କରିବା ଲାଗି ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ଏଥିରେ ୭ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଯୋଗଦେବେ । ସେମାନଙ୍କ ରହିବା, ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ବୁଲିବା, ଏବଂ ସୁରକ୍ଷା ପାଇଁ ବ୍ୟାପକ ଆନୁସଙ୍ଗିକ ବନ୍ଦୋବସ୍ତ କରାଯାଇଛି । ଭୁବନେଶ୍ୱର, କଟକ, ପୁରୀ ସହରରେ ଥିବା ଅତିଥି ଭବନ ଓ ଘରୋଇ ହୋଟେଲରେ ଅତିଥିଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଛି । ସହଯୋଗୀ ବିଭାଗ ରୂପେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସମାରୋହ ପାଇଁ ଆବଶ୍ୟକ ପ୍ରସ୍ତୁତି ମଧ୍ୟ କରିଛି । ପ୍ରବାସୀ ଭାରତୀୟ ଦିବସ ସହ ସମାନ୍ତରାଳ ଭାବେ ରାଜଧାନୀରେ ଆଦିବାସୀ ମେଳା, ମୁକ୍ତେଶ୍ୱର ନୃତ୍ୟୋତ୍ସବ ଓ ରାଜାରାଣୀ ସଙ୍ଗୀତ ଉତ୍ସବ ଆୟୋଜନ କରାଯିବ ଯାହା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିବ । ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସମନ୍ୱୟ ରକ୍ଷା ଉପରେ ମଧ୍ୟ ଶ୍ରୀ ଦାଶ ଗୁରୁତ୍ୱାରୋପ କରିଛନ୍ତି ।

ଆଇଆଇଏମସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ କେ ପ୍ରଧାନ ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ରଣନୀତିକ ପ୍ରଚାରପ୍ରସାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାପକ ସଚେତନତା ଏବଂ ସଂପୃକ୍ତି ପାଇଁ ସୂଚନାର ପ୍ରଭାବଶାଳୀ ପ୍ରସାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ନିର୍ଦ୍ଦେଶକ ଡକ୍ଟର ଗିରିଶ ଦାଶ ବୈଠକରେ ଉଦ୍‌ଯାପନୀ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପିଆଇବିର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଆଞ୍ଚଳିକ ସମାଚାର ବିଭାଗ ମୁଖ୍ୟ ଡକ୍ଟର ଅଭିଷେକ ମିଶ୍ରା, ଆକାଶବାଣୀର ଉପନିର୍ଦ୍ଦେଶକ ପ୍ରକାଶ ଦାଶ, ପାସପୋର୍ଟ କାର୍ଯ୍ୟାଳୟ ଅଧିକାରୀ ପ୍ରେମ୍ ସିଂ, ଏମପିଇଡିଏର ଅତିରିକ୍ତ ନିର୍ଦ୍ଦେଶକ ଅନୀଷା ଟି.ଏ, ବିଏସଏନଏଲର ଅତିରକ୍ତ ନିର୍ଦ୍ଦେଶକ (ଲୋକ ସମ୍ପର୍କ) ଭାଗ୍ୟ ରଞ୍ଜନ ଜେନା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଭୁବନେଶ୍ୱର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜୟନ୍ତ କୁମାର ପାତ୍ର, ଭୁବନେଶ୍ୱର ଏଏସଆଇ ଅଧିକାରୀ ପଙ୍କଜ କୁମାର ଦାସ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରାଧ୍ୟାପକ ଓ ମୁଖ୍ୟ ଡକ୍ଟର ଲକ୍ଷ୍ମୀଧର ବେହେରା, ଆଶିଷ କୁମାର, ଦେବେନ୍ଦ୍ର ନାଥ ଷଡ଼ଙ୍ଗୀ, କେଭିଆଇସି ରାଜ୍ୟ ନିର୍ଦ୍ଦେଶକ ସୁବାସ ଛେତ୍ରୀ, କଟକ ଏମଏସଏମଇର ଡିଓର ଜଗଦୀଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

ଏହି ଅଧିବେଶନରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନଙ୍କୁ ଏକାଠି ହେବାର ସୁଯୋଗ ମିଳିଥିଲା, ଯେଉଁଥିରେ ସମ୍ମାନଜନକ ପ୍ରବାସୀ ଭାରତୀୟ ଦିବସ ୨୦୨୫କୁ ବ୍ୟାପକ ସ୍ତରରେ ପ୍ରସାରିତ କରିବା ପାଇଁ ବୁଝାମଣା ଓ ରଣନୀତି ଆଦାନପ୍ରଦାନ କରାଯାଇଥିଲା ।

30 YEARS
ଭୁବନେଶ୍ୱର, ୨୧ ଡିସେମ୍ବର ୨୦୨୪ ଶନିବାର





# ଚୌଦ୍ୱାର-କଟକ ବିଜେଡ଼ିର ବନ୍ଧୁ ମିଳନ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର-କଟକ ବିଜୁ ଜନତା ଦଳପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳ କଟକ ଜିଲ୍ଲା ଉପସଭାପତି ତଥା ପୂର୍ବତନ ପୌରାଧ୍ୟକ୍ଷ ପ୍ରେମଚାନ୍ଦ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଦଳର ସଂଗଠନକୁ ମଜବୁତ କରିବା ସହିତ ଦଳରେ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥି




ସହିତ ଆଗାମୀ ଦିନରେ ଦଳର ପ୍ରତିଷ୍ଠା ଦିବସକୁ ସ୍ଥାନୀୟ ଟାଉନହଲରେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ କଟକ ଓ ଚୌଦ୍ୱାରର ବହୁ ଛାମୁଆ ନେତା ଯୋଗଦେଇ ଦଳକୁ କିଭଳି ଭାବେ ପୁନର୍ବାର ମଜବୁତ୍ କରିବା ସହିତ ରାଜ୍ୟର ଶାସନ ହାତକୁ ଫେରାଇ ଅଣାଯିବ ସେଥିନେଇ ଆଲୋଚନା କରି ନିଜନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । କଟକ ମହାନଗର ସାଧାରଣ ସଂପାଦକ ତାପସ ମହାନ୍ତି, ମହାନଗର ଉପସଭାପତି ବାବୁଲି ରଣା, ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୌର ଉପାଧ୍ୟକ୍ଷ ତଥା ବିଜେଡି କଟକ ଜିଲ୍ଲା ଉପସଭାପତି ଶୁଭେନ୍ଦୁ ସାମଲ, ଯୁବ ସଭାପତି ସାରଦା ରଞ୍ଜନ ପରିଜା, ଛାତ୍ର ସଭାପତି ଭରତ ସାହୁ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ମହିଳା ସଭାନେତ୍ରୀ କବିତା ରାଣୀ ଲେଙ୍କାଙ୍କ ସମେତ ସମସ୍ତ ବିଜେଡି କାଉନସିଲର, ନାରୀ ନେତ୍ରୀ ଓ ପଞ୍ଚାୟତର ବହୁ କର୍ମୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ପୂର୍ବତଟ ରେଲୱେ ପକ୍ଷରୁ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ଉପରେ ଆଲୋଚନା ଚକ୍ର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଲୱେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ, ଖୋର୍ଦ୍ଧା ରୋଡ୍, ପକ୍ଷରୁ, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟର ସମ୍ମିଳନୀ ହଲରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ଉପରେ ଆଲୋଚନା ଚକ୍ର ଆୟୋଜନ କରଯାଇଥିଲା । ଏହି ସେମିନାର, କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧାଦେଶ ଏବଂ ପୁନଃନିର୍ମାଣ) ଆଇନକୁ ସ୍ମରଣୀୟ କରିବା ପାଇଁ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ରୋଡ ସ୍କାଉଟ୍ସ ଏବଂ ଗାଇଡ୍ସ ଆସୋସିଏସନର ଉପ ସଭାପତି ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା), ସୁଭ୍ରା




ଜ୍ୟୋତି ମଣ୍ଡଳ ଉପସ୍ଥିତ ଥିଲେ । ଏହି ଅବସରରେ ଡିଷ୍ଟ୍ରିକ୍ଟ କମିଶନର (ଗାଇଡ୍ସ) ଏବଂ ସହକାରୀ କାର୍ମିକ ଅଧିକାରୀ ତପସ୍ୱିନୀ ମହାନନ୍ଦିଆ, ଆସିଷ୍ଟାଣ୍ଟ ଡିଷ୍ଟ୍ରିକ୍ଟ କମିଶନର ନିବେଦିତା ନାୟକ ଏବଂ ଉଷା ରାଣୀ, ବରିଷ୍ଠ ରାଜ ଭାଷା ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ସ୍କାଉଟ୍ସ ଏବଂ ଗାଇଡ୍ସ ଉପସଭାପତି ସୁଭ୍ରା ଜ୍ୟୋତି ମଣ୍ଡଳ, ସ୍କାଉଟ୍ସ-ଗାଇଡ୍ସ ସଦସ୍ୟ ମାନଙ୍କୁ, ସମାଜରେ ଯୌନ ଶୋଷଣ ବିରୁଦ୍ଧରେ ଏକାଠି ଦୃଢ଼ତା ସହ ଛିଡ଼ା ହେବା ଏବଂ ସ୍ୱର ଉତ୍ତୋଳନ କରିବା ବାର୍ତ୍ତା ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ । କର୍ମକ୍ଷେତ୍ରରେ ମହିଳା ମାନଙ୍କ ପାଇଁ ଏକ ନିରାପଦ ତଥା ସମ୍ମାନଜନକ ପରିବେଶ ସୃଷ୍ଟି କରିବାର ମହତ୍ତ୍ୱ ବିଷୟରେ, ଡିଷ୍ଟ୍ରିକ୍ଟ କମିଶନର (ଗାଇଡ୍ସ) ତପସ୍ୱିନୀ ମହାନନ୍ଦିଆ, ତାଙ୍କର ବକ୍ତବ୍ୟ ରଖିଥିଲେ ଏବଂ କାର୍ଯ୍ୟ କ୍ଷେତ୍ରରେ ଯୌନ ଉତ୍ପୀଡ଼ନ ସମସ୍ୟାର ବିଭିନ୍ନ ବାସ୍ତବ ଜୀବନର ଉଦାହରଣ ଉପରେ ବର୍ଣ୍ଣନା କରିଥିଲେ । ଯୌନ ଉତ୍ପୀଡ଼ନ ଅଭିଯୋଗର ସମାଧାନ ସହ ଜଡ଼ିତ ଆଇନଗତ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଏକ ସୁସ୍ଥ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ, ଖୋର୍ଦ୍ଧା ରୋଡ ସ୍କାଉଟ୍ସ ଏବଂ ଗାଇଡ୍ସର ଡିଷ୍ଟ୍ରିକ୍ଟ ଟ୍ରେନିଙ୍ଗ କମିଶନର (ଗାଇଡ୍ସ) ରେଣୁ କୁମାରୀ, ସଂଯୋଜନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂସଦର ଶୀତ...

ପର୍ଯ୍ୟାୟରେ ମାତ୍ର ୬୨ ଘଣ୍ଟା ବିତର୍କ ହୋଇପାରିଛି । ପ୍ରଥମ ପର୍ଯ୍ୟାୟରେ ୭ଟି, ଦ୍ୱିତୀୟ ପର୍ଯ୍ୟାୟରେ ୧୫ଟି ଓ ତୃତୀୟ ପର୍ଯ୍ୟାୟରେ ୨୦ଟି କାର୍ଯ୍ୟ ଦିବସ ରହିଥିଲା । ପ୍ରଥମ ପର୍ଯ୍ୟାୟରେ ସାଂସଦମାନେ ଅତିରିକ୍ତ ୭ ଘଣ୍ଟା କାମ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩୩ ଘଣ୍ଟା ଗୃହ କାର୍ଯ୍ୟରେ ସାମିଲ ହୋଇଥିଲେ । ତୃତୀୟ ପର୍ଯ୍ୟାୟରେ ସବୁଠାରୁ ଅଧିକ ହଟ୍ଟଗୋଳ ହୋଇଥିଲେ ହେଁ ସାଂସଦମାନେ ଅତିରିକ୍ତ ୨୧.୭ ଘଣ୍ଟା କାମ କରି ନଷ୍ଟ ହୋଇଥିବା ସମୟକୁ ପୂରଣ କରିବାକୁ ଚେଷ୍ଟା କରିଛନ୍ତି । ସରକାରଙ୍କ ପକ୍ଷରୁ ଶୀତ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ କୌଣସି ବିଲ୍ ଆଗତ କରାଯାଇ ନଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ବିଲ ଆଗତ କରାଯାଇଥିବା ବେଳେ ଲୋକସଭାରେ ୪ଟି ବିଲ୍ ପାରିତ ହୋଇଛି । ତୃତୀୟ ପର୍ଯ୍ୟାୟରେ ସରକାର ମୋଟ ୫ଟି ବିଲ ଆଗତ କରିଥିଲେ । ଏହା ମଧ୍ୟରୁ ୪ଟି ବିଲ୍ ଗୃହର ଅନୁମୋଦନ ହାସଲ କରିଛି ।

## ଉପମୁଖ୍ୟମନ୍ତ୍ରୀ ଦେଲେ...

ବଣ୍ଡା ମହିଳାମାନେ କାହିଁକି ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହେଉଛନ୍ତି ଓ ଆବାସ ଯୋଜନାରେ ଘାଟି ଘର ନିର୍ମାଣ ହୋଇପାରୁନାହିଁ ସେନେଇ ପ୍ରଶାସନିକ ଅଧିକାରୀ ଓ ବଣ୍ଡା ଜନଜାତିଙ୍କ ସହ ଆଲୋଚନା କରିଥିଲେ । ବଣ୍ଡାଘାଟିରେ ଲୋକେ ଠିକ ଭାବରେ ପିଇବା ପାଣି ପାଇ ପାରୁ ନାହାନ୍ତି, ଗୋଟିଏ ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ପହଞ୍ଚ ପାରୁନାହିଁ । ଅନେକ ଗାଁକୁ ରାସ୍ତା ଠିକ ଭାବରେ ନାହିଁ । ମୋବାଇଲ ଟାୱାରର ସୁବିଧା ନାହିଁ । ଏଭଳି ଅନେକ ସମସ୍ୟା ଉପମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ବଣ୍ଡା ଜନଜାତି । ଉପମୁଖ୍ୟମନ୍ତ୍ରୀ ମଧ୍ୟ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

## +୨ ପରୀକ୍ଷା ...

କେନ୍ଦ୍ରଗୁଡ଼ିକରେ ସମସ୍ତ କାଗଜପତ୍ର ପହଞ୍ଚିବ । ନିୟମିତ ଅଫିସ୍ ସମୟ ବ୍ୟତୀତ ଅନ୍ୟ ବେଳେ ମଧ୍ୟ ପରିଷଦର କର୍ମଚାରୀମାନେ କାଗଜପତ୍ର ନେଇ ପହଞ୍ଚିପାରନ୍ତି । ତେଣୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ତଥା ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ପରିଷଦ ପକ୍ଷରୁ ପଠାଯାଇଥିବା ପ୍ରଶ୍ନପତ୍ର ଓ ସାଧା ଉତ୍ତର ଖାତାଗୁଡ଼ିକୁ ଭଲ ଭାବେ ଗଣି ରଖିବା ଦିଗରେ ପଦକ୍ଷେପ ନେବେ । ଯଦି କୌଣସି ସ୍ଥାନରେ ପରୀକ୍ଷାର୍ଥୀଙ୍କ ସଂଖ୍ୟାଠାରୁ ଉତ୍ତର ଖାତା କିମ୍ବା ପ୍ରଶ୍ନପତ୍ର କମ୍ ରହିଥିବ ତାହା ହେଲେ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ସଙ୍ଗେ ସଙ୍ଗେ ପରୀକ୍ଷା ନିୟନ୍ତ୍ରକଙ୍କୁ ଅବଗତ କରାଇବେ । ପରୀକ୍ଷା କେନ୍ଦ୍ରର ଷ୍ଟ୍ରଙ୍ଗରୁମ୍‌ରେ ସିସିଟିଭି ନଜରରେ ପ୍ରଶ୍ନପତ୍ର ପ୍ୟାକେଟ୍ କିଭଳି ରହିବ ସେଦିଗରେ ପଦକ୍ଷେପ ନେବେ । ଖୋଲାଯାଇଥିବା ପ୍ରଶ୍ନପତ୍ରଗୁଡ଼ିକର ପ୍ୟାକିଂ ସାମଗ୍ରୀ ଏକ ମାସ ଧରି ଷ୍ଟ୍ରଙ୍ଗରୁମ୍‌ରେ ସଂରକ୍ଷିତ କରି ରଖିବାକୁ କୁହାଯାଇଛି । ସୁପରିଟେଣ୍ଡେଣ୍ଟମାନେ ପରିଷଦ ପକ୍ଷରୁ ନିୟମିତ ବ୍ୟବଧାନରେ ପଠାଯାଉଥିବା ଚିଠି ତଥା ବିଜ୍ଞପ୍ତିକୁ ଭଲ ଭାବେ ପଢ଼ିବା ସହ ଏଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଫେବ୍ରୁଆରୀ ୧୮ରୁ ଆରମ୍ଭ ହେବାକୁ ଥିବା ଥିଓରି ପରୀକ୍ଷା ଲାଗି ଇତିମଧ୍ୟରେ କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଚୟନ ଶେଷ ହୋଇଛି । ଯେଉଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଯୁକ୍ତ୨ କଲେଜରେ ପରୀକ୍ଷା କେନ୍ଦ୍ର କରାଯାଇଛି ସେଠାକାର ଅଧ୍ୟକ୍ଷ ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ରହିଛନ୍ତି । ଯେଉଁ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ନିକଟ ସମ୍ପର୍କୀୟ ଯଥା ପୁଅ, ଝିଅ, ସ୍ୱାମୀ, ପତ୍ନୀ, ଭାଇ, ଭଉଣୀ, ବାପା, ମା ସମ୍ପୃକ୍ତ କେନ୍ଦ୍ରରେ ପରୀକ୍ଷା ଦେଉଥିବେ ସେଠାରେ ସମ୍ପୃକ୍ତ କଲେଜ ଅଧ୍ୟକ୍ଷ କେନ୍ଦ୍ର ସୁପରିଟେଣ୍ଡେଣ୍ଟ ରହିନାହାନ୍ତି ବରଂ କଲେଜର ବରିଷ୍ଠ ଅଧ୍ୟାପକଙ୍କୁ ସୁପରିଟେଣ୍ଡେଣ୍ଟ ଭାବେ ଚୟନ କରାଯାଇଛି । ପ୍ରତି କେନ୍ଦ୍ରରେ ଜଣେ ଲେଖାଏଁ ଡେପୁଟି ସୁପରିଟେଣ୍ଡେଣ୍ଟ ରହିଛନ୍ତି । ଏହାବ୍ୟତୀତ ପରୀକ୍ଷା କେନ୍ଦ୍ରରେ ପିଲା ସଂଖ୍ୟା ଅନୁଯାୟୀ ଡେପୁଟି ସୁପରିଟେଣ୍ଡେଣ୍ଟଙ୍କୁ ନିୟୋଜନ କରାଯାଇଛି ।

## ନୂଆବର୍ଷରୁ ଚାଷୀଙ୍କ ...

ପଞ୍ଜିକରଣ ଡାଟାବେସ ପ୍ରସ୍ତୁତ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ କୃଷି ନିର୍ଦ୍ଦେଶକ ଗତ ସପ୍ତାହରେ ସମସ୍ତ ଜିଲ୍ଲାପାଳଙ୍କୁ ଏହି ଡାଟାବେସ ପ୍ରସ୍ତୁତ ନିମନ୍ତେ ଆକ୍ସନ ପ୍ଲାନ ଓ ଏସଓପି ଜାରି କରିଛନ୍ତି । ଏହି ଡାଟାବେସ ପ୍ରସ୍ତୁତ ମାଧ୍ୟମରେ ଚାଷୀଙ୍କୁ ୟୁନିକ ଆଇଡି ଜାରି କରି ସେମାନଙ୍କୁ ସିଧାସଳଖ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ଯୋଜନାର ଲାଭ ଦେବାକୁ ଲକ୍ଷ୍ୟ ରଖିଛନ୍ତି । କେବଳ ସେତିକି ନୁହେଁ କେଉଁ ଚାଷୀ କେତେ ଚାଷଜମିର ମାଲିକ, ସେଥିରୁ କେତେ ଜଳସେଚିତ ଓ କେତେ ଅଣଜଳସେଚିତ, ତାର ତଥ୍ୟ ମଧ୍ୟ ସରକାର ଜାଣିପାରିବେ । ଚାଷୀ ପଞ୍ଜିକରଣ କାର୍ଯ୍ୟାନ୍ୱୟନର ଏହି ପ୍ରକ୍ରିୟା ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ଜାନୁୟାରୀ ୧ରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟରେ ସବୁ ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯିବ । ଯେଉଁ ଶିବିରରେ ୨ଜଣ ଲେଖାଏଁ ଗ୍ରାମ୍ୟ କୃଷି ସେବକ, ଜଣେ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହିବେ । ଚାଷୀଙ୍କୁ ଶିବିର ପର୍ଯ୍ୟନ୍ତ ଆଣିବା ପାଇଁ ସ୍ଥାନୀୟ କୃଷକ ସାଥୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ପ୍ରତ୍ୟେକ ଶିବିରର ତଦାରଖ ଦାୟିତ୍ୱରେ କୃଷି ଓଭରସିୟର, ବ୍ଲକ କୃଷି ଅଧିକାରୀ, ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାରଙ୍କ ମଧ୍ୟରୁ ଜଣେ ରହିବେ । ଚାଷୀମାନେ ନିଜର ଆଧାର କାର୍ଡ, ମୋବାଇଲ ଫୋନ୍(ଆଧାର ଲିଙ୍କ ଥିବା) , ଜମି ପଟ୍ଟା(ଭୂଲେଖରେ ଥିବା ରେକର୍ଡ) ଅବା ଖର୍ଦ୍ଦି ଦଲିଲ ଧରି ଶିବିରକୁ ଆସିବେ । ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଏହି ଶିବିରରେ ପିଏମକିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, କୃଷକ ଓଡ଼ିଶାର ହିତାଧିକାରୀଙ୍କ ପଞ୍ଜିକରଣ ଶେଷ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଚାଷୀଙ୍କ ପଞ୍ଜିକରଣ ପାଇଁ କୃଷକ ସାଥୀମାନଙ୍କୁ ୬ଟଙ୍କା, ଗ୍ରାମ୍ୟ କୃଷିସେବକ ଓ ରାଜସ୍ୱ ନିରୀକ୍ଷକଙ୍କୁ ୨ଟଙ୍କା ଲେଖାଏଁ ପାରିଶ୍ରମିକ ମିଳିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜିକରଣ ପ୍ରକ୍ରିୟା ମାର୍ଚ୍ଚ ୩୧ରୁ ହେବ । ଯାହାକି ୩ଟି ମାଧ୍ୟମରେ ହୋଇପାରିବ । ବ୍ୟକ୍ତିଗତସ୍ତରରେ ଏଗ୍ରିଷ୍ଟାକ ୱେବସାଇଟ ଅବା ଆପ ମାଧ୍ୟମରେ, ଜନସେବା କେନ୍ଦ୍ରରେ ଓ ସହାୟକ ମଡେଲକୁ ଉପଯୋଗ କରି ଚାଷୀ ପଞ୍ଜିକରଣ କରାଯିବ । ସେହିପରି ଯେଉଁ ଜମିଗୁଡ଼ିକ ଇଜିମାଇଲରେ ଥିବ ଅବା ପିତା-ଜେଜେଙ୍କ ନାଁରେ ଥିବ ତାର ପ୍ରକୃତ ହିତାଧିକାରୀ ଆବଶ୍ୟକ ତଥ୍ୟ ଦେଇ ପଞ୍ଜିକରଣ କରାଇବାକୁ ପଡ଼ିବ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଆଧାର କେୱାଇସି, ଭୂଲେଖରେ ଥିବା ରେକର୍ଡ ଓ ପ୍ରତ୍ୟେକ ଚାଷଜମିର ଫସଲର ବିବରଣୀ(ଡିଜିଟାଲ ଫସଲ ସର୍ଭେ ଡାଟାବେସରୁ ସଂଗୃହୀତ ତଥ୍ୟ) ଠିକଠାକ ଥିଲେ ଚାଷୀଙ୍କୁ ୨୪ଘଣ୍ଟା ମଧ୍ୟରେ ୧୪ଟିକିଆ ସ୍ୱତନ୍ତ୍ର ଆଇଡି ନମ୍ବର(ଓଡ଼ିରୁ ଆରମ୍ଭ) ମିଳିଯିବ । ଅନ୍ୟ ଯେଉଁମାନଙ୍କର ଏସବୁ ତଥ୍ୟରେ ସମସ୍ୟା ଥିବ ସେମାନଙ୍କୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ମାଧ୍ୟମରେ ରେକର୍ଡ ଭେରିଫାଏଡ କଲାପରେ ହିଁ ୟୁନିକ ଆଇଡି ନମ୍ବର ମିଳିପାରିବ । ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ଏହି ଚାଷୀ ପଞ୍ଜିକରଣ ପରେ ଆସନ୍ତା ଆର୍ଥିକ ବର୍ଷରୁ ପିଏମ କିଷାନ, ସିଏମକିଷାନ ସହ ପ୍ରଧାନମନ୍ତ୍ରୀ ଫସଲବୀମା ଆଦି ପାଇଁ ଏହି ୟୁନିକ ଆଇଡି ନମ୍ବରକୁ ବାଧ୍ୟତାମୂଳକ କରିବାକୁ ଯୋଜନା ରଖିଛନ୍ତି । ପରବର୍ତ୍ତୀ ସମୟରେ କୃଷି ସହ ଜଡ଼ିତ ସମସ୍ତ ଯୋଜନା ଓ ସବସିଡି ମଧ୍ୟ କେବଳ ଏହି ଆଇଡି ନମ୍ବର ଥିଲେ ହିଁ ମିଳିପାରିବ ବୋଲି ଜଣାପଡ଼ିଛି । ତେବେ ଏହି ଏସଓପିରେ ଭୂମିହୀନ ଚାଷୀ କିଭଳି ନିଜକୁ ପଞ୍ଜିକରଣ କରିବେ ସେନେଇ ଏସଓପିରେ କିଛି ଉଲ୍ଲେଖ ନାହିଁ ।

## ଡିସେମ୍ବର ୨୩ରେ...

ଦିଆଯିବ ବୋଲି ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ବାଂଲାଦେଶ ଓ ...

ସରକାର ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଭାରତ ସରକାର କୂଟନୈତିକ ସ୍ତରରେ ସଂଖ୍ୟାଲଘୁଙ୍କ ବିରୋଧରେ ହେଉଥିବା ପ୍ରସଙ୍ଗକୁ ପାକିସ୍ତାନ ସରକାରଙ୍କ ଆଗରେ ଉଠାଇଛନ୍ତି । ପାକିସ୍ତାନ ସରକାର ଧାର୍ମିକ ଅସିହିଷ୍ଣୁତା, ଅପବିତ୍ରୀକରଣକୁ ନେଇ ହେଉଥିବା ହିଂସା ଓ ସଂଖ୍ୟାଲଘୁଙ୍କ ବିରୋଧରେ ହେଉଥିବା ଆକ୍ରମଣକୁ ରୋକିବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ତଥ୍ୟ ଅନୁସାରେ, ୨୦୨୨ରେ ୪୭ଟି ହିନ୍ଦୁ ବିରୋଧୀ ହିଂସା ବାଂଲାଦେଶରେ ରେକର୍ଡ କରାଯାଇଥିଲା । ୨୦୨୩ରେ ଏହା ୩୦୨ ରହିଥିଲା କିନ୍ତୁ ୨୦୨୪ ଡିସେମ୍ବର ୮ ସୁଦ୍ଧା ହିନ୍ଦୁ ବିରୋଧୀ ହିଂସା ବାଂଲାଦେଶରେ ୨୨୦୦ରେ ପହଞ୍ଚି ଯାଇଛି । ସେହିପରି ପାକିସ୍ତାନରେ ୨୪୧ଟି ହିନ୍ଦୁ ବିରୋଧୀ ହିଂସା ୨୦୨୨ରେ ରେକର୍ଡ ହୋଇଥିବା ବେଳେ ୨୦୨୩ରେ ଏହା ୧୦୩କୁ ଖସି ଆସିଥିଲା । କିନ୍ତୁ ଚଳିତ ଅକ୍ଟୋବର ସୁଦ୍ଧା ହିନ୍ଦୁ ବିରୋଧୀ ହିଂସାକାଣ୍ଡ ୧୧୨ରେ ପହଞ୍ଚି ଯାଇଛି । ବାଂଲାଦେଶ ଓ ପାକିସ୍ତାନ ବ୍ୟତୀତ ଆଉ କୌଣସି ପଡୋଶୀ ଦେଶରେ ହିନ୍ଦୁ ବିରୋଧୀ ହିଂସା ରେକର୍ଡ କରାଯାଇ ନଥିବା ଭାରତ ସରକାର କହିଛନ୍ତି ।

## ଉପକୂଳ ଓ ଆଭ୍ୟନ୍ତରୀଣ ...

ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ୪ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୧ ତାରିଖ ସକାଳ ସାଢେ ୮ଟାରୁ ୨୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନ ସହିତ ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି । ଅନ୍ୟ ସବୁ ସ୍ଥାନରେ ପାଗ ଶୁଖିଲା ରହିବାର ସମ୍ଭାବନା ଥିବା ପୂର୍ବାନୁମାନ କରାଯାଇଛି । ୨୨ ତାରିଖ ସକାଳ ସାଢ଼େ ୮ଟାରୁ ରାଜ୍ୟର ସବୁ ଜିଲ୍ଲାରେ ପାଗ ଶୁଖିଲା ରହିପାରେ ବୋଲି ପୂର୍ବାନୁମାନ କରିଛି ବିଭାଗ । ସେହିପରି ଆଗାମୀ ୩ ଦିନରେ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ତାପରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରାରେ ୨-୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି । ଶୁକ୍ରବାର ସୁନ୍ଦରଗଡ଼ ଓ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ରହିଥିଲା । ଝାରସୁଗୁଡ଼ା, ବୌଦ୍ଧ ଓ ଜଗତସିଂହପୁରରେ ୧୪, ବାରିପଦା, ନୂଆପଡ଼ା, ଫୁଲବାଣୀ ଓ କୋରାପୁଟରେ ୧୫, କେନ୍ଦୁଝର ଓ ଅନୁଗୋଳରେ ୧୬, ଭଦ୍ରକ, କେନ୍ଦ୍ରାପଡ଼ା, ଦେବଗଡ଼, ବରଗଡ଼ ଓ ବାଲେଶ୍ୱର ୧୭, କଟକ, ଢେଙ୍କାନାଳ, ଯାଜପୁର, କଟକ, ନୟାଗଡ଼, ଟିଟିଲାଗଡ଼, ଭବାନୀପାଟଣା, ଖୋର୍ଦ୍ଧା ଓ ବଲାଙ୍ଗିରୀ ୧୮ ଡିଗ୍ରୀ ସେଲ୍‌ସିୟସ ରହିପାରେ । ସେହିଭଳି ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ରହିପାରେ । ୨୧ ତାରିଖରେ ସୁନ୍ଦରଗଡ଼ ଓ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ରହିପାରେ । ସେହିପରି ବୌଦ୍ଧ, ଝାରସୁଗୁଡା ଓ ଜଗତସିଂହପୁରରେ ୧୪ ଡିଗ୍ରୀ, ବାରିପଦା, ଫୁଲବାଣୀ, କୋରାପୁଟ ଓ ନୂଆପଡାରେ ୧୫ ଡିଗ୍ରୀ, କେନ୍ଦୁଝରଗଡ଼ ଓ ଅନୁଗୋଳରେ ୧୬, ବରଗଡ଼, ଦେବଗଡ଼, ଭଦ୍ରକ, କେନ୍ଦ୍ରାପଡ଼ା, ନୟାଗଡ଼ ଓ ବାଲେଶ୍ୱରରେ ୧୭ ଏବଂ ଯାଜପୁର, ଢେଙ୍କାନାଳ, କଟକ, ବଲାଙ୍ଗିର, ଟିଟିଲାଗଡ଼ ଓ ଖୋର୍ଦ୍ଧାରେ ୧୮ ଡିଗ୍ରୀ ସେଲ୍‌ସିୟସ ରହିପାରେ । ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ରହିପାରେ । ୨୪ ତାରିଖରେ ରାଉରକେଲାର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀକୁ ଖସିପାରେ । ସେହିଭଳି ସୁନ୍ଦରଗଡ଼ରେ ୧୧ ଡିଗ୍ରୀ ଏବଂ ଝାରସୁଗୁଡ଼ା, ବାରିପଦା, ବୌଦ୍ଧ, ଫୁଲବାଣୀ ଓ ଜଗତସିଂହପୁରରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀକୁ ଖସିବାର ସମ୍ଭାବନା ରହିଛି । ଅନୁଗୋଳ, ନୂଆପଡା ଓ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀକୁ, ବାଲେଶ୍ୱରରେ ୧୫ ଡିଗ୍ରୀକୁ, କଟକରେ ୧୭ ଓ ଭୁବନେଶ୍ୱରରେ ୧୮ ଡିଗ୍ରୀକୁ ହ୍ରାସ ହୋଇପାରେ । ଗତ ୨୪ ଘଣ୍ଟାରେ ସବୁଠୁ ଅଧିକ ଶୀତ ଅନୁଭୂତ ହୋଇଥିଲା । ସୁନ୍ଦରଗଡ଼ରେ ଏଠାରେ ସର୍ବନିମ୍ନ ତାପମାତ୍ରା ୧୦.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା ।

## ପଞ୍ଚସଖା ଶିକ୍ଷା...

ପରିଚାଳନା ପାଇଁ ଏକ କମିଟି ଗଠନ ହେବ । ଶିକ୍ଷାବିତ୍, ଜନ ପ୍ରତିନିଧି, ବୈଜ୍ଞାନିକ, ପ୍ରତିଷ୍ଠିତ ବ୍ୟକ୍ତି, କ୍ରୀଡ଼ା, ସାହିତ୍ୟ ଓ ସଂସ୍କୃତି ଏବଂ ଚଳଚିତ୍ର କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ରାଜ୍ୟସ୍ତରୀୟ କମିଟି ଗଠନ ହେବ । ରାଜ୍ୟସ୍ତରୀୟ କମିଟିରେ ଗଣଶିକ୍ଷା ବିଭାଗର ସଚିବ ନିଯୁକ୍ତି ହେବେ । ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହେବ । ଦୁଇଟି ଉତ୍ସରୁ ପାଣ୍ଠି ଆସିବ । ଦାତା ଏବଂ ସରକାର ଅର୍ଥ ଦେବେ । ଦାତାଙ୍କ ଦୁଇ ଗୁଣା ଦେବେ ସରକାର । ଦାତାଙ୍କ ଠାରୁ ସର୍ବାଧିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଗ୍ରହଣ କରାଯାଇପାରିବ । ପରିଷ୍କାର, ପରିଚ୍ଛନ୍ନତା ଏବଂ ରକ୍ଷଣାବେକ୍ଷଣ ପାଇଁ ନିଯୁକ୍ତି ବ୍ୟବସ୍ଥା ରହିବ । ରାଜ୍ୟରେ ସରକାର ବଦଳିବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମୋ ସ୍କୁଲ ଅଭିଯାନ ନାଁ ବଦଳାଇଛି । ୨୦୧୭ରୁ ଆରମ୍ଭ ହୋଇଥିବା ମୋ ସ୍କୁଲ ଅଭିଯାନ ନାଁ ବଦଳି ଏବେ ପଞ୍ଚଶଖା ଶିକ୍ଷା ସେତୁ ହୋଇଛି । ଏନେଇ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନକୁ ଗଣଶିକ୍ଷା ବିଭାଗ ଚିଠି ଲେଖିଛି । ଚଳିତ ବର୍ଷ ପୂର୍ଣ୍ଣାଙ୍ଗ ବଜେଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୋ ସ୍କୁଲ ନାଁକୁ ବଦଳରେ ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ ହେବ ବୋଲି ଘୋଷଣା କରିଥିଲେ । ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ ପାଇଁ ବଜେଟରେ ୩୩୨ କୋଟି ବ୍ୟୟବରାଦ ହୋଇଥିଲା । ସେହିପରି ଅର୍ଥ ବଦଳରେ ଦାତା ସ୍କୁଲ ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକୀୟ ସାମଗ୍ରୀ ଦେଇପାରିବେ । ପଞ୍ଚସଖା ଶିକ୍ଷା ସେତୁ ପାଇଁ ଆର୍ଥିକ ଅବଦାନ ଚେକ, ୱେବ ସାଇଟ ଏବଂ ଅନଲାଇନ ମାଧ୍ୟମରେ ସଂଗ୍ରହ କରାଯିବ । ଦାନ ପାଇଁ ଆଧାର ଏବଂ ପାନ ନଂ ପ୍ରଦାନ କରିବାକୁ ପଡ଼ିବ । ପ୍ରବାସୀ ଭାରତୀୟମାନେ ପାସପୋର୍ଟର ବିବରଣୀ ଦେଇ ଅର୍ଥ ପ୍ରଦାନ କରିବେ । ଏକକାଳୀନ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ପ୍ରଦାନ ପାଇଁ ଜିଲ୍ଲା ସ୍ତରୀୟ କମିଟି ସହ ପରାମର୍ଶ କରିବାକୁ ପଡ଼ିବ । ଏକ ବର୍ଷ ସରିବାର ଛଅ ମାସ ମଧ୍ୟରେ ଗଣଶିକ୍ଷା ବିଭାଗକୁ କମିଟି ରିପୋର୍ଟ ଦେବ ।

## ନୂଆବର୍ଷ ପାଳନ...

ନରସିଂହ ଭୋଳ ଏମିତି ଚେତାବନୀ ଶୁଣାଇଛନ୍ତି । ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ଏବେ ଠାରୁ ବଡ଼ବଡ଼ ହୋଟେଲ, ରେଷ୍ଟୁରାଣ୍ଟ, ମଣ୍ଡପରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଆଗନ୍ତୁକମାନଙ୍କ ପାଇଁ ହୋଟେଲଗୁଡ଼ିକରେ ପ୍ୟାକେଜ୍ ବ୍ୟବସ୍ଥା ହୋଇଛି । ଇଭେଣ୍ଟ୍ ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକ ମଧ୍ୟ ଜିରୋନାଇଟ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ନୂଆବର୍ଷରେ ନିଶା କାରବାର ଅଧିକ ହୋଇପାରେ । ତେବେ ଏସବୁକୁ ଦୃଷ୍ଟିରେ ରଖି ସରକାର କଟକଣା ଲଗାଇଛନ୍ତି । ଜିରୋ ନାଇଟ ସେଲିବ୍ରେସନ ପାଇଁ ଅବକାରୀ ବିଭାଗ କଟକଣା ଲାଗୁ କରିଛି । ଆସନ୍ତା ଡିସେମ୍ବର ୩୧ ତାରିଖରେ ଜିରୋ ନାଇଟ ଆୟୋଜନ ପାଇଁ ଅବକାରୀ ବିଭାଗର ଅନୁମତି ଦରକାର ବୋଲି କୁହାଯାଇଛି ।

# ଜିନ୍ଦଲ ସିଏସଆର-୨୦ ଛାତ୍ରଛାତ୍ରୀଙ୍କୁ ଷ୍ଟେନଲେସ ଷ୍ଟିଲ ଫ୍ୟାବ୍ରିକେସନ ଦକ୍ଷତା ପ୍ରମାଣପତ୍ର ପ୍ରଦାନ

**କଳିଙ୍ଗନଗର, ନ୍ୟୁଜ୍‌ବ୍ୟୁରୋ**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍, କଳିଙ୍ଗନଗର ଓ ସରକାରୀ ପଲିଟେକନିକ ଇନଷ୍ଟିଚ୍ୟୁଟ, ରଗଡି, ଯାଜପୁରଙ୍କ ମିଳିତ ସହଯୋଗରେ ଚାଲିଥିବା ଷ୍ଟେନଲେସ ଷ୍ଟିଲ୍ ଫ୍ୟାବ୍ରିକେସନ ପ୍ରଶିକ୍ଷଣ ପ୍ରକଳ୍ପରେ ସଦ୍ୟ ପ୍ରଶିକ୍ଷଣ ସମାପ୍ତ କରିଥିବା ୨୦ ଜଣ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳତାର ସହ ପାଳନ କରାଯାଇଛି । ସରକାରୀ ପଲିଟେକ୍ନିକ ଇନଷ୍ଟିଚ୍ୟୁଟ୍, ରଗଡି ଠାରେ ଅନୁଷ୍ଠିତ ଏହି ସମାରୋହରେ ଦକ୍ଷତା ବିକାଶ ଏବଂ ସମ୍ପ୍ରଦାୟର ସଶକ୍ତିକରଣ ପାଇଁ ଜେଏସଏଲର ପ୍ରତିବଦ୍ଧତା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ । ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ର ଡେପୁଟି ଜେନେରାଲ ମ୍ୟାନେଜର ରାମକୃଷ୍ଣ ମହାନ୍ତି ମୁଖ୍ୟ ଅତିଥି ଭାବରେ ସ୍ନାତକୋତ୍ତର ଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ ଏବଂ ଷ୍ଟେନଲେସ ଷ୍ଟିଲର ବିଭିନ୍ନ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ବିକାଶଶୀଳ ଚାକିରି ବଜାର ସହିତ ଖାପ ଖୁଆଇବା ପାଇଁ ସେ ଛାତ୍ରମାନଙ୍କୁ କଠିନ ପରିଶ୍ରମ ଏବଂ ସକରାତ୍ମକ ଚିନ୍ତାଧାରା ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ଏହି ଉତ୍ସବରେ ସରକାରୀ ବହୁମୁଖୀ ବୈଷୟିକ ଶିକ୍ଷାନୁଷ୍ଠାନ, ରଗଡି, ଯାଜପୁରର ଅଧ୍ୟକ୍ଷ ଡା. ସୁଭାଙ୍ଗ କିଶୋର ଦାସ ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ଜିନ୍ଦଲ ଷ୍ଟେନଲେସ ଦ୍ୱାରା ଷ୍ଟେନଲେସ ଷ୍ଟିଲ ଫ୍ୟାବ୍ରିକେସନ ପ୍ରଶିକ୍ଷଣ ପ୍ରକଳ୍ପର ଉପକାରିତା ଉପରେ ଆଲୋକପାତ କରିଥିବା ବେଳେ ଜିନ୍ଦଲ କର୍ତ୍ତୃପକ୍ଷଙ୍କ ଷ୍ଟେନଲେସ ଷ୍ଟିଲ୍ ସମ୍ବନ୍ଧିତ ବୈଷୟିକ ପ୍ରଶିକ୍ଷଣ ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କର ଷ୍ଟେନଲେସ ଷ୍ଟିଲ ସମ୍ପର୍କୀତ ଜ୍ଞାନକୁ ପରିବର୍ଦ୍ଧିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଅଛି ବୋଲି ମତବ୍ୟକ୍ତ କରିବାସହିତ ଏହି ପ୍ରକଳ୍ପକୁ ଆହୁରି ପରିବ୍ୟାପ୍ତ କରିବାପାଇଁ ଜିନ୍ଦଲ କର୍ତ୍ତୃପକ୍ଷ ଙ୍କୁ ଅନୁରୋଧ କରିଥିଲେ । ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ର ସାମାଜିକ ଦାୟିତ୍ୱବୋଧ ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ଅନ୍ୟତମ ଅତିଥି ରୂପେ ଯୋଗଦେଇ ଏହି ପ୍ରକଳ୍ପକୁ ଆହୁରି ସରସ ସୁନ୍ଦର ତଥା କ୍ରିୟାଶୀଳ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କର ମତାମତ ଲୋଡ଼ିଥିଲେ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସଂଶ୍ଲିଷ୍ଟ ରହି ସଫଳ ରୂପେ ପ୍ରଶିକ୍ଷଣ ସମାପ୍ତ କରିଥିବାରୁ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟକ୍ଷ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିବାସହିତ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ପ୍ରଶିକ୍ଷଣ ଚାକିରି ଜୀବନରେ ସାହାଯ୍ୟ କରିବା ସହିତ ବ୍ୟକ୍ତିଗତ ସ୍ତରରେ ଜଣେ ସଫଳ ଉଦ୍ୟୋଗୀ ହେବା ପାଇଁ ଯଥେଷ୍ଟ ସହାୟକ ହେବବୋଲି ଛାତ୍ରଛାତ୍ରୀମାନେ ନିଜ ନିଜର ବକ୍ତବ୍ୟରେ ଉପସ୍ଥାପନ କରିଥିଲେ ।

# ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସଭାପତି ପ୍ରମୋଦ ଝାଙ୍କରଙ୍କ ସଭାପତିତ୍ୱରେ ଏକ ସ୍ୱାସ୍ଥ୍ୟ ଶିବିର ଓ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୫୦ ଜଣ ବରିଷ୍ଠ ନାଗରିକ ସଦସ୍ୟ/ ସଦସ୍ୟା ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ଡାକ୍ତର ସୂର୍ଯ୍ୟକାନ୍ତ ବେହେରାଙ୍କ ଠାରୁ ଔଷଧ ଓ ପରାମର୍ଶ ଗ୍ରହଣ କରିଥିଲେ । ସଂଘ ପ୍ରସ୍ତାବ ଅନୁସାରେ ଆମ ସଭ୍ୟମାନଙ୍କୁ ତାଙ୍କ କ୍ଲିନିକ୍‌ରେ ସ୍ୱତନ୍ତ୍ର ସୁବିଧା ଦେବାକୁ ମଧ୍ୟ ଡାକ୍ତର ବେହେରା ଅତି ଆଦରର ସହିତ ରାଜି ହୋଇଥିଲେ । ଡାକ୍ତର ବେହେରାଙ୍କୁ ଗଣେଶ ଭୋଇ ଓ ହେମନ୍ତ ସାହୁ ସହଯୋଗ କରିଥିଲେ । ଏହା ସହିତ କେୟାର ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ ରେ ସୁମିତ ରଞ୍ଜନ ମହାନ୍ତି ଓ ହୃଷୀକେଶ ମିଶ୍ର ଯୋଗଦେଇ ବରିଷ୍ଠମାନଙ୍କ ପାଇଁ କେଉଁ ବୀମା କଲେ ଉପକୃତ ହେବେ ସେ ସମ୍ପର୍କରେ ବିଶଦ୍ ଭାବେ ବୁଝାଇଥିଲେ । ଏହି ସବୁ କାର୍ଯ୍ୟକ୍ରମରେ ସର୍ବଶ୍ରୀ କେଦାର ମିଶ୍ର, ଗୋବିନ୍ଦ ଦାଶ, ନିର୍ମଳ କିଶୋର କର, ଶୁଶିଲ ମହାପାତ୍ର, ପ୍ରସନ୍ନ ପ୍ରଧାନ, ତୁଳସୀ ଦାଶ, ଗୌରଚନ୍ଦ୍ର କର, ପ୍ରଦୀପ ସାହୁ, ସ୍ୱାଧୀନ ମହାରଣା, ସାଧୁ ଚରଣ ଦାଶ ତାନସେନ ସରାଫ, ଲମ୍ବୋଦର ମିଶ୍ର, କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ଚନ୍ଦ୍ର ଶେଖର ସାହୁ, ବିରେନ୍ଦ୍ର ମିଶ୍ର, ମହୁରିଆ ପ୍ରଧାନ ଆଦି ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏହା ପୂର୍ବରୁ ଡାକ୍ତର ସୂର୍ଯ୍ୟକାନ୍ତ ବେହେରା ଓ ବୀମା କମ୍ପାନୀରୁ ଆସିଥିବା ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା ।

# ନ୍ୟାୟର ଦୀପ ପ୍ରଜ୍ୱଳନ ଲାଗି ଆହ୍ୱାନ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜାତିର ପିତା ମହାତ୍ମାଗାନ୍ଧିଙ୍କ ସ୍ମୃତି ରକ୍ଷା ପାଇଁ ନ୍ୟାୟର ଦୀପ ପ୍ରଜ୍ୱଳନ ନିମନ୍ତେ ସ୍ଥାନୀୟ ଜନତା ମଇଦାନସ୍ଥିତ ଗାନ୍ଧିପାର୍କଠାରେ ଭୁବନେଶ୍ୱର ଜିଲ୍ଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯିବା ସହିତ ବାରଣାସୀ ସର୍ବୋଦୟ ସାଧନ କେନ୍ଦ୍ରର ପୁନଃ ନିର୍ମାଣ ଲାଗି ୧୦୦ ଦିନ ବ୍ୟାପୀ ହୋଇଥିବା ସତ୍ୟାଗ୍ରହୀଙ୍କୁ ସଲାମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ସୁଧାଂଶୁ ମହାପାତ୍ର, 'ସୁରକ୍ଷା'ର ସମ୍ପାଦକ କେଶବ ରଣା, ବିଶିଷ୍ଟ ସମାଜସେବୀ ବ୍ରଜବନ୍ଧୁ ପରିଡ଼ା, ସମରକାନ୍ତି ସେନାର ସମ୍ପାଦକ ପ୍ରମୋଦ କିଶୋର ପରିଡ଼ା ଏବଂ ଓଡ଼ିଶା ଲୋକ କଲ୍ୟାଣ ଟ୍ରଷ୍ଟର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ଜିଲ୍ଲା ସ୍ତରୀୟ ଗଜପତି ଉତ୍ସବ ୨୦୨୪ ଉଦ୍‌ଘାଟିତ

**ପାରଳାଖେମୁଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ ଠାରେ ଜିଲ୍ଲା ସ୍ତରୀୟ ଗଜପତି ଉତ୍ସବ ୨୦୨୪ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମେ ମହେନ୍ଦ୍ର ଗିରିରୁ ଆସିଥିବା ମସଲାକୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ବିରାଟ ଶୋଭାଯାତ୍ରାରେ ବାହାର କରାଯାଇ ସହର ପରିକ୍ରମା କରି ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା । ବାଣିଜ୍ୟ ପରିବହନ ଇସ୍ପାତଏବଂ ଖଣି ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଗଜପତି ଉତ୍ସବ ୨୦୨୪ ଓ ପଲ୍ଲୀ ଶ୍ରୀ ମେଳାକୁ ରିବନ କାଟି ଶୁଭ ଉଦ୍‌ଘାଟନ କରିଥିଲେ । ପରେ ଗଜପତି ଉତ୍ସବ ୨୦୨୪ର ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ବାଣିଜ୍ୟ, ପରିବହନ, ଇସ୍ପାତ ଏବଂ ଖଣି ବିଭାଗ ମନ୍ତ୍ରୀ ମାନ୍ୟବର ବିଭୁତି ଭୂଷଣ ଜେନା, ମୋହନା ବିଧାୟକ ଦାଶରଥି ଗୋମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ ପାଣିଗ୍ରାହୀ, ସିନେ ତାରକା ପିଙ୍କି ପ୍ରଧାନ, ଗଜପତି ଆରକ୍ଷୀ ଅଧିକ୍ଷକ ଜତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜୀ ତିରୁପତି ରାଓ, ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡକ୍ଟର ଗୁଣନିଧି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଗୁରୁ ରଘୁନାଥ ପାତ୍ରଙ୍କ ନିର୍ଦ୍ଦେଶନାରେ ଭକ୍ତି ସଂସଦର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଲିନା ମହାନ୍ତି ଓ ଅମୂଲ୍ୟ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନଙ୍କ ଦ୍ୱାରା ସ୍ମରଣୀକା ଉନ୍ମୋଚିତ ହୋଇଥିଲା । ପ୍ରଥମ ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲା, ବ୍ଲକ ଓ ଜିଲ୍ଲା ବାହାରୁ କଳାକାରମାନେ ଆସି ନିଜର କଳା ପରିବେଷଣ କରିଥିଲେ । ଅତିଥିମାନେ ଷ୍ଟଲ ଗୁଡିକ ପରିଦର୍ଶନ କରିଥିଲେ । ଗଜପତିର କଳା, ସଂସ୍କୃତିକୁ ଉଦ୍‌ଜୀବିତ କରି ଲୋକଲୋଚନକୁ ଆଣିବା ହେଉଛି ଏହି ଉତ୍ସବର ଉଦ୍ଦେଶ୍ୟ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡକ୍ଟର ଗୁଣନିଧି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

**GOVERNMENT OF ODISHA, DEPARTMENTOF WATER RESOURCES** A-756
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDL-14/2024-25**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDL-14/2024-25 |
| 5. | Estimated Cost | : Rs. 13,15,240/- |
| 6. | Period of Completion | : 02 (Two) calendar months. |
| 7. | Date & time of availability of bid documents in the Portal | : From dt.21.12.2024 (10.00 AM) to dt.03.01.2025(5.30 PM) |
| 8. | Last date/ time for receipt of bid In the Portal | : dt.03.01.2025 (up to 5.30 PM) |
| 9. | Date and Place of opening of Bid | : dt.04.01.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Addl Chief Engineer
Mechanical Circle Bhubaneswar
OIPR-32405/11/0021/2425

**GOVERNMENT OF ODISHA, DEPARTMENTOF WATER RESOURCES** A-759
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDC-19/2024-25**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDC-19/2024-25 |
| 5. | Estimated Cost | : Rs. 17,64,717 /- |
| 6. | Period of Completion | : 02 (Two) calendar months. |
| 7. | Date & time of availability of bid documents in the Portal | : From dt.21.12.2024 (10.00 AM) to dt.03.01.2025(5.30 PM) |
| 8. | Last date/ time for receipt of bid In the Portal | : dt.03.01.2025 (up to 5.30 PM) |
| 9. | Date and Place of opening of Bid | : dt.04.01.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Addl Chief Engineer
Mechanical Circle Bhubaneswar
OIPR-32405/11/0010/2425

ଭୁବନେଶ୍ୱର
୨୧ ଡିସେମ୍ବର
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ୧୭୦ ରୋଡ୍ ଓଭର ବ୍ରିଜ୍ ପ୍ରକଳ୍ପ ପୂର୍ବତଟ ରେଳପଥର ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବେ ଅନୁମୋଦିତ



ଭୁବନେଶ୍ୱର, ୨୦।୧୨:ନ୍ୟୁଜ୍‌ବ୍ୟୁରୋ

ଭିତ୍ତିଭୂମି ତଥା ଜନସାଧାରଣଙ୍କ ନିରାପତ୍ତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ (ଇକୋର) ଶ୍ରୀ ପରମେଶ୍ୱର ଫୁଙ୍କୱାଲ ରେଳବାଇ (ସଂଶୋଧନ) ଅଧିନିୟମ ୨୦୦୮ ଅନୁଯାୟୀ ୧୭୦ ଗୋଟି ରୋଡ୍ ଓଭର ବ୍ରିଜ୍ (ଆରଓବି)ନିର୍ମାଣ ପ୍ରକଳ୍ପକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ଘୋଷଣା କରିବାକୁ ଅନୁମୋଦନ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ଥିର ହୋଇଛି, ଯାହା ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବାରେ ଏବଂ ଶୀଘ୍ର ଅନୁମୋଦନକୁ ସକ୍ଷମ କରିବାରେ ସାହାଯ୍ୟ କରିବ । ଏହି ପ୍ରକଳ୍ପଗୁଡ଼ିକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ଡିଜାଇନ୍ କରି, ପୂର୍ବତଟ ରେଳପଥ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟକୁ ସୁଗମ କରିବା, ଠିକ୍ ସମୟରେ ସମାପ୍ତି ସୁନିଶ୍ଚିତ କରିବା ଏବଂ ସାମଗ୍ରିକ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଲକ୍ଷ୍ୟ ରଖିଛି । ୧୭୦ ଗୋଟି ପ୍ରକଳ୍ପ ମଧ୍ୟରୁ ୧୧୦ ଗୋଟି ପ୍ରକଳ୍ପ ଓଡ଼ିଶାରେ ଥିବାବେଳେ ୬୦ ଗୋଟି ପ୍ରକଳ୍ପ ଆନ୍ଧ୍ରପ୍ରଦେଶରେ ଅବସ୍ଥିତ । ଏହି ରୋଡ୍ ଓଭର ବ୍ରିଜ୍ ଆରଓବି ଗୁଡିକ କେବଳ ରେଳ ଭିତ୍ତିଭୂମିରେ ଉନ୍ନତି ଆଣିବ ନାହିଁ ବରଂ ଉଭୟ ସଡକ ଏବଂ ରେଳ ବ୍ୟବହାରକାରୀଙ୍କ ସୁରକ୍ଷା ଏବଂ ସୁବିଧାକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରିବ । ମାନବରହିତ ଲେଭଲ କ୍ରସିଂଗୁଡିକ ବିଲୋପ କରିବା ଦ୍ୱାରା ଦୁର୍ଘଟଣାର ଆଶଙ୍କା ହ୍ରାସ ପାଇବ, ଟ୍ରାଫିକ୍ ପ୍ରବାହକୁ ସୁଗମ କରିବାରେ ସହାୟକ ହେବ ଏବଂ ଟ୍ରେନ୍ ଚଳାଚଳର ଉନ୍ନତ ଗତିଶୀଳତା ପାଇଁ ଅନୁମତି ଦିଆଯିବ। ଏହି ପ୍ରକଳ୍ପଗୁଡିକ ଲେଭଲ୍ କ୍ରସିଂ ଗେଟ୍ ଗୁଡିକରେ ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରି ସମଗ୍ର ଅଞ୍ଚଳରେ ନିରନ୍ତର ସଂଯୋଗକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି । ଜନସାଧାରଙ୍କ ନିରାପତ୍ତା ଏବଂ ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦେଇ, ୧୭୦ ଗୋଟି ରୋଡ୍ ଓଭର ବ୍ରିଜ୍ ପ୍ରକଳ୍ପ ଜନସାଧାରଣଙ୍କ କଲ୍ୟାଣକୁ ବୃଦ୍ଧି କରାଇବା ସହିତ ପରିବହନ ବ୍ୟବସ୍ଥାର ବିସ୍ତାର ଏବଂ ଆଧୁନିକୀକରଣର ଜାତୀୟ ଲକ୍ଷ୍ୟ ସହିତ ସମକକ୍ଷ ହେବ। ପୂର୍ବତଟ ରେଳପଥ ଆଞ୍ଚଳିକ ବିକାଶରେ ସହାୟକ ହେଉଥିବା ତଥା ଉଭୟ ସଡକ ଏବଂ ରେଳ ବ୍ୟବହାରକାରୀଙ୍କ ବୃଦ୍ଧି ପାଉଥିବା ଭିତ୍ତିଭୂମି ଆବଶ୍ୟକତାକୁ ସମାଧାନ କରିବାରେ ଉତ୍ସର୍ଗୀକୃତ ହୋଇ ରହିଥାଏ । ପରିବହନ କ୍ଷେତ୍ରରେ ଭିତ୍ତିଭୂମି ବୃଦ୍ଧି, ନିରାପଦ ତଥା ଦକ୍ଷ ରେଳ ସେବା ସୁନିଶ୍ଚିତ କରିବା ଏବଂ ପୂର୍ବାଞ୍ଚଳର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ସହଯୋଗ କରିବାକୁ ପୂର୍ବତଟ ରେଳପଥ ସର୍ବଦା ପ୍ରତିବଦ୍ଧ ।



ଭୁବନେଶ୍ୱର : ଜନତା ମୈଦାନରେ ହେବାକୁ ଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ ପାଇଁ ସଜେଇ ହେଉଛି ରାଜମହଲ ଓଭର ବ୍ରିଜ୍ କାନ୍ଥରେ ସମ୍ବଲପୁରୀ ଛାପ। (ଫଟୋ : ସମ୍ବାଦ କଳିକା)

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଶିଶୁ ଭବନର ନୂଆ ବିଲ୍ଡିଂ : ଏସ୍‌ସିବିରେ ପୂରଣ ହେବ ଡାକ୍ତର ପଦବୀ

କଟକ, ୨୦।୧୨:ନ୍ୟୁଜ୍‌ବ୍ୟୁରୋ



ହାଇକୋର୍ଟରେ କଟକ ସହର ସମସ୍ୟା ସମ୍ପର୍କିତ ମାମଲାର ଗୁରୁବାର ଶୁଣାଣି ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଶିଶୁ ଭବନ ନୂଆ ବିଲ୍‌ଡିଂ। ହାଇକୋର୍ଟଙ୍କୁ ଅବଗତ କରାଇଲେ ସ୍ୱାସ୍ଥ୍ୟ ସଚିବ। କଟକ ଶିଶୁ ଭବନ ସମ୍ମୁଖରୁ ହଟିବ ଜବରଦଖଲ । ଶିଶୁ ଭବନ ପ୍ରବେଶ ଦ୍ୱାରକୁ ଅବରୋଧ ମୁକ୍ତ କରିବା ଲାଗି ଶୁକ୍ରବାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଉଭୟ କଟକ ଡିସିପି ଏବଂ ସିଏମସି କର୍ତ୍ତୃପକ୍ଷ ହାଇକୋର୍ଟଙ୍କୁ ପ୍ରତିଶୃତି ଦେଇଛନ୍ତି । ତେବେ ଶିଶୁ ଭବନ ଭିତରେ ନିର୍ମିତ ହୋଇସାରିଥିବା ୨ ବୃହତ୍ତ ଅଟ୍ଟାଳିକା କେବେ କାର୍ଯ୍ୟକ୍ଷମ ହେବ ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି, ଯାହା ଉପରେ କୈଫତ ଦେବାଲାଗି ସ୍ୱାସ୍ଥ୍ୟ ସଚିବ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ସେ କହିଥିଲେ, ଫାୟାର ସେଫଟି ସାର୍ଟିଫିକେଟ ମିଳିବା ମାତ୍ରେ କାର୍ଯ୍ୟକ୍ଷମ ହେବ ନୂଆ ବିଲ୍‌ଡିଂ ବୋଲି ସ୍ୱାସ୍ଥ୍ୟ ସଚିବ ଜଣାଇଛନ୍ତି। ସେହିପରି ଏସସିବି ମେଡ଼ିକାଲରେ ଡାକ୍ତର ପଦବୀ ପୂରଣ ହେବ। ସେ ନେଇ ବିଭାଗୀୟ ପଦକ୍ଷେପ ନିଆଯାଉଛି ବୋଲି ହାଇକୋର୍ଟଙ୍କୁ ଅବଗତ କଲେ ସ୍ୱାସ୍ଥ୍ୟ ସଚିବ। ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ମିଳିବା କ୍ଷଣି ବିଲ୍‌ଡିଂ କାର୍ଯ୍ୟକ୍ଷମ ହେବ । କଟକ ସହର ସମସ୍ୟା ସମ୍ପର୍କିତ ମାମଲାର ଶୁଣାଣି ବେଳେ ମୁଖ୍ୟତଃ ୩ଟି ପ୍ରସଙ୍ଗ ଉତ୍ଥାପନ କରାଯାଇଛି । ସେଥିମଧ୍ୟରୁ ଏସସିବି ମେଡ଼ିକାଲରେ ଡାକ୍ତର ଅଭାବ, ରୋଗୀଙ୍କ ଆଟେଣ୍ଡାଣ୍ଟ ମାନଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ ଏବଂ ସିଟି ସ୍କାନ ଓ ଏମଆରଆଇ ମେସିନ କାର୍ଯ୍ୟକ୍ଷମ କରାଯିବା ଉପରେ ଆଡ଼ଭୋକେଟ୍ କମିଟି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛି, ସେସବୁର ଶୀଘ୍ର ସମାଧାନ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ।

## ଲାଞ୍ଚ ନେଇ ଫସିଗଲେ ଦୁଇ ବୟନ ଶିଳ୍ପ ଇନ୍‌ସପେକ୍ଟର

ଭୁବନେଶ୍ୱର,୨୦।୧୨:ନ୍ୟୁଜ୍‌ବ୍ୟୁରୋ

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବୌଦ୍ଧ ବୟନ ଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ଅଫିସର ଦୁଇ ଜଣ ବୟନ ଶିଳ୍ପ ଇନ୍‌ସପେକ୍ଟର। ସେମାନେ ହେଉଛନ୍ତି- କୃଷ୍ଣଚନ୍ଦ୍ର ସାହୁ ଓ ଅଦିତ କୁମାର ଦାସ। ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଅଞ୍ଚଳର ଏକ ସମବାୟ ସମିତିର ବିଲ୍ ରିଲିଜ୍ ପାଇଁ ଆବଶ୍ୟକୀୟ କାମ କରିବାକୁ ଏହି ଦୁଇ ଅଧିକାରୀ ଲାଞ୍ଚ ମାଗିଥିଲେ। ଏନେଇ ଉକ୍ତ ସମବାୟ ସମିତି ପକ୍ଷରୁ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା। ଭିଜିଲାନ୍ସର ଯୋଜନା ପ୍ରକାରେ ଏହି ସଂସ୍ଥାର ଜଣେ କାର୍ଯ୍ୟକର୍ତ୍ତା ବୟନ ଶିଳ୍ପ ଇନ୍‌ସପେକ୍ଟର କୃଷ୍ଣଚନ୍ଦ୍ର ସାହୁ ଓ ଅଦିତ କୁମାର ଦାସଙ୍କୁ ଲାଞ୍ଚ ବାବଦକୁ ୫ ହଜାର ଟଙ୍କା ଦେଇଥିଲେ। ଏହି ଦୁଇ ଅଧିକାରୀ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ସେମାନଙ୍କୁ ଧରିଥିଲେ ଭିଜିଲାନ୍ସ ଅଧିକାରୀ। ସେମାନଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ ଏହି ଦୁଇ ଅଧିକାରୀଙ୍କ ଦୁଇଟି ଲେଖାଏଁ ଠିକଣାରେ ଚଢ଼ଉ କରିଛି ଭିଜିଲାନ୍ସ।

## ୨୩ରେ କିଟ୍ ନହ୍ନିପରୀ ଗ୍ରାଣ୍ଡ ଫିନାଲେ

# ମୁଖ୍ୟ ଆକର୍ଷଣ ନିକିତା ପରୱାଲ୍, ରେଖା ପାଣ୍ଡେ ଓ ଆୟୁଷୀ ଢୋଲକିଆ

ଭୁବନେଶ୍ୱର, ୨୦।୧୨
ନ୍ୟୁଜ୍‌ବ୍ୟୁରୋ

KIIT NANHIPARI
LITTLE MISS INDIA
24th Edition

କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆର ୨୪ତମ ସଂସ୍କରଣର ଗ୍ରାଣ୍ଡ ଫିନାଲେ ଡିସେମ୍ବର ୨୩ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଆଞ୍ଚଳିକ ଅଡିସନ୍‌ରୁ ମନୋନୀତ ହୋଇଥିବା ୨୬ ରାଜ୍ୟର ୪ହଜାର ପ୍ରତିଯୋଗୀଙ୍କ ମଧ୍ୟରୁ ୨୫ଜଣ ଶ୍ରେଷ୍ଠ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ଚୂଡ଼ାନ୍ତ ପର୍ଯ୍ୟାୟରେ ବିଭିନ୍ନ ବିଭାଗରୁ ୧୦ଜଣଙ୍କୁ ମନୋନୀତ କରାଯିବା ସହ ଶ୍ରେଷ୍ଠ ୩ଜଣଙ୍କୁ କିଟ୍ ନହ୍ନିପରୀ ଟାଇଟଲ୍, ପ୍ରଥମ ରନର୍ସଅପ୍ ଓ ଦ୍ୱିତୀୟ ରନର୍ସ ଅପ୍ ଟାଇଟଲ୍ ପ୍ରଦାନ କରାଯିବ। ଚଳିତବର୍ଷ ମୁଖ୍ୟ ଆକର୍ଷଣ ଅଛନ୍ତି ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୪ ନିକିତା ପରୱାଲ୍, ଫେମିନା ମିସ୍ ଇଣ୍ଡିଆ ୨୦୨୪ ପ୍ରଥମ ଉପବିଜେତା ରେଖା ପାଣ୍ଡେ ଏବଂ ଫେମିନା ମିସ୍ ଇଣ୍ଡିଆ ୨୦୨୪ ଦ୍ୱିତୀୟ ଉପବିଜେତା ଆୟୁଷୀ ଢୋଲକିଆ।

ଚଳିତବର୍ଷ ଅଗଷ୍ଟ ମାସରୁ ନଭେମ୍ବର ପର୍ଯ୍ୟନ୍ତ ଦେଶର ବିଭିନ୍ନ ରାଜ୍ୟରେ ଏଥିପାଇଁ ଆଞ୍ଚଳିକ ଅଡିସନ୍ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମୋଟ ୪୧ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରଖାଯାଇଛି। ନହ୍ନିପରୀ ଟାଇଟଲ୍ ବିଜେତାଙ୍କୁ ନଗଦ ୩ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଆକାରରେ ପ୍ରଦାନ କରାଯିବାକୁ ଥିବା ବେଳେ ସେ କିଟ୍‌ରେ ପାଠ ପଢ଼ିଲେ ତାଙ୍କର ଶହେ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି ଛାଡ଼ ହେବ । ପ୍ରଥମ ରନର୍ସ ଅପ୍‌ଙ୍କୁ ନଗଦ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ସହ ଏବଂ ସେ କିଟ୍‌ରେ ପାଠ ପଢ଼ିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ କରାଯିବ। ଦ୍ୱିତୀୟ ରନର୍ସଅପ୍ ପାଇଁ ୫୦ ହଜାର ଟଙ୍କା ନଗଦ ଅର୍ଥରାଶି ସହ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ପୁରସ୍କାର ପ୍ରଦାନ କରାଯିବ।

ସେହିପରି ପ୍ରତିଯୋଗିତାର କ୍ରୀଡ଼ା, ସାଧାରଣଜ୍ଞାନ, ମିସ୍ ରାପୁଞ୍ଜେଲ୍, ମିସ୍ ଫଟୋଜେନିକ୍, ମିସ୍ ସେଲ୍‌ଫି (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍), ମିସ୍ ଫେସନ୍ ଗାର୍ଲ, ମିସ୍ ୱିଜ୍‌କିଡ୍, ମିସ୍ ସିଣ୍ଡ୍ରେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ୍, ମିସ୍ ମୋନାଲିସା ଏବଂ ମିସ୍ ଆକ୍‌ଟିଭ୍ ଆଦି ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ପ୍ରତିଯୋଗୀଙ୍କ ପାଇଁ ମଧ୍ୟ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି। ୨୦୦୧ ମସିହାରେ କେନ୍ଦୁଝରରୁ ଆରମ୍ଭ ହୋଇଥିବା କିଟ୍ ନହ୍ନିପରୀ ପ୍ରତିଯୋଗିତା ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପୃଷ୍ଠପୋଷକତା ଓ ପରାମର୍ଶ କ୍ରମେ ଏବେ ସମଗ୍ର ଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିଛି। ପ୍ରତିବର୍ଷ ପରି ଚଳିତବର୍ଷ ବର୍ଷତମାମ ନହ୍ନିପରୀ ପରିବାର ପକ୍ଷରୁ ମଳୟ ମହାପାତ୍ର, ଡ. ଶ୍ରଦ୍ଧାଞ୍ଜଳି ନାୟକ, ସୋମା ମହାନ୍ତି ପ୍ରମୁଖ ଦେଶର ସମସ୍ତ ରାଜ୍ୟରେ ଆଞ୍ଚଳିକ ଅଡ଼ିସନ କରି ପ୍ରତିଭା ଚୟନ କରିଥାନ୍ତି।

# କେନ୍ଦ୍ର ସରକାରଙ୍କ ଫୋକସରେ ଲଗାତାର ଓଡ଼ିଶା

ଭୁବନେଶ୍ୱର, ୨୦।୧୨
ନ୍ୟୁଜ୍‌ବ୍ୟୁରୋ



ଡିସେମ୍ବର ୨୮ ରୁ ୩୦ ମଧ୍ୟରେ ଯେ କୌଣସି ଦୁଇ ଦିନ ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଏନେଇ ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବା ପରେ ବିସ୍ତୃତ ସୂଚନା ଦିଆଯିବ ବୋଲି କହିଛନ୍ତି ରାଜ୍ୟ ସଭାପତି। ତେବେ ଭୁବନେଶ୍ୱରରେ ବିଜେପି ବିଧାୟକ ମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶାହ ଯୋଗ ଦେବାନେଇ ମିଳିଛି ସୂଚନା। ଏଥିସହ କେନ୍ଦ୍ର ଗୃହମନ୍ତ୍ରୀ ଏହି ଗସ୍ତବେଳେ ସମ୍ବଲପୁର ମଧ୍ୟ ଯାଇପାରନ୍ତି ବୋଲି କୁହାଯାଉଛି। ଏହି ଗସ୍ତ ଅବସରରେ ସେ କିଛି ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କିମ୍ବା ଶିଳାନ୍ୟାସ କରିପାରନ୍ତି। ଡିସେମ୍ବରରେ ଶାହଙ୍କ ଗସ୍ତ ପରେ ପରେ ୨୦୨୫ ଜାନୁଆରୀ ମାସରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜାନୁଆରୀ ୮ରୁ ୧୦ ତିନିଦିନ ଧରି ଭୁବନେଶ୍ୱରରେ ଅନୁଷ୍ଠିତ ହେବ ପ୍ରବାସୀ ଭାରତୀୟ ଦିବସ। ଏଥିରେ ଯୋଗଦେବେ ପ୍ରଧାନମନ୍ତ୍ରୀ। ଏହାପରେ ପୁଣିଥରେ ସେହି ଜାନୁଆରୀ ଶେଷ ଆଡୁକୁ ଓଡ଼ିଶା ଆସିବେ ମୋଦି। ଜାନୁଆରୀ ୨୮ ଓ ୨୯ ଦୁଇ ଦିନ ଧରି ଆୟୋଜିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ରେ ସାମିଲ ହେବେ ପ୍ରଧାନମନ୍ତ୍ରୀ। ଗତ ନଭେମ୍ବର ୨୯ରୁ ଡିସେମ୍ବର ପହିଲା ଯାଏ ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ଡିଜି ସମ୍ମିଳନୀରେ ଯୋଗ ଦେବା ପାଇଁ ଓଡ଼ିଶା ଆସିଥିଲେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ। ଆଉ ଭୁବନେଶ୍ୱରରେ ୩ ଦିନ ଅବସ୍ଥାନ କରିଥିଲେ ଦୁଇ ନେତା। କୌଣସି ପ୍ରଧାନମନ୍ତ୍ରୀର ଓଡ଼ିଶାରେ ଲଗାତାର ୩ ଦିନ ରହଣୀର ଏହା ଥିଲା ପ୍ରଥମ ଅବସର। ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରଠୁ ମୋଦିଙ୍କ ଫୋକସରେ ରହି ଆସିଛି ଓଡ଼ିଶା ସମେତ ପୂର୍ବ ଭାରତ। ଆଉ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେବା ପରଠୁ ପ୍ରଧାନମନ୍ତ୍ରୀଙ୍କର ଓଡ଼ିଶା ଉପରେ ଫୋକସ ଆହୁରି ବଢ଼ିଯାଇଛି। ୨୦୨୪ ନିର୍ବାଚନ ସରିବା ପରଠୁ ୩ ଥର ଓଡ଼ିଶା ଆସିସାରିଲେଣି ମୋଦି। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଲଗାତାର ଓଡ଼ିଶା ଗସ୍ତ ରାଜ୍ୟରେ ବିକାଶର ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ଆଶା କରାଯାଉଛି।

## ବୈକୁଣ୍ଠ ଆଶ୍ରମ ବେଆଇନ ନିର୍ମାଣ ମାମଲା : ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ବଳବତ୍ତର

ଭୁବନେଶ୍ୱର,୨୦।୧୨:ନ୍ୟୁଜ୍‌ବ୍ୟୁରୋ

ଗଣ ଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଦିଆଯାଇଥିବା ଚିଠି ନକଲି ବୋଲି ଶୁକ୍ରବାର ସରକାରଙ୍କ ପକ୍ଷରୁ କୋର୍ଟରେ କୁହାଯାଇଥିଲା। ଏହାକୁ ସତ୍ୟପାଠ ଆକାରରେ ଦେବାକୁ ନିର୍ଦ୍ଦେଶ ଦେବା ସହ ଆସନ୍ତା ଜାନୁଆରୀ ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି।

ଭୁବନେଶ୍ୱର ଖଣ୍ଡଗିରି ବୈକୁଣ୍ଠ ଧାମ ଆଶ୍ରାମର ବେଆଇନ ନିର୍ମାଣ ଭଙ୍ଗାଯିବା ପ୍ରସଙ୍ଗରେ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ବଳବତ୍ତର ରହିଛି। ଭୁବନେଶ୍ୱର ଘାଟିକିଆ ମୌଜାର ଖାତା ନଂ ୨୩୩୩ର ପ୍ଲଟ ନଂ ୧୨୧୫ ଉପରେ ଥିବା ବୈକୁଣ୍ଠ ଧାମ ଆଶ୍ରମର ନିର୍ମାଣ ଉପରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଗତ ମାସ ୨୧ ତାରିଖରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଥିଲେ।

ସମ୍ପୃକ୍ତ ଜମି ଉପରେ ବୈକୁଣ୍ଠ ଧାମ ଟ୍ରଷ୍ଟ ପକ୍ଷରୁ ଯୋଗ ଶିକ୍ଷା ଦିଆଯାଉଛି ଏବଂ ସେହି ଜମିକୁ ଟ୍ରଷ୍ଟକୁ ହସ୍ତାନ୍ତର କରିବା ପାଇଁ ଗଣ ଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ସୁପାରିସ କରାଯାଇଛି ବୋଲି ଆବେଦନକାରୀ ହାଇକୋର୍ଟରେ ଦର୍ଶାଇଥିଲେ। ସେହି ଆଧାରରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟ ରୋକ ଲଗାଇଥିଲେ।



ଭୁବନେଶ୍ୱର : ଅଦିନିଆ ଲଘୁଚାପଜନିତ ଝିପିଝିପି ବର୍ଷା ଓ କୋହଲା ପାଗରେ ସ୍କୁଲ ଅଭିମୁଖେ ତିନି ଛାତ୍ର। (ଫଟୋ : ସମ୍ବାଦ କଳିକା)

## କ୍ଷୀରୋଦ ମଲ୍ଲିକଙ୍କ ଘରେ ଇଡିର ଚଢ଼ଉ

ସମ୍ବଲପୁର୨୦।୧୨ ନ୍ୟୁଜ ବ୍ୟୁରୋ

ଦ୍ୱିତୀୟ ଦିନରେ କ୍ଷୀରୋଦ ମଲ୍ଲିକଙ୍କ ଘରେ ଚାଲିଛି ଇଡି ରେଡ୍। ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ଭାଇ କ୍ଷୀରୋଦ ମଲ୍ଲିକଙ୍କ ଘରେ ଗୁରୁବାର ମଧ୍ୟ ଇଡି ଚଢ଼ଉ କରିଛି। ୨୩୧ କୋଟି ଠକେଇ ଅଭିଯୋଗରେ ଛାନଭିନ୍ କରୁଛି ଇଡି। ଏନଜିଓ 'ବିଶ୍ୱ' ଅଫିସ ସମ୍ପାଦକଙ୍କ ଘର ସମେତ ମୋଦିପଡ଼ା, ଧନୁପାଲି ଅଞ୍ଚଳରେ ରେଡ୍ ଜାରି ରହିଛି। 'ବିଶ୍ୱ' ଏନଜିଓର ପ୍ରତିଷ୍ଠାତା ହେଉଛନ୍ତି କ୍ଷୀରୋଦ ମଲ୍ଲିକ। ବୁଧବାର ଦିନ ବିଶ୍ୱ ଏନଜିଓ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବଡ଼ଧରଣର ଚଢ଼ଉ କରାଯାଇଥିଲା। ସମ୍ବଲପୁରର ୩ଟି ଏବଂ ଦିଲ୍ଲୀର ଗୋଟିଏ ସ୍ଥାନରେ ରେଡ୍ ହୋଇଥିଲା। ୨୩୧ କୋଟି ଟଙ୍କାର ଠକେଇ ଅଭିଯୋଗରେ ଇଡି ପକ୍ଷରୁ ଚଢ଼ଉ ହୋଇଥିଲା। ଗୁରୁବାର ବି ଇଡି ପକ୍ଷରୁ ସମ୍ବଲପୁରରେ ହୋଇଛି ଚଢ଼ଉ ।

# ଚୀନ୍ କବ୍‌ଜାରେ ଭୁଟାନର ୨% ଜମି: ଭାରତ ସୀମା ନିକଟରେ ଅଛି ୮ ଗାଁ

ବେଜିଂ, ୨୦।୧୨



ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ସ୍ଥିତି ସ୍ୱାଭାବିକ ହେବା ପରେ ଏବେ ଚୀନ୍‌ର କିଛି ନକାରାତ୍ମକ କାର୍ଯ୍ୟ ଲୋକଲୋଚନକୁ ଆସିଛି । ଚୀନ୍ ଭୁଟାନର ୨% ଜମି କବ୍‌ଜା କରିନେଇଛି । ଗତ ୮ ବର୍ଷ ମଧ୍ୟରେ ଭୁଟାନ୍‌ର ସୀମା ନିକଟରେ ୨୨ଟି ଗ୍ରାମ ନିର୍ମାଣ କରିଛି । ବଡ଼ କଥା ହେଉଛି ଏଥିରୁ ୮ଟି ଗ୍ରାମ ଭାରତୀୟ ସୀମା ନିକଟରେ ରହିଛି । ଭାରତ ଉପରେ ନଜର ରଖିବା ପାଇଁ ଚୀନ୍ ଏଭଳି ହରକତ କରିଥାଇପାରେ ବୋଲି ଅନୁମାନ କରାଯାଉଛି । ଏ ନେଇ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ଚୀନ୍ ଯେଉଁ ୨୨ ଗ୍ରାମ ଗଢ଼ିଛି, ସେଥିରୁ ୮ଟି ଭୁଟାନ୍‌ର ପଶ୍ଚିମ ଭାଗ ଡୋକଲାମ ସୀମା ନିକଟରେ ରହିଛି । ଏଗୁଡ଼ିକୁ ୨୦୨୦ ପରେ ନିର୍ମାଣ କରାଯାଇଥିଲା, ଯେବେ କି ଭାରତ ସହ ଚୀନ୍‌ର ବିବାଦ ସୃଷ୍ଟି ହୋଇଥିଲା । ଏହି ଗ୍ରାମଗୁଡ଼ିକ ଏଭଳି ଘାଟି ଉପରେ ନିର୍ମାଣ ହୋଇଛି, ଯାହାକୁ ଚୀନ୍ ସବୁବେଳେ ନିଜର ବୋଲି ଦାବି କରିଆସୁଛି । ଗ୍ରାମଗୁଡ଼ିକ ନିକଟରେ ଚୀନ୍‌ର ସେନା ପୋଷ୍ଟ ବି ରହିଛି । ୨୨ ଗ୍ରାମ ମଧ୍ୟରୁ ସବୁଠୁ ବଡ଼ ହେଉଛି ଜୀବୁ। ଭାରତ ସରକାର ଏହି ମାମଲାରେ ଏ ପର୍ଯ୍ୟନ୍ତ କୌଣସି ବୟାନ ଦେଇନାହାନ୍ତି । ଅନ୍ୟପକ୍ଷରେ ଚୀନ୍‌ର ସମ୍ପୃକ୍ତ କାର୍ଯ୍ୟକଳାପ ସଂକ୍ରାନ୍ତ ଖବରକୁ ଭୁଟାନ ଖଣ୍ଡନ କରିଛି।

# ଦଲାଲଙ୍କୁ ସାହାଯ୍ୟ କରୁଥିବା ଅଫିସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର, ୨୦।୧୨:ନ୍ୟୁଜ୍‌ବ୍ୟୁରୋ

ମଣ୍ଡିରେ ଧାନ କିଣା ପ୍ରକ୍ରିୟା ସ୍ୱଚ୍ଛ ରଖିବା ଲାଗି ସରକାରଙ୍କ କଠୋର ଆଭିମୁଖ୍ୟ । କଟନୀ ଛଟନୀ ବନ୍ଦ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ବିଜେପି ସରକାର। ଯିଏ ଖିଲାପ କରୁଛି ହେଉଛି ଆକ୍ସନ । ନୂଆପଡ଼ା ଜିଲ୍ଲା ବୋଡ଼େନ ପାକ୍ସର ଜଣେ ଆରଏମ୍‌ସି କର୍ମଚାରୀ ଆଲୋକ ରଞ୍ଜନ ବେହେରାଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ବହିଷ୍କାର କରାଯାଇଛି । ଅଣ ଏଫ୍‌ଏକ୍ୟୁ ଧାନକୁ ଏଫ୍‌ଏକ୍ୟୁ କରିବା ଏବଂ ଚାଷୀଙ୍କୁ ହଇରାଣ କରିବା ସହ ଦଲାଲମାନଙ୍କ ସହ ମିଶି ମଣ୍ଡିରେ ରାଜୁତି କରୁଥିବା ନେଇ ସଂପୃକ୍ତ ଆରଏମ୍‌ସି କର୍ମଚାରୀଙ୍କ ନାଁରେ ବାରମ୍ବାର ଅଭିଯୋଗ ହେଉଥିଲା । ଆଉ ଅଭିଯୋଗ ପାଇବା ପରେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ତେବେ ଦଲାଲମାନଙ୍କୁ ସହାୟତା କରୁଥିବା ଏଭଳି ଅଫିସରମାନଙ୍କ ଉପରେ ଆକ୍ସନ ନିଆଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଯୋଗାଣ ମନ୍ତ୍ରୀ । ବଲାଙ୍ଗିର ଜିଲ୍ଲାରେ ବି ବଡ଼ ଆକ୍ସନ ହୋଇଛି। ବଲାଙ୍ଗିର ଜିଲ୍ଲାପାଳ ଡିସେମ୍ବର ୨ ତାରିଖରେ ମଣ୍ଡିକୁ ଯାଇ ଧାନ କିଣା ଶୁଭାରମ୍ଭ କରିଥିଲେ । କିନ୍ତୁ ଆଜି ଯାଏଁ ମଣ୍ଡିରୁ ଧାନ ଉଠି ପାରୁନାହିଁ । ଟୋକନ ପାଇଥିବା ଚାଷୀମାନେ ମଣ୍ଡିରେ ନିଜ ଧାନ ଆଣି ରଖୁଛନ୍ତି । କିନ୍ତୁ ମିଲର୍ସ ଧାନ ଉଠାଉ ନାହାନ୍ତି। ଯେଉଁଥିପାଇଁ ୪ ମିଲର୍ସଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ଯୋଗାଣ ବିଭାଗ । ଶ୍ରୀ ଶ୍ୟାମଜୀ ରାଇସ ମିଲ, ରାଧେ ଗୋବିନ୍ଦ ପ୍ୟାଡି ପ୍ରସେସିଂ, ପାହାଡି ମାତା ରାଇସମିଲ ଓ ଭଗବତୀ ରାଇସ ମିଲ୍‌କୁ ନୋଟିସ ଦେଇଛି ବିଭାଗ । ତେବେ ଆଗକୁ ଧାନ ନଉଠାଇ ଚାଷୀଙ୍କୁ ହଇରାଣ କଲେ ହେବ କଡା କାର୍ଯ୍ୟାନୁଷ୍ଠାନ । ଦରକାର ପଡିଲେ ସଂପୃକ୍ତ ରାଇସ ମିଲ୍‌କୁ ଧାନ ଲିଫ୍ଟିଂରୁ ବାଦ ଦିଆଯିବ ବୋଲି କହିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ । ଏ ସବୁ ଭିତରେ ସେହି ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକରୁ ଆସିଛି ଦଲାଲ ରାଜ ଓ କଟନୀ ଛଟନୀ ଅଭିଯୋଗ। ସରକାରଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି କିଛି ଏସଏଚଜି ଗ୍ରୁପ । ଘୁନସର ଗାଁର କମିଳିନି ଏସଏଚଜି, ଭେଜିପଦର ଗାଁର ବୀଣାପାଣି ଏସଏଚଜି ଓ ଶିଶକେଳା ଗାଁର ପଲ୍ଲୀଶ୍ରୀ ଏସଏଚଜିକୁ ଚଳିତ ବର୍ଷ ଧାନ କିଣିବାକୁ ଅନୁମତି ମିଳିଛି। ହେଲେ ମଣ୍ଡିରେ ଧାନ ବିକ୍ରି ବେଳେ ଦାୟିତ୍ୱରେ ଥିବା ଏସଏଚଜି ମହିଳାମାନେ ୫ କେଜି କଟନୀ ଛଟନୀ କରୁଥିବା ନେଇ ଅଭିଯୋଗ କରିଛନ୍ତି ଚାଷୀ । ପ୍ରତି ମଣ୍ଡିରେ ଧାନ କିଣା ପ୍ରକ୍ରିୟା ଉପରେ ରହିଛି ସରକାରଙ୍କ କଡା ନଜର ।

# ଅବସରପ୍ରାପ୍ତ ସିଜେଆଇଙ୍କୁ ନୂଆ ଦାୟିତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଆଗ୍ରହୀ

ନୂଆଦିଲ୍ଲୀ, ୨୦।୧୨



ଜଷ୍ଟିସ୍ ଡି.ୱାଇ.ଚନ୍ଦ୍ରଚୂଡ଼ ଗତ ନଭେମ୍ବର ମାସରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ପଦବୀରେ ଅବସର ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତାଙ୍କୁ ନୂଆ ଦାୟିତ୍ୱ ଦେବାକୁ ଇଚ୍ଛାବ୍ୟକ୍ତ କରିଛନ୍ତି। ତେବେ ଏଥିରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼୍‌ଗେ ଆପତ୍ତି କରିଛନ୍ତି। ଜାତୀୟ ମାନବାଧିକାର ଆୟୋଗ ପଦବୀ ଗତ ଜୁଲାଇ ୧ ତାରିଖରୁ ଖାଲି ପଡିଛି। ଜୁନ ୩୦ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଅରୁଣ ମିଶ୍ର ପଦବୀରୁ ଅବସର ଗ୍ରହଣ କରିଥିଲେ। ଏବେ ଏହି ପଦବୀକୁ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଦ୍ୱାରା ପୂରଣ କରିବାକୁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଚାହୁଁଛନ୍ତି। ଏଥି ପାଇଁ ନିକଟରେ ନିଯୁକ୍ତି ସମ୍ପର୍କିତ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ୪ ସଦସ୍ୟୀୟ କମିଟିରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ ଓ ଲୋକସଭା, ରାଜ୍ୟସଭାର ବିରୋଧୀ ଦଳ ନେତା ସଦସ୍ୟ ଅଛନ୍ତି। ତେବେ କୁହାଯାଉଛି ଜାତୀୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ ରୂପେ ଚନ୍ଦ୍ରଚୂଡ଼ଙ୍କ ନାମ ଉପରେ ଦୁଇ ବିରୋଧୀ ଦଳ ନେତା ସହମତ ହେଉ ନାହାନ୍ତି ଓ ସେମାନେ କଡ଼ା ଆପତ୍ତି କରିଛନ୍ତି। ସରକାରୀ ସୂତ୍ରକୁ ଆଧାର କରି ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଆପତ୍ତିର କାରଣ ଦର୍ଶାଇ ରାହୁଲ ଓ ଖଡ୍‌ଗେ ଖୁବ୍ ଶୀଘ୍ର କମିଟିର ଅଧ୍ୟକ୍ଷ ନରେନ୍ଦ୍ର ମୋଦିଙ୍କ ନିକଟକୁ ରିପୋର୍ଟ ପଠାଇବେ। ଉଲ୍ଲେଖଯୋଗ୍ୟ ଯେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ପୂର୍ବରୁ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଜାତୀୟ ମାନବାଧିକାର ଆୟୋଗର ଅଧ୍ୟକ୍ଷ ରହିଛନ୍ତି। କେ.ଜି.ବାଲକୃଷ୍ଣନ ଓ ଏଚ.ଏଲ. ଦତ୍ତୁ ଏହି ପଦବୀରେ କାମ କରିଛନ୍ତି। ସେହି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଏହି ପଦବୀରେ ଅବସରପ୍ରାପ୍ତ ସିଜେଆଇଙ୍କୁ ବସାଇବାକୁ ଚାହୁଁଛନ୍ତି। ତେବେ ସୂଚନା ଅନୁସାରେ କେବଳ କଂଗ୍ରେସ ନୁହେଁ ଅନ୍ୟ କେତେକ ବିରୋଧୀ ଦଳ ଓ ନାଗରିକ ସଙ୍ଗଠନ ମଧ୍ୟ ଚନ୍ଦ୍ରଚୂଡଙ୍କୁ ଏହି ପଦବୀରେ ବିରୋଧ କରୁଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ରୂପେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ନିରପେକ୍ଷତାକୁ ନେଇ ଅନେକବାର ପ୍ରଶ୍ନ ଉଠିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କର ଭଲ ସମ୍ପର୍କକୁ ନେଇ ମଧ୍ୟ ବେଶ୍ ବିବାଦ ହୋଇଥିଲା। ଗତ ଗଣେଶ ପୂଜାରେ ସିଜେଆଇଙ୍କ ଘରକୁ ପ୍ରଧାନମନ୍ତ୍ରୀ ଯିବାର ଫଟୋ ଭାଇରାଲ ହୋଇଥିଲା। ଏବେ ସେହି ବ୍ୟକ୍ତିଙ୍କୁ ଜାତୀୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାକୁ ରାହୁଲ ଓ ଖଡ୍‌ଗେ ବିରୋଧ କରୁଛନ୍ତି।

## ପରିତ୍ୟକ୍ତ ଇନୋଭାରୁ ମିଳିଲା ୫୨ କେଜି ସୁନା ଓ ୧୦ କୋଟି ଟଙ୍କା

ଭୋପାଲ, ୨୦।୧୨

ଆୟକର ବିଭାଗ ଓ ଲୋକାୟୁକ୍ତ ପୁଲିସ୍ ଭୋପାଳର ବିଭିନ୍ନ ସ୍ଥାନରେ ରେଡ କରି କୋଟି କୋଟି ଟଙ୍କାର ସୁନା ଓ ନଗଦ ଟଙ୍କା ଜବତ କରିଛି। ଏଥିସହ ରାଜନେତା, ସରକାରୀ ଅଧିକାରୀ ଓ ରିୟଲ ଇଷ୍ଟେଟ ବ୍ୟବସାୟୀଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକାର ସୁରାକ ପାଇଛି। ତେବେ ସୁବାଠାରୁ ନାଟକୀୟ ଢଙ୍ଗରେ ଜବତ ହୋଇଛି ୫୨ କେଜି ସୁନା ବିସ୍କୁଟ ଓ ନଗଦ ୧୦ କୋଟି ଟଙ୍କା। ଅଧିକାରୀମାନେ ଗୋଟିଏ ପରିତ୍ୟକ୍ତ ଇନୋଭା କାର୍‌ରୁ ଏତେ ପରିମାଣର ସୁନା ଓ ନଗଦ ଟଙ୍କା ଜବତ କରିଛନ୍ତି। ଜବତ ସୁନାର ମୂଲ୍ୟ ୪୦ କୋଟି ଟଙ୍କାରୁ ଅଧିକ ହେବ। ଭୋପାଳ ଉପକଣ୍ଠରେ ଥିବା ମେନ୍ଦୋରି ଜଙ୍ଗଲରୁ କାର୍‌କୁ ଠାବ କରାଯାଇଛି। ଏହାପୂର୍ବରୁ ଜଙ୍ଗଲ ରାସ୍ତାରେ ସୁନା ଚୋରା ଚାଲାଣ କରାଯାଉଥିବା ପୁଲିସକୁ ଖବର ମିଳିଥିଲା। ଖବର ମିଳିବା ପରେ ୧୦୦ରୁ ଅଧିକ ପୁଲିସ୍ ୩୦ଟି ଗାଡ଼ି ଧରି ଜଙ୍ଗଲ ରାସ୍ତାକୁ ଘେରାଉ କରିଥିଲେ। କାର ଯେମିତି ଜଙ୍ଗଲ ରାସ୍ତାରୁ ଖସି ନ ଯାଇପାରିବ, ସେଥିପାଇଁ ପୂରା ବ୍ୟବସ୍ଥା ହୋଇଥିଲା। କିନ୍ତୁ ସର୍ଚ୍ଚ ଅପରେସନ ବେଳେ କାର ଭିତରୁ କୌଣସି ବ୍ୟକ୍ତିଙ୍କୁ ଠାବ କରାଯାଇ ପାରିନି। ଏହା ଭିତରୁ ୨ଟି ବ୍ୟାଗ ଜବତ କରାଯାଇଛି। ବ୍ୟାଗରୁ ୫୨ କେଜି ଓଜନର ସୁନା ବିସ୍କୁଟ ଓ ବଣ୍ଡଲ ବଣ୍ଡଲ ନଗଦ ଟଙ୍କା ମିଳିଛି।